NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
30 MARCH 2026
ସୋମବାର
୩୦ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 311 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୧୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ଭିଜିଲାନ୍ସ ଜାଲରେ ଆର୍‌ଆଇ

**ଟାଙ୍ଗୀ-ଚୌଦ୍ୱାର, ୨୯।୩/ଏନ୍‌ଏନ୍‌ଏସ୍:**

ଏକ ମ୍ୟୁଟେସନ ମାମଲାରେ ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ତହସିଲର ମଙ୍ଗରାଜପୁର ରାଜସ୍ୱ ନିରୀକ୍ଷକ (ଆରଆଇ) ରାଜାରାମ ବାଦ୍ରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ପତିତ ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରିବା ପାଇଁ ଚଳିତ ମାସ ୧୦ ତାରିଖରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। କିନ୍ତୁ ଆରଆଇ ଶ୍ରୀ ବାଦ୍ରା ତାଙ୍କ ସହିତ ଯୋଗାଯୋଗ କରି ରବିବାର ଭେଟିବା ପାଇଁ କହିଥିଲେ।

**୩୦ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଲେ**



ତା’ସହିତ କାମ କରି ଦେବା ପାଇଁ ତାଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୩୦ ହଜାର ଟଙ୍କା ନଦେଲେ ତାଙ୍କ ସପକ୍ଷରେ ରିପୋର୍ଟ ପ୍ରଦାନ କରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଆରଆଇ ଲାଞ୍ଚ ମାଗିବା ପରେ ଜମି ମାଲିକ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ଏହା ପରେ ଯୋଜନା ମୁତାବକ ଆଜି ଜମି ମାଲିକ ଆରଆଇ ଶ୍ରୀ ବାଦ୍ରାଙ୍କୁ ତାଙ୍କ ଅଫିସରେ ଭେଟି ୩୦ ହଜାର ଟଙ୍କା ଦେଇଥିଲେ। ଆରଆଇ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଆରଆଇ ଶ୍ରୀ ବାଦ୍ରା ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଚଢ଼ଉ କରାଯାଇଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଛି।ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଆରଆଇ ଶ୍ରୀ ବାଦ୍ରାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

**‘ମନ୍ କି ବାତ୍’**

# ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ଅପିଲ୍

## କରୋନା ପରି ସଙ୍କଟରୁ ମୁକୁଳିଛୁ, ଯୁଦ୍ଧରୁ ବି ବାହାରିବୁ: ପିଏମ୍

**ନୂଆଦିଲ୍ଲୀ, ୨୯।୩/ଏଜେନ୍ସି:**

୧୩୨ତମ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କି ବାତ୍’ରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଲୋକଙ୍କୁ ଏକଜୁଟ୍ ହୋଇ ରହି ସଙ୍କଟରୁ ବାହାରକୁ ବାହାରିବାକୁ ପଡ଼ିବ। ଏଭଳି ପ୍ରସଙ୍ଗରେ ରାଜନୀତି ନ କରି ମିଶିକି କାମ କରିବାକୁ ହେବ। କୌଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ। କେବଳ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରନ୍ତୁ। ଭୀଷଣ ଯୁଦ୍ଧ ଯୋଗୁଁ ବର୍ତ୍ତମାନର ସମୟ ଅତ୍ୟନ୍ତ ଚ୍ୟାଲେଞ୍ଜ ଏଥିରେ କୌଣସି ସନ୍ଦେହ ନାହିଁ। ମୁଁ ନିଶ୍ଚିତ ଯେ ଆମେ ସବୁବେଳେ ଦେଶର ୧୪୦ କୋଟି ନାଗରିକଙ୍କ ସାମୂହିକ ଶକ୍ତି ମାଧ୍ୟମରେ ଅତୀତର ସଙ୍କଟକୁ ଦୂର କରିଆସିଛୁ, ଏଥର ମଧ୍ୟ ଆମେ ଏହି କଠିନ ପରିସ୍ଥିତିକୁ ବଡ଼ ସଫଳତାର ସହିତ ଦୂର କରିବୁ। କରୋନା ସମୟରେ ସଙ୍କଟରୁ ବାହିଥିଲୁ ଏଥିରୁ ବି ମୁକୁଳିବୁ ବୋଲି ‘ମନ୍ କି ବାତ୍’ରେ ସମ୍ବୋଧନ କହିଛନ୍ତି ପ୍ରଧାନମନ୍ତ୍ରୀ।

ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ‘ଯେଉଁମାନେ ଏହି ପ୍ରସଙ୍ଗକୁ ନେଇ ରାଜନୀତି କରୁଛନ୍ତି ସେମାନେ ଏହା କରିବା ଉଚିତ୍ ନୁହେଁ। ଏହା ୧୪୦ କୋଟି ନାଗରିକଙ୍କ ସ୍ୱାର୍ଥ ସହିତ ଜଡ଼ିତ ଏକ ପ୍ରସଙ୍ଗ। ଏଥିରେ ସ୍ୱାର୍ଥପର ରାଜନୀତିର କୌଣସି ସ୍ଥାନ ନାହିଁ। ଯେଉଁମାନେ ଗୁଜବ ପ୍ରଚାର କରୁଛନ୍ତି ସେମାନେ ଦେଶକୁ ବହୁତ କ୍ଷତି ପହଞ୍ଚାଉଛନ୍ତି। ମୁଁ ସମସ୍ତ ଦେଶବାସୀଙ୍କୁ ସଚେତନ ରହିବା ଏବଂ ଗୁଜବ ଦ୍ୱାରା ଭ୍ରମିତ ନ ହେବାକୁ ନିବେଦନ କରୁଛି। ସରକାର ନିରନ୍ତର ସୂଚନା ପ୍ରଦାନ କରୁଛନ୍ତି। ଏଥିରେ ବିଶ୍ୱାସ କରନ୍ତୁ ଏବଂ କେବଳ ଏହା ଉପରେ ଆଧାରିତ ପଦକ୍ଷେପ ନିଅନ୍ତୁ। ଭାରତ ଏହାର ବିଶ୍ୱ ସମ୍ପର୍କ, ବିଭିନ୍ନ ଦେଶରୁ ସହାୟତା ଏବଂ ଗତ ଦଶନ୍ଧି ମଧ୍ୟରେ ଦେଶ ଯେଉଁ କ୍ଷମତା ସୃଷ୍ଟି କରିଛି ସେଥିପାଇଁ ଏହି ଚ୍ୟାଲେଞ୍ଜଗୁଡ଼ିକର ଦୃଢ଼ ମୁକାବିଲା କରୁଛି। ଏହା ନିସନ୍ଦେହ ଯେ ଏକ ଚ୍ୟାଲେଞ୍ଜପୂର୍ଣ୍ଣ ସ୍ଥିତି। ଆଜି ‘ମନ୍ କି ବାତ’ ମାଧ୍ୟମରେ, ମୁଁ ପୁଣି ଥରେ ଦେଶବାସୀଙ୍କୁ ଏକତ୍ରିତ ହୋଇ ଏହି ଚ୍ୟାଲେଞ୍ଜର ସାମ୍ନା କରିବାକୁ ଅନୁରୋଧ କରୁଛି।’’ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ମାର୍ଚ୍ଚ ମାସରେ ବିଶ୍ୱ ଅନେକ କଠିନ ପରିସ୍ଥିତି ଦେଇ ଗତି କରୁଛି। ପୂର୍ବରୁ ବି ମାର୍ଚ୍ଚ ମାସରେ କୋଭିଡକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆମକୁ ଅନୁଭବ ହେଉଥିଲା କୋଭିଡରୁ ବାହାରିବା ପରେ ବିଶ୍ୱ ନୂଆ ରାସ୍ତାରେ ଆଗକୁ ବଢିବ। କିନ୍ତୁ ବିଶ୍ୱରେ ଲଗାତର ଯୁଦ୍ଧ ପରିସ୍ଥିତି ଜାରି ରହିଛି। ଯାହାକି ଦୁର୍ଭାଗ୍ୟପୂର୍ଣ୍ଣ ଅଟେ। ଯୁଦ୍ଧ ଚାଲିଥିବା ରାଷ୍ଟ୍ରଗୁଡ଼ିକରେ ଅଶୋଧିତ ତୈଳ, ଗ୍ୟାସ୍, ଇନ୍ଧନର ପ୍ରମୁଖ କେନ୍ଦ୍ର ରହିଛି। ଏହି କ୍ଷେତ୍ରରେ ଗୁଡିକରେ ଯୁଦ୍ଧ କାରଣରୁ ସାରା ବିଶ୍ୱରେ ପେଟ୍ରୋଲ୍, ଡିଜେଲ୍, ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବା କାରଣରୁ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ବାଣିଜ୍ୟ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସରକାର ଏସବି ସମସ୍ୟା ▶▶ ୬



**ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ**

**ଏହା ୧୪୦ କୋଟି ନାଗରିକଙ୍କ ସ୍ୱାର୍ଥ ସହିତ ଜଡ଼ିତ ପ୍ରସଙ୍ଗ**

**ଦେଶକୁ ଗୁଜବ ପ୍ରଚାରକାରୀ ବହୁତ କ୍ଷତି ପହଞ୍ଚାଉଛନ୍ତି**

## ଦୁଇ ଓଡ଼ିଆଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ, ୨୯।୩/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ‘ମନ କି ବାତ’ରେ ଦୁଇ ଜଣ ଓଡ଼ିଆଙ୍କୁ ପ୍ରଶଂସା କରିଛନ୍ତି। ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ। ସମ୍ବଲପୁର ମୁଦିପଡା ଏଲଆଇସି କଲୋନୀର ସୁଜାତା ଭୂୟାଁଙ୍କ ନାମ ନେଇ ପ୍ରଧାନମନ୍ତ୍ରୀ ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି। ସୁଜାତା ଜଣେ ଗୃହିଣୀ କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗିଦାରୀ ହେବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷ ଆରମ୍ଭ କରିଥିଲେ। ମାତ୍ର ସୁଜତାଙ୍କର ଏହି କାର୍ଯ୍ୟ ସହଜ ନଥିଲା। କାରଣ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ସେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଏକା ସାଙ୍ଗରେ ମତ୍ସ୍ୟଚାଷ କରିବା ଏବଂ ପରିବାରର ଦାୟିତ୍ୱ ତୁଲାଇବା ମଧ୍ୟ କଠିନ କାମ ଥିଲା। ଏଥିପାଇଁ ବିଭିନ୍ନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତଥାପି ପ୍ରତିକୂଳ ପରିସ୍ଥିତିକୁ ଏଡାଇ ଆଗକୁ ବଢ଼ିଛନ୍ତି। କଠିନ ପରିଶ୍ରମ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛନ୍ତି। ଫଳରେ ଦୁଇରୁ ତିନ ବର୍ଷ ମଧ୍ୟରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ତାଙ୍କର ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ଦାୟକ ବୋଲି ମୋଦୀ ‘ମନ୍ କି ବାତ’ରେ କହିଛନ୍ତି। ସୁଜାତା ହୀରାକୁଦ ଜଳ ଭଣ୍ଡାର ଭିତରେ କେଜ କଲଚର ପଦ୍ଧତିରେ ମାଛ ଚାଷ କରି ସଫଳ ହୋଇଛନ୍ତି। ଏହି ସଫଳତାର କାହାଣୀ ସମ୍ବଲପୁର ଡେଇଁ ନୂଆଦିଲ୍ଲୀରେ ପହଞ୍ଚିଛି। ସେହିପରି କେନ୍ଦ୍ରାପଡ଼ାର ପ୍ରତିଭାବାନ ଯୁବକ ଓମ୍ ପ୍ରକାଶ ରଥଙ୍କ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ତାଙ୍କ ସଫଳତାକୁ ‘ମନ୍ କି ବାତ୍’ ▶▶ ୬





## ଜେଲ୍‌ରେ କଏଦୀ ମୃତ

**କୋଣାର୍କ, ୨୯।୩/ଏନ୍‌ଏନ୍‌ଏସ୍:**

ଜେଲ୍‌ରେ କଏଦୀଙ୍କ ମୃତ୍ୟୁ ଘଟଣା ପୁଣି ଥରେ ସାମନାକୁ ଆସିଛି। ପୁରୀ କୋଣାର୍କ-ବେଳାମାର୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱ ବାଙ୍ଗରବରପଦାରେ ଥିବା ପୁରୀ ଜିଲ୍ଲା ମୁଖ୍ୟ କାରାଗାରରେ ଜଣେ କଏଦୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ତେବେ ମୃତକ ଜଣକ ହେଉଛନ୍ତି ପୁରୀ ସତ୍ୟବାଦୀ କୁମ୍ଭାରପଡ଼ା ଗ୍ରହଣ ଗ୍ରାମର ପରମାନନ୍ଦ ସ୍ୱାଇଁଙ୍କ ପୁତ୍ର ଦୀପ୍ତିରଞ୍ଜନ ସ୍ୱାଇଁ(୨୭)। ଏକ ଦୁଷ୍କର୍ମ ଅଭିଯୋଗରେ ଦିପ୍ତୀରଞ୍ଜନ ଜେଲ୍ ଯାଇଥିଲାବେଳେ ରବିବାର ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହକୁ ଜେଲ୍ କର୍ତ୍ତୃପକ୍ଷ ଉଦ୍ଧାର କରିଛନ୍ତି। ଗତ୨୦୨୪ ଜୁନ ୩ ତାରିଖରୁ ସେ ପୁରୀ ଜିଲ୍ଲା ମୁଖ୍ୟ କାରାଗାରରେ ସଜ୍ଝା କାଟୁଥିଲେ। ରବିବାର ମଧ୍ୟାହ୍ନରେ ଜେଲ୍ ▶▶ ୬

**ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେଲା ମୃତଦେହ**

**ପରିବାର ଆଣିଲେ ହତ୍ୟା ଅଭିଯୋଗ**

## ୫ ଦିନ ଯାଏ ବଜ୍ରପାତ ସହ ବର୍ଷା

**ଭୁବନେଶ୍ୱର, ୨୯।୩/ଏନ୍‌ଏନ୍‌ଏସ୍:**

ଉତ୍ତର ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବା ବେଳେ ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୫ ଦିନ ଯାଏ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟାରେ କୋରାପୁଟ, ମାଲକାନଗିରି, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ୩୦ରୁ ୪୦ କିମି ଝଟକା ପବନର ସମ୍ଭାବନାକୁ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ଆସନ୍ତାକାଲି ଅର୍ଥାତ ସୋମବାର କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ କେନ୍ଦୁଝର ଏହି ୪ ଜିଲ୍ଲାରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦ କିମି ଝଟକା ପବନର ସମ୍ଭାବନା ରହିଛି।ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏପ୍ରିଲ ୨ ତାରିଖ ଯାଏ ବିଜୁଳି ଘଡଘଡି ସହ ବର୍ଷା ବଜ୍ରପାତର ସମ୍ଭାବନା ଥିବା ବେଳେ କିଛି ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ▶▶ ୬

## କାର୍ ଦୁର୍ଘଟଣାରେ ୩ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ, ୨୯।୩/ଏନ୍‌ଏନ୍‌ଏସ୍:**

ମଧ୍ୟପ୍ରଦେଶର ଏକ ଭୟଙ୍କର କାର୍ ଦୁର୍ଘଟଣାରେ ଗୋଟିଏ ପରିବାର ୩ ଜଣ ସଦସ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶନିବାର ରାତିରେ ଗୋଟିଏ ପରିବାର ୬ ଜଣ ସଦସ୍ୟ କାରରେ ଯାତ୍ରା କରୁଥିବା ସମୟରେ ବାଲାଘାଟର ବେହାର-ମଲାଜଖଣ୍ଡ ରାସ୍ତାରେ କାର୍‌ଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼କୁ ଖସି ଯାଇ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ନାଗର୍ଚି କେଲକର (୬୫), ତାଙ୍କ ବୋହୂ ସବିତା (୨୮) ଓ ନାତି ଅଭି (୩) ଜିଅନ୍ତା ଜଳି ଯାଇଥିଲେ। ନାଗର୍ଚିଙ୍କ ପତ୍ନୀ ନାନିବାଇ (୬୦), ପୁଅ ସିତମ୍ କେଲକର (୩୦) ଓ ନାତୁଣି ପୂର୍ବୀ (୮) ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ସେମାନଙ୍କ ଅବସ୍ଥା ଗମ୍ଭୀର ଥିବା ବାଲାଘାଟ ଅତିରିକ୍ତ ଏସ୍‌ପି ଆଦର୍ଶକାନ୍ତ ଶୁକ୍ଳା କହିଛନ୍ତି। ଦୁର୍ଘଟଣାର ମାତ୍ର କେଇ ମିନିଟ ଭିତରେ ଗାଡ଼ିଟି ଜଳି ପାଉଁଶ ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ସାହସ କରି ଗାଡ଼ିର କାଚ ଭାଙ୍ଗି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଆହତମାନଙ୍କୁ ନିକଟବର୍ତ୍ତୀ ମହାରାଷ୍ଟ୍ରର ଗୋଁଦିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ମାଓମୁକ୍ତ ଓଡ଼ିଶା ରାସ୍ତାରେ ଶେଷ ୪୮ ଘଣ୍ଟା

### ସରେଣ୍ଡର୍ ନଚେତ୍ ଏନ୍‌କାଉଣ୍ଟର: ଡିଜିପି

**ଭୁବନେଶ୍ୱର, ୨୯।୩/ଏନ୍‌ଏନ୍‌ଏସ୍:**

ମାଓ ମୁକ୍ତ ଭାରତ ଏବଂ ଓଡ଼ିଶା ପାଇଁ ଡେଡ୍‌ଲାଇନକୁ ଆଉ ମାତ୍ର ୪୮ ଘଣ୍ଟା। ଏବେ ବି ରାଜ୍ୟରେ ବାକି ରହିଯାଇଛନ୍ତି ଆଉ ସକ୍ରିୟ ୯ ମାଓବାଦୀ। ଡିଭିସି ମେମ୍ବର ସିଲା ନେତୃତ୍ୱରେ ୯ ଜଣିଆ ଦଳ କନ୍ଧମାଳ ଜଙ୍ଗଲରେ ରହିଥିବା ସୁରକ୍ଷା ବାହିନୀକୁ ସୂଚନା ମିଳିଛି। ଆଉ ଅପରେସନରେ ଅନ୍ତିମ ଟଚ୍ ଦେବାକୁ ରଣନୀତି ପାଇଁ ଖୋଦ୍ ପୁଲିସ ଡିଜି ୱାଇ ବି ଖୁରାନିଆ କନ୍ଧମାଳରେ ଡେରା ପକାଇଛନ୍ତି। ଡିଭିସି ମେମ୍ବର ସିଲା ନେତୃତ୍ୱରେ ରାଜ୍ୟରେ ଶେଷ ନିଶ୍ୱାସ ନେଉଥିବା ମାଓ ସଂଗଠନରେ ଅଛନ୍ତି ମାତ୍ର ୯ ଆକ୍ଟିଭ୍ ମେମ୍ବର। ଯେଉଁଥିରେ ମାତ୍ର ୨ ଜଣ ପୁରୁଷ।ସିଲା ସହ ଏରିଆ କମିଟି ମେମ୍ବର ସୁଷମା, ରଞ୍ଜିତା, ସଂଧ୍ୟା, ମଙ୍ଗୁ, ସନ୍ତୋଷ ଏବଂ ପାର୍ଟି ମେମ୍ବର ଜିବିନୀ, ସସ୍ମିତା ଓ ଜାନି। ଏମାନଙ୍କ ମୁଣ୍ଡ ଉପରେ ରହିଛି ପ୍ରାୟ ୮୫ ଲକ୍ଷରୁ ଅଧିକ ପୁରସ୍କାର ରାଶି। ବାରମ୍ବାର ଚେତାବନୀ ପରେ ବି ଏମାନେ ମୁଣ୍ଡ ନୁଆଁଉ ନାହାନ୍ତି କି ଆତ୍ମ ସମର୍ପଣ କରୁନାହାନ୍ତି। ତେଣୁ କନ୍ଧମାଳରେ ସ୍ଥିତି ସମୀକ୍ଷା କରି ପୁଲିସ୍ ଡିଜି ଶେଷ ଚେତାବନୀ ଦେଇଛନ୍ତି। ସରେଣ୍ଡର ନଚେତ ଏନକାଉଣ୍ଟର। ଯେଉଁଥି ପାଇଁ ଏସଓଜି, ସିଆରପିଏଫ୍ ଓ ▶▶ ୬





## ପେଟ୍ରୋଲ୍ ପମ୍ପରେ ମିଳିବ କିରାସିନି

**ନୂଆଦିଲ୍ଲୀ, ୨୯।୩/ଏଜେନ୍ସି:**

ଏବେ ରାସନ ଦୋକାନ ସହିତ ପେଟ୍ରୋଲ୍ ପମ୍ପରେ ମଧ କିରାସିନି ମିଳିବ। ରବିବାର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ସରକାରୀ ତୈଳ କମ୍ପାନୀଗୁଡ଼ିକ ଏବେ ନିର୍ଦ୍ଦିଷ୍ଟ ପେଟ୍ରୋଲ୍ ପମ୍ପରେ କିରାସିନି ମହଜୁଦ ଏବଂ ବଣ୍ଟନ କରିପାରିବେ।

ପ୍ରତ୍ୟେକ ଜିଲ୍ଲାରେ, ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସର୍ବାଧିକ ଦୁଇଟି ପେଟ୍ରୋଲ୍ ପମ୍ପ୍ ଚୟନ କରିବେ, ଯେଉଁଠାରେ ଏହି ସୁବିଧା ଯୋଗାଇ ଦିଆଯିବ। ଏହି ପେଟ୍ରୋଲ୍ ପମ୍ପଗୁଡ଼ିକ ଅଧିକତମ ୫,୦୦୦ ଲିଟର ପର୍ଯ୍ୟନ୍ତ କିରାସିନି ସଂରକ୍ଷଣ କରିପାରିବେ। ଯୋଗାଣକୁ ସୁଗମ ▶▶ ୬

## ଓଏଏସ୍ ସ୍ତରରେ ଅଦଳବଦଳ

### ବଦଳିଲେ ୮ ଅଧିକାରୀ

**ଭୁବନେଶ୍ୱର, ୨୯।୩ /ଏନ୍‌ଏନ୍‌ଏସ୍:**

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ କ୍ୟାଡରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ ୮ ଜଣ ଓଏଏସ୍ ଅଧିକାରୀଙ୍କୁ ସେମାନଙ୍କ ବର୍ତ୍ତମାନର ପଦବୀରୁ ବିଭିନ୍ନ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

ବିଜ୍ଞପ୍ତି ଅନୁସାରେ ହେମସାଗର ଭୋଇଙ୍କୁ ବରଗଡ଼ର ପଦ୍ମପୁରର ଉପ-ବିଭାଗୀୟ ମାଜିଷ୍ଟ୍ରେଟ ଭାବରେ ବଦଳି କରାଯାଇଛି। ସେ କୁଚିଣ୍ଡା, ସମ୍ବଲପୁର ଆଇଟିଡିଏ ପିଏ ଭାବେ କାର୍ଯ୍ୟକରୁଥିଲେ। ସେହିପରି ଅଶୋକ କୁମାର ଦାସଙ୍କୁ ବଣାଇ ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ଶ୍ରୀ ଦାସ ଭୁବନେଶ୍ୱର ମହାନଗର ନିଗମରେ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିଲେ। ▶▶ ୬




## ଥରିଲା ସାଉଦୀସ୍ଥିତ ଆମେରିକୀୟ ଏୟାର୍‌ବେସ୍

# ଇରାନ୍ ମିସାଇଲ୍ ଆକ୍ରମଣରେ ଆୱାକ୍ସ ଧ୍ୱଂସ

**ତେହରାନ୍, ୱାଶିଂଟନ୍ ଡିସି, ୨୯।୩/ଏଜେନ୍ସି:**

ଏକମାସ ଧରି ଲାଗି ରହିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ରବିବାର ସାଉଦି ଆରବରେ ଥିବା ଏକ ଆମେରିକୀୟ ବାୟୁସେନା ଘାଟି (ବେସ୍) ଉପରେ ଇରାନ୍ ମିସାଇଲ୍ ଆକ୍ରମଣ କରିଛି। ଏହି ଆକ୍ରମଣରେ ଅନେକ ଆମେରିକୀୟ ବିମାନ ନଷ୍ଟ ହୋଇଥିବା ଇରାନ୍ ଦାବି କରିଛି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣରେ ଛଅଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ୨୯ଟି ବିପଜ୍ଜନକ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ସେଠାରେ ନିୟୋଜିତ ଆମେରିକାର ସବୁଠାରୁ ଉନ୍ନତ କମାଣ୍ଡ ଏବଂ ନିୟନ୍ତ୍ରଣ ବିମାନ, ଇ-୩ ଆୱାକ୍ସ ଧ୍ୱଂସାବଶେଷରେ ପରିଣତ ହୋଇଛି। ଏହି ଦାବି ସପକ୍ଷରେ ଇରାନ୍ କେତେକ ଫଟୋ ଜାରି କରିଛି। ଫଟୋଗୁଡ଼ିକ ବିଶାଳ ବିମାନର ସମ୍ପୂର୍ଣ୍ଣ ମଧ୍ୟଭାଗ ଉଡ଼ିଯାଇଥିବା ଦେଖିବାକୁ ମିଳୁଛି। ଏହା ସହିତ ବିମାନରେ ଇନ୍ଧନ ଭରିବା ପାଇଁ ବ୍ୟବହୃତ ରିଫ୍ୟୁଲିଙ୍ଗ୍ ବିମାନର ମଧ୍ୟ ଯଥେଷ୍ଟ କ୍ଷତି ହୋଇଛି। ଏହି ଜବାବୀ ଆକ୍ରମଣରେ ଅତିକମ୍‌ରେ ୧୦ ଜଣ ଆମେରିକୀୟ ସୈନିକ ଆହତ ହୋଇଥିବା ଇରାନ୍ ଦାବି କରିଛି। ଏହା ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ଏହି ଆକ୍ରମଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ। ଫେବୃଆରୀ ୨୮ରୁ ଇରାନ୍ ବିରୋଧରେ ଇସ୍ରାଏଲ୍ ଓ ▶▶ ୬




**୧୦ ଆମେରିକୀୟ ସୈନ୍ୟ ଆହତ ଦାବି**

## ଇସ୍ରାଏଲ୍ କେମିକାଲ୍ ପ୍ଲାଣ୍ଟ୍ ଉପରେ ଆକ୍ରମଣ

### ବିଷାକ୍ତ ଗ୍ୟାସ୍ ଲିକ୍ ଚେତାବନୀ

**ତେଲ୍ ଅଭିଭ୍, ତେହରାନ୍, ୨୯।୩/ଏଜେନ୍ସି:**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କ ସ୍ଥିତି ଆଡ଼କୁ ଗତି କରୁଛି। ଯୁଦ୍ଧକୁ ଏକମାସ ବିତିଯାଇଥିବା ବେଳେ ଏହା ଥମିବାର ନାଁ ଧରୁନାହିଁ। ଇତିମଧ୍ୟରେ ଦକ୍ଷିଣ ଇସ୍ରାଏଲ୍‌ରେ ଥିବା ଏକ କେମିକାଲ୍ ପ୍ଲାଣ୍ଟ୍ ଉପରେ ଇରାନ୍ ମିସାଇଲ୍ ଆକ୍ରମଣ କରିଛି। ଏହି ଆକ୍ରମଣ ଫଳରେ ପ୍ଲାଣ୍ଟ୍‌ରେ ଭୀଷଣ ନିଆଁ ଲାଗିଯାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ବିଷାକ୍ତ ଗ୍ୟାସ୍ ଲିକ୍ ହେବାର ବିପଦ ଦେଖାଦେଇଛି। ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି। ▶▶ ୬



## ନାରୀ ସଦନରୁ ସେଜଲ୍ ଗାଏବ

**ଭୁବନେଶ୍ୱର, ୨୯।୩/ଏନ୍‌ଏନ୍‌ଏସ୍:**

ଏକଦା ପ୍ରେମ ପାଇଁ ସୁଦୂର ଆମେରିକା ଛାଡ଼ି ଓଡ଼ିଶା ଫେରି ଚର୍ଚ୍ଚାରେ ଥିବା ଅନାଥ ଓଡ଼ିଆ ଝିଅ ପୂଜା ଓରଫ ସେଜଲ ଜନ୍‌ଙ୍କୁ ନେଇ ନୂଆ ଆଲୋଚନା। ଗଲା ୪ ମାସ ଧରି ସେ ରହିଥିବା ବାଲେଶ୍ୱରର ନାରୀ ସଂଘ ଶକ୍ତି ସଦନରୁ ହଠାତ୍ ଛୁ ମାରିଛନ୍ତି ସେଜଲ୍। କାହାକୁ କିଛି ନଜଣାଇ ପଳାଇଥିବାରୁ ଏବେ କାହା ପାଖେ ଅଛନ୍ତି ? ତାକୁ ନେଇ ବଢ଼ିଛି ସନ୍ଦେହ। ତେଣେ ବାଲେଶ୍ୱର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କହିଛନ୍ତି ସେଜଲଙ୍କ ବୟସ ୧୮ ପାର କରି ସାରିଛି। ନାରୀ ଶକ୍ତି ସଦନରୁ ତାଙ୍କୁ ଛାଡ଼ି ଦେବାକୁ ସେ ସବୁବେଳେ କହୁଥିଲେ ଓ ନଛାଡ଼ିଲେ ଆତ୍ମହତ୍ୟା କରିବାକୁ ଧମକ ବି ଦେଉଥିଲେ। ତେବେ ସେ ହଠାତ୍ ବିନା ସୂଚନାରେ ଚାଲିଯିବା ଘଟଣାକୁ ନେଇ ସ୍ଥାନୀୟ ପୁଲିସକୁ ସୂଚନା ଦିଆ ଯାଇଛି।

ସେଜଲ୍ ଜନ୍। ଜଣେ ଅନାଥ ଝିଅ, ୧୨ ବର୍ଷ ତଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟା କନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଥିଲେ। ସେଜଲ ସେଠି ଆମେରିକା ନାଗରିକତ୍ୱରେ ରହୁଥିଲେ ଓ ପାଠ ପଢୁଥିଲେ। ହେଲେ ହଠାତ୍ ଗତ ନଭେମ୍ବର ୧୦ ତାରିଖରେ କାନ୍ଦି କାନ୍ଦି ତାଙ୍କୁ ଉଦ୍ଧାର କରି ଓଡ଼ିଶା ଫେରାଇ ଆଣିବାକୁ ଏକ ଭିଡ଼ିଓ ଛାଡ଼ି ରାଜ୍ୟ ସରକାରଙ୍କୁ ଗୁହାରୀ କରିଥିଲେ। ସେଠି ତାଙ୍କୁ ପାଳିତା ମାଆ ନିର୍ଯାତନା ଦେଉଥିବା ନେଇ ସଂଗୀନ ଅଭିଯୋଗ ବି ଆଣିଥିଲେ। ଆଉ ଏହାର ଠିକ୍ ୧୫ ଦିନ ପରେ ଓଡ଼ିଶା ଫେରିଥିଲେ ସେଜଲ, ହେଲେ ଭୁବନେଶ୍ୱର ପହଞ୍ଚିବା ପରେ ମାରିଥିଲେ ୟୁ ଟର୍ଣ୍ଣ। କହିଥିଲେ ମାଆଙ୍କ ନିର୍ଯାତନା କଥା ମିଛ, ନିଜ ପ୍ରେମକୁ ପାଇବା ପାଇଁ ସେ ନାଟକ କରୁଥିଲେ। ପିଲାବେଳେ ପାଠ ପଢ଼ିବା ସମୟରୁ ସେ ଜାଣିଥିବା ରେମୁଣା ଅଞ୍ଚଳର ଅମର ଦାସ ନାମକ ଜଣେ ଯୁବକଙ୍କୁ ସେ ବାହା ହୋଇ ଏଇଠି ▶▶ ୬

**ଗତ ୪ ମାସ ଧରି ରହିଥିଲେ**

**ହଠାତ୍ ମାରିଛନ୍ତି ଛୁ’**



# ବସ୍‌ଯାତ୍ରୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ବୁଗୁଡା, ୨୯।୩/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରୁ ଭାୟା ବୁଗୁଡା ଦେଇ ବଡଗଡକୁ ଯାଉଥିବା ଚକାଡ଼ୋଲା ନାମକ ଏକ ଯାତ୍ରୀବାହୀ ବସରେ ଆସୁଥିବା ଜନୈକ ଯାତ୍ରୀ ବାଟରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଢେଇ ବରଗାଁର ରବିନ୍ଦ୍ର ଦଳେଇ(୬୫) । ଏନେଇ ପୁଲିସ କେସ୍ ନଂ ୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧା ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ଆଜି ରବିନ୍ଦ୍ର ଭୁବନେଶ୍ୱରରୁ ଚକାଡୋଲା ବସରେ ତାଙ୍କର ଗାଁକୁ ଫେରୁଥିଲେ । ବୁଗୁଡା ନିକଟସ୍ଥ ବି.କରଡ଼ାବାଡ଼ି ଗାଁରେ ରବିନ୍ଦ୍ରଙ୍କ ପାଖ ସିଟରେ ବସିଥିବା ଲୋକ ଜଣକ ତାଙ୍କୁ କହିକରି ଓହ୍ଲାଇବା ବେଳେ ସେ ଶୁଣିନଥିଲେ । ଏହାର କିଛି ସମୟ ପରେ ସେ ଠିକ୍ ଭାବେ ନବସି ଢଳି ପଡିଥିଲେ । ତେବେ ବୁଗୁଡା ମେଡିକାଲ ଛକରେ ଗାଡି ରଖି ତାଙ୍କୁ ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇ ମେଡିକାଲରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ଜଣାଯାଇଛି ।

# ମୋଟର କର୍ମଚାରୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର



**ବୁଗୁଡ଼ା, ୨୯।୩/ଏନ୍‌ଏନ୍‌ଏସ୍:** ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ବୁଗୁଡ଼ା ବଳଦେବ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ସହଯୋଗରେ ବୁଗୁଡ଼ା ସଂଘ କାର୍ଯ୍ୟାଳୟଠାରେ ମୋଟର କର୍ମଚାରୀଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ବୁଗୁଡ଼ା ମେଡିକାଲର ଚକ୍ଷୁ ସହାୟିକା ଶୁଭଶ୍ରୀ ପାଳ ଯୋଗଦେଇ ବସ,ଟ୍ୟାକ୍ସି, ଅଟୋ ଆଦିର ଡ୍ରାଇଭରଙ୍କ ସମେତ ମୋଟର କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ କ୍ଷ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ କିଶୋର କୁମାର ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ବୁଗୁଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ହର ପ୍ରସାଦ ଦାଶ, ସମ୍ପାଦକ ଦୀପକ କୁମାର ଦାଶ,ହାଡୁ ବନ୍ଧୁ ସ୍ୱାଇଁ, ବିଦେଶୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଅମିତ ଓ ଅଶ୍ୱିନୀଙ୍କ ସଫଳତା

**ବୁଗୁଡା, ୨୯।୩/ଏନ୍‌ଏନ୍‌ଏସ୍:** ଗତ ୧୩ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ଜବାହର ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ ପାଇଛି । ଏଥିରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବୁଗୁଡା ସହରାଞ୍ଚଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଅମିତ କୁମାର ସାହୁ ଏବଂ ଗୋଳିଆ ଗ୍ରାମାଞ୍ଚଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଅଶ୍ୱିନୀ କୁମାର ବେହେରା ସଫଳତା ହାସଲ କରିଛନ୍ତି । ଉକ୍ତ ପ୍ରବେଶିକା ପରୀକ୍ଷାରେ ଅମିତ ୯୫% ମାର୍କ ହାସଲ କରି ରାଙ୍କ-୬ରେ ରହିଥିବା ବେଳେ ଅଶ୍ୱିନୀ ୮୮.୭୫ ପ୍ରତିଶତ ମାର୍କ ହାସଲ କରି ର୍ୟାଙ୍କ-୭୧ରେ ରହିଛନ୍ତି । ଏହି ସଫଳତା ହାସଲ ପରେ ଉଭୟ ଅମିତ ଓ ଅଶ୍ୱିନୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ଜଣାଯାଇଛି ।





# ଫାସୀନୂଆପଡ଼ାରେ କଂଗ୍ରେସର ବନ୍ଧୁମିଳନ




**ରଙ୍ଗେଇଲୁଣ୍ଡା, ୨୯।୩/ଏନ୍‌ଏନ୍‌ଏସ୍:** ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମେଣ୍ଟରାଜପୁର ପଞ୍ଚାୟତର ଫାସୀନୂଆପଡା ଗ୍ରାମରେ କଂଗ୍ରେସର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ପକ୍ଷରୁ ଆୟୋଜିତ ଆସ ଯୋଡି ହେବା ଲୋକଙ୍କ ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଓ କର୍ମୀ ସମ୍ମିଳନୀରେ ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀ ଯୋଗ ଦେଇଥିଲେ । ଦଳୀୟ କର୍ମକର୍ତ୍ତାମାନେ ଶ୍ରୀ ପାଣିଗ୍ରାହୀଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶମ୍ଭୁ ପାଣିଗ୍ରାହୀ ରାଜ୍ୟର ଦୁର୍ନୀତି ଗ୍ରସ୍ତ ବିଜେପି ସରକାର ଓ ବିରୋଧୀ ବିଜେଡି ଉପରେ ବର୍ଷିଥିଲେ । ରାଜ୍ୟର କୁଶାସନ ବିରୋଧରେ ଏକାଠି ହେବାକୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଲୋକଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିବା ସହ ଆଗାମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନକୁ ସଦୃଢ଼ କରିବାକୁ ଶ୍ରୀ ପାଣିଗ୍ରାହୀ ଆହ୍ୱାନ କରିଥିଲେ । ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅନ୍ୟ ପଞ୍ଚାୟତରେ ମଧ୍ୟ କରାଯିବ ବୋଲି ଏଠାରେ ସୂଚନା ଦେଇଥିଲେ । ଏହି ଅବସରରେ ଫାସୀନୂଆପଡା ଗ୍ରାମରେ କେ. ଡିଲେଶ୍ୱର ରେଡି, ସଦାନନ୍ଦ ସେଠି, କାଳିଦାସ ରେଡି, ହରିସଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ଏଲ୍. ଗୋପାଳ ରେଡି, ଏଲ. କେଶବ ରେଡି, ଏଲ୍. ଗାରମା ରେଡି, କେ. ସୁରେନ୍ଦ୍ର ରେଡି, କେ. ଆଦାୟ ରେଡି, କେ. ବେଣୁଧର ରେଡି ଓ ଅନ୍ୟ ମାନେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ

# 'ସଂଗ୍ରାମମୟ ଜୀବନ ଓ ବଳିଦାନ ସବୁବେଳେ ସ୍ମରଣୀୟ ରହିବ'



**ବ୍ରହ୍ମପୁର, ୨୯।୩/ଏନ୍‌ଏନ୍‌ଏସ୍:** ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜନଜାତି ସାହସ ଓ ସ୍ୱାଭିମାନର ଅନନ୍ୟ ଓ ଅନବଦ୍ୟ ପ୍ରତୀକ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୪ ତମ ଶହୀଦ ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମଣ୍ଡଳ କାରାଗାର ମଧ୍ୟରେ ପାଳିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ କାରାଗାର ପରିସରରେ ଥିବା ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଓ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତି ଚାରଣ କରିଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଦେଇ ଯେଉଁ ବୀର ପୁରୁଷମାନେ ସ୍ୱାଧୀନତାର ଇତିହାସ ପୃଷ୍ଠାକୁ ଋଦ୍ଧିମନ୍ତ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ ଥିଲେ ଅନ୍ୟତମ । ତାଙ୍କର ସଂଗ୍ରାମମୟ ଜୀବନ ଓ ବଳିଦାନ ଓଡ଼ିଆ ଜାତି ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେ ସ୍ୱାଧିନତ୍ତୋର ଦେଶମାତୃକା ପାଇଁ ଯେଉଁ ସବୁ ସ୍ୱପ୍ନ ଦେଖିଯାଇଛନ୍ତି ସେଗୁଡିକୁ ପୁରଣ କରିବା ଆମ୍ଭମାନଙ୍କର ଉତ୍ତରଦାୟିତ୍ୱ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ସଂଗଠନର ପ୍ରତିନିଧି, କାରାଗାରର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ବିକାଶ ଓ ପୂଜ୍ୟ ପୂଜା ସମିତି

**ବ୍ରହ୍ମପୁର:** ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ ସାମାଜିକ ଅନୁଷ୍ଠାନ 'ବିକାଶ' ପକ୍ଷରୁ ଆଜି ବୀର ଶହିଦ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶହିଦ ଦିବସ ପାଳନ କରାଯାଇଛି । ସ୍ଥାନୀୟ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମିତି ସଭାନେତ୍ରୀ କୁନି କୁମାରୀ ଦେବୀ ଓ ବିକାଶର ଉପ ସଭାପତି ଜ୍ୟୋତିକୃଷ୍ଣ ବେହେରା ଯୋଗଦେଇ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଗାନ୍ଧିଜୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଲକ୍ଷ୍ମଣ ନାୟକ ଗାଁ ଗାଁରେ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରଚାର କରିଥିଲେ । ସେ ସ୍ୱେଚ୍ଛାଶ୍ରମ ମାଧ୍ୟମରେ ଗ୍ରାମଗୁଡ଼ିକୁ ଯାତାୟାତ ସୁବିଧା ପାଇଁ ରାସ୍ତା ନିର୍ମାଣ ସହ ମଦ ଭଳି ନିଶା ଦ୍ରବ୍ୟର ପ୍ରସାର ବିରୋଧରେ ଆନ୍ଦୋଳନ ଚଳାଇଥିଲେ । ଅନ୍ଧ ବିଶ୍ୱାସ, କୁସଂସ୍କାର ବିରୋଧରେ ଜନ ସଚେତନତା ସୃଷ୍ଟି କରୁଥିଲେ । ଏହିଭଳି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟର ନେତୃତ୍ୱ ପାଇଁ ତାଙ୍କୁ "କୋରାପୁଟର ଗାନ୍ଧି" ବୋଲି ସମ୍ବୋଧନ କରାଯାଉଥିଲା । ଗାନ୍ଧିଜୀଙ୍କ ଆହ୍ୱାନରେ ସେ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ସମଗ୍ର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଲକ୍ଷ୍ମଣ ନାୟକ ପ୍ରଜା ମେଳି ବାନ୍ଧି ବ୍ରିଟିଶ ସରକାର ବିରୋଧରେ ସେ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ । ଆଜିର ସଭାରେ ବିକାଶର ସାଧାରଣ ସମ୍ପାଦକ ରବି ନାରାୟଣ ବେହେରା, ସମାଜସେବୀ ଗୁଣନିଧି ବେହେରା, ମଣ୍ଡଳ ଶଶୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା, ହରିକୃଷ୍ଣ ବେହେରା, ମେଘନାଦ ବେହେରା, ସତ୍ୟବାନ ବେହେରା,ଏମ ଏସ ମଲ୍ଲିକ, ବିରେନ୍ କୁମାର ବେହେରା, ଏସ.ସାମ୍ବସିବା ରାଓ, ତ୍ରିବେଣୀ ବେହେରା,ମହମ୍ମଦ ଆସଲମ୍, ପ୍ରଦୀପ କୁମାର ସେଠି, କାହ୍ନୁ ଚରଣ ପାତ୍ର, ଅଶୋକ କୁମାର ଦଳାଇ,ପ୍ରଧାନ ଶିକ୍ଷୟିତ୍ରୀ ଜି.ଗୌରୀ ରେଡୀ, ଶିକ୍ଷୟିତ୍ରୀ ସବିତା ପଣ୍ଡା, ସନ୍ଧ୍ୟାରାଣୀ ବେହେରା, ସବିତା ଚୌଧୁରୀ, ସୂର୍ଯ୍ୟ ନାରାୟଣ ଶତପଥି, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ କ୍ରୀଡା ଶିକ୍ଷକ କେଦାର ଚୌଧୁରୀ, ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ସୀତାଂଶୁ ସଭାପତି, ଜଗନ୍ନାଥ ସମ୍ପାଦକ



**ବ୍ରହ୍ମପୁର, ୨୯।୩/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଓକିଲ ସଂଘ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସରିବା ପରେ ଫଳାଫଳ ପ୍ରକାଶ ପାଇଛି । ଏଥିରେ ସର୍ବାଧିକ ୮୪୭ ଭୋଟ ପାଇ ସଭାପତି ଭାବେ ସୀତାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଛନ୍ତି । ସେହିଭଳି ସର୍ବାଧିକ ୯୪୯ ଭୋଟ ପାଇ ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର ନିର୍ବାଚିତ ହୋଇଛନ୍ତି । ୪୯୪ ଭୋଟ ପାଇଁ ଉପସଭାପତି ଭାବେ ସତ୍ୟ ନାରାୟଣ ବସନ୍ତିଆ ଏବଂ ସର୍ବାଧିକ ୧୦୫୫ ଭୋଟ ପାଇଁ ରଞ୍ଜନ କୁମାର ସାମନ୍ତରାୟ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଗତକାଲି ଓକିଲ ସଂଘ ନିର୍ବାଚନ ସକାଳ ସାଢ଼େ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ ଅସ୍ଥାୟୀ କାର୍ଯ୍ୟାଳୟରେ ହୋଇଥିଲା । ଗଞ୍ଜାମ ଓକିଲ ସଂଘର ମୋଟ ୧୭୬୩ଜଣ ଆଇନଜୀବୀ ଭୋଟ ଦେବା ପାଇଁ ଯୋଗ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ ୧୫୩୪ଜଣ ଆଇନଜୀବୀ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ । ସଭାପତି ପଦବୀ ପାଇଁ ୪ଜଣ ପାର୍ଥୀ ମଇଦାନରେ ଥିବା ବେଳେ ସୀତାଂଶୁ ଶେଖର ପଣ୍ଡା ବିଜୟୀ ହୋଇଥିଲେ । ଏହି ଆସନରେ ପ୍ରତିଦ୍ୱନ୍ଦିତା କରୁଥିବା ନିରଞ୍ଜନ ପାଣିଗ୍ରାହୀ ମୋଟ ୪୨୭, ରବୀନ୍ଦ୍ର କୁମାର ଦେଓ ୯୭ ଓ ଟିକେ ରେଡ଼ି ମୋଟ ୧୫୨ ଭୋଟ ପାଇଥିଲେ । ସେହିପରି ଉପସଭାପତି ଭାବେ ସର୍ବାଧିକ ୪୯୪ ଭୋଟ ସତ୍ୟ ନାରାୟଣ ବସନ୍ତିଆ ବିଜୟ ହୋଇଥିଲେ । ସେହିପରି ପ୍ରଥମ ରାଉଣ୍ଡରୁ ଆଗୁଆ ରହି ମୋଟ ସର୍ବାଧିକ ୯୪୯ ଭୋଟ ପାଇଁ ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର ବିଜୟ ମୁକୁଟ ପିନ୍ଧିଥିଲେ । ସହସମ୍ପାଦକ ଭାବେ ରଂଜନ କୁମାର ସାମନ୍ତରାୟ ସର୍ବାଧିକ ୧୦୫୫ ଭୋଟ ପାଇଁ ବିଜୟୀ ହୋଇଥିଲେ । ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ । ମୋଟ ୩୭ ଖଣ୍ଡ ଭୋଟ ନାକଚ ହୋଇଥିବା ଜଣାପଡିଛି । ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରରେ ପୁଲିସ ମୁତୟନ ରହିଥିଲେ । ବିଜୟ ତାଲିକା ଘୋଷଣା ହେବା ପରେ କୋର୍ଟ ପରିସରରେ ବାଣ ଫୁଟା ହେବା ସହ ଓ ମିଠା ବଣ୍ଟନ ହୋଇଥିଲା ।

# ହୋଟେଲ୍ କ୍ୟାବିନ୍‌ରୁ ଦୁଇ କିଙ୍ଗ୍ କୋବ୍ରା ଉଦ୍ଧାର

**ବ୍ରହ୍ମପୁର, ୨୯।୩/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ



ପେଣ୍ଟୁରାବାଡ଼ି ଗାଁର ନିଳାଞ୍ଚଳ ସାହୁଙ୍କ ଜଳଖିଆ ହୋଟେଲର କ୍ୟାବିନତଳୁ କିଙ୍ଗ କୋବ୍ରା ଉଦ୍ଧାର ହୋଇଛି । ରବିବାର ସକାଳେ ୨ଟି ଅହିରାଜ (କିଙ୍ଗକୋବ୍ରା) ସାପକୁ ବନବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି । ସକାଳେ ହୋଟେଲ ମାଲିକ ଏବଂ କିଛି ଗ୍ରାମବାସୀ ସାପକୁ ଦେଖିବା ପରେ ଭୟଭୀତ ହୋଇଯାଇଥିଲେ । ଖବର ପ୍ରଚାରିତ ହେବାପରେ ସାପ ଦେଖିବାକୁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା । ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀ ରନ୍ ସ୍ନେକ ହେଲ୍ପଲାଇନ ସଦସ୍ୟ କାଳିଆ ନାହାକଙ୍କୁ ଜଣାଇଥିଲେ । ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ରାଜ କୁମାର ରଇତ, ସୁଜାତା ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ସହାୟତାରେ ଉଦ୍ଧାର କରିଥିଲେ । ତେବେ ଉଦ୍ଧାର ହୋଇଥିବା ଦୁଇ କିଙ୍ଗ କୋବ୍ରା ମଧ୍ୟରୁ ଗୋଟିଏ ପ୍ରାୟ ୧୩ ଫୁଟ ଲମ୍ବର ପୁରୁଷ ପ୍ରଜାତିର ହୋଇଥିବା ବେଳେ ଅନ୍ୟଟି ୧୦ ଫୁଟ ଲମ୍ବ ବିଶିଷ୍ଟ ମାଈ ପ୍ରଜାତିର । ତେବେ ଦୁଇ କିଙ୍ଗ କୋବ୍ରାକୁ ଉଦ୍ଧାର ପରେ ଟାଙ୍ଗୁଡ଼ିଦେଇ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛଡାଯାଇଥିବା ସୂଚନା ରହିଛି ।

## ଏପ୍ରିଲ୍ ୬ରୁ ସିଲ୍କ ସିଟି ମହୋତ୍ସବ

# ସମସ୍ତ ପ୍ରସ୍ତୁତି ସାରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ବ୍ରହ୍ମପୁର, ୨୯।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ଅପ୍ରେଲ ୬ରୁ ୧୨ ଯାଏଁ ଚାଲିବ ବହୁ ପ୍ରତିକ୍ଷିତ ସିଲ୍କ ସିଟି ମହୋତ୍ସବ । ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଅଧକ୍ଷତା ଏବଂ ବ୍ରହ୍ମପୁର ମହାନଗର ନିଗମର ମେୟର



ସଂଘମିତ୍ରା ଦଳାଇଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବକୁ କିପରି ସରସ ଓ ସୁନ୍ଦର କରାଯାଇପାରିବ ସେନେଇ ସମସ୍ତ କାର୍ଯ୍ୟକୁ ସଠିକ ଢଙ୍ଗରେ କରିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅନ୍ତର୍ବିଭାଗୀୟ ସମନ୍ୱୟ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ପ୍ରାକ୍ ପ୍ରସ୍ତୁତିକୁ ୩ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ପଲ୍ଲିଶ୍ରୀ ମେଳା, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଦର୍ଶନୀ, ଫୁଡ୍ କୋର୍ଟ, କୃଷି ଯନ୍ତ୍ରପାତି ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କ୍ରୀଡା ଓ ଫନ୍ ଗେମ୍, ସ୍ୱଦେଶୀ ଖାଦ୍ୟ ପ୍ରତିଯୋଗିତା, ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ପରିମଳ, ଅଗ୍ନିନିର୍ବାପଣ ବ୍ୟବସ୍ଥା, ପାନୀୟ ଜଳ, ଅର୍ଥ, ପ୍ରଚାର ପ୍ରସାର, ପଲିଥିନ ବ୍ୟବହାର ନିଷେଧ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ ଆଦି ସମସ୍ତ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମର କମିଶନର ଆକବରମ ସସ୍ୟ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




**ଆସିକା, ୨୯।୩/ଏନ୍‌ଏନ୍‌ଏସ୍:** ଆସିକା କଇଁଫୁଲିଆ ଛକ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ୧୭ ତମ ବାର୍ଷିକୋତ୍ସବ ଶିକ୍ଷାନୁଷ୍ଠାନର ପରିଚାଳନା ମୁଖ୍ୟ ବିରୁପାକ୍ଷ ସାମନ୍ତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ସଭାପତି ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଏ.ଯୁଧିଷ୍ଠିର ଦୋରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ନାହାକ, ଶିକ୍ଷକ ସନ୍ତୋଷ କୁମାର ନାହାକ, ଅଧ୍ୟାପକ ପଞ୍ଚାନନ ନାହାକ, ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟିର ସଂପାଦକ ସନ୍ତୋଷ କୁମାର ସିୟ, ଶିକ୍ଷାନୁଷ୍ଠାନର ପ୍ରଧାନାଚାର୍ଯ୍ୟ ବିପ୍ରଚରଣ ଭଂଜ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାର୍ଥୀମାନେ ପାଠପଢା ସହିତ ଖେଳକୁଦ, ସାଧାରଣ ଜ୍ଞାନ, କୁଇଜ, ମେଧାବୃତ୍ତି ପରୀକ୍ଷା, ଏନ୍‌ଆରଟିଏସ୍ ପରୀକ୍ଷା ଇତ୍ୟାଦି କ୍ଷେତ୍ରରେ ନିଜର ପାରଦର୍ଶିତା ବଜାୟ ରଖିବାରେ ସକ୍ଷମ ହୋଇପାରୁଛନ୍ତି ବୋଲି ପ୍ରକାଶ କରିଥିଲେ । ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସ୍ୱପ୍ନ ଦେଖିବା ସହ ବାସ୍ତବ ରୂପ ଦେବାକୁ କଠୋର ପରିଶ୍ରମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁଜୀ ଜୟରାମ ଦାଶ, ଦଣ୍ଡପାଣି ସାହୁ, ରାଜେନ୍ଦ୍ର ମହାରଣା, ଗୁରୁମା ରୂପଶ୍ରୀ ମହାରଣା, ଦୀପିକା ନାହାକ, ସ୍ମିତାଞ୍ଜଳୀ ଦାଶ, ବିଜ୍ଞାନୀ ଦାଶ, ସ୍ମୃତି ନାହାକ, ସ୍ୱପ୍ନାରାଣୀ ନାହାକ, ମୂର୍ତ୍ତିମୟୀ ବେହେରା, ମମତା ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଗ୍ରାହକଙ୍କୁ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ବନ୍ଦ

# ଚିନ୍ତାରେ ଶତାଧିକ ହୋଟେଲ୍ ବ୍ୟବସାୟୀ

**ଆସିକା, ୨୯।୩/ଏନ୍‌ଏନ୍‌ଏସ୍:** ଆମେରିକା ଓ ଇରାନ୍ ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡିଛି । ଆସିକା ଅଞ୍ଚଳରେ ଥିବା ଦୁଇଟି ଗ୍ୟାସ୍ ଏଜେନ୍ସି ଅଧୀନରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଘରୋଇ ଓ କମର୍ସିଆଲ୍ ଗ୍ରାହକ ଥିବା ବେଳେ ଗତ ଫେବୃୟାରୀ ମାସ ୨୮ ତାରିଖରୁ ଏଲ୍‌ପିଜି ସଂକଟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ କିଛି ଦିନ ହେଲା ଗ୍ରାହକଙ୍କୁ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ବନ୍ଦ ହୋଇଥିବା ଯୋଗୁଁ ଆସିକା ଅଞ୍ଚଳର ବହୁ ହୋଟେଲ୍ ମାଲିକ ଚିନ୍ତାରେ ପଡିଛନ୍ତି । ଆସିକା ଅଞ୍ଚଳରେ ମାଳମାଳ ହୋଟେଲ୍, ରେଷ୍ଟୁରାଣ୍ଟ ଓ ଉଠାଦୋକାନୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲା ବେଳେ ବହୁ ବ୍ୟକ୍ତି ସକାଳର ଓ ସନ୍ଧ୍ୟାର ଟିଫିନ୍ ସାଙ୍ଗକୁ ମଧ୍ୟାହ୍ନ ଓ ରାତ୍ରର ଭୋଜନ ପାଇଁ ବାହାର ଖାଦ୍ୟ ଉପରେ ପ୍ରାୟତଃ ନିର୍ଭର କରୁଛନ୍ତି । ଗତ କିଛି ଦିନ ହେଲା ଗ୍ରାହକଙ୍କୁ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ପ୍ରାୟତଃ ବନ୍ଦ ହୋଇଯାଇଥିବା ଯୋଗୁଁ ଖାଦ୍ୟ ବ୍ୟବସାୟ ମଧ୍ୟ କିଛି ମାତ୍ରାରେ ପ୍ରଭାବିତ ହୋଇଥିବା ଚର୍ଚ୍ଚା ହେଉଛି । ସକାଳ ଓ ସନ୍ଧ୍ୟାର ଟିଫିନ୍ ହେଉ କି ମଧ୍ୟାହ୍ନ ଏବଂ ରାତ୍ରର ମିଲ୍ସ ହେଉ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ପାଇଁ ଆସିକା ସହରର କେତେକ ହୋଟେଲର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ସହରର ବିଭିନ୍ନ ସ୍ଥାନରେ ବହୁ ହୋଟେଲଗୁଡିକ ଖୋଲା ରହୁଥିଲେ ବି ମେନୁରେ କାଣ୍ଟଛାଣ୍ଟ କରାଯାଉଥିବା ଦେଖିବାକୁ ମିଳୁଛି । କମର୍ସିଆଲ୍ ସିଲିଣ୍ଡର ବନ୍ଦ ରହିଥିବା ଯୋଗୁଁ କେତେକ ହୋଟେଲ୍ ବ୍ୟବସାୟୀ ନିଜର ବ୍ୟବସାୟ ବନ୍ଦ କରିବା ପାଇଁ ଯୋଜନା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପୂର୍ବଭଳି ସମସ୍ତ ହୋଟେଲ୍ ଗୁଡିକୁ ଯୋଗାଇଦେବା ଦିଗରେ ପଦକ୍ଷେପ ନେବାକୁ ଆସିକା ଅଞ୍ଚଳର ଅଗ୍ରଣୀ ରାଜା ହୋଟେଲର ମାଲିକ ଏମ୍.ରାଜେନ୍ଦ୍ର ସେନାପତି ଅନୁରୋଧ କରିଛନ୍ତି ।

**ହୋଟେଲ୍ ବ୍ୟବସାୟୀ ଯାହା କୁହନ୍ତି:**

**ଏମ୍.ରାଜେନ୍ଦ୍ର ସେନାପତି (ମୁନା):** ମାଲିକ ରାଜା ହୋଟେଲ-ପୂର୍ବରୁ ଆବଶ୍ୟକତା ଅନୁଯାୟୀ ବାଣିଜ୍ୟିକ ଗ୍ୟାସ୍ ହାତପାହାନ୍ତାରେ ମିଳୁଥିଲା । ତେବେ ଯୁଦ୍ଧ ଯୋଗୁଁ ଦୀର୍ଘ ଦିନ ହେଲା ଗ୍ୟାସର ଘୋର ଅଭାବ ଲାଗିରହିଛି । ବାଣିଜ୍ୟିକ ଗ୍ୟାସ ନମିଳିଲେ ହୋଟେଲ୍ ବନ୍ଦ କରିବାକୁ ବାଧ୍ୟ ହେବି।

**ରବିନ୍ଦ୍ରନାଥ ସାହୁ-ମାଲିକ-ରବି ଇଡ୍‌ଲି ହାଉସ୍:** ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗୁଁ ଦୈନିକ ବ୍ୟବସାୟ ଜାରି ରଖିବା ସମ୍ଭବପର ହୋଇପାରୁ ନାହିଁ । ଏହି ସମସ୍ୟାର ଯଦି ସମାଧାନ ନହୁଏ ତେବେ ବ୍ୟବସାୟ ଜାରି ରଖିବା କଷ୍ଟକର ହୋଇପଡିବ ।

**ଉପେନ୍ଦ୍ର ପଣ୍ଡା-ହୋଟେଲ ବ୍ୟବସାୟୀ-ତାଲୁକା ଛକ:** ଆସିକା-ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ବନ୍ଦ ହୋଇଯାଇଥିବା ଯୋଗୁଁ କଷ୍ଟେମଷ୍ଟେ କାଠ ଚୁଲିରେ ରୋଷେଇ ଜାରି ରଖିଛି । ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ବୁକିଂ ବନ୍ଦ ଥିବା ଯୋଗୁଁ ହାଣ୍ଡିଶାଳରୁ ଆରମ୍ଭ କରି ହୋଟେଲ୍ ବ୍ୟବସାୟ ଦିନକୁ ଦିନ ବିଶେଷ ଭାବେ ପ୍ରଭାବିତ ହେବାରେ ଲାଗିଛି ।

**ଶିବଶଙ୍କର ବେହେରା- ହୋଟେଲ ବ୍ୟବସାୟୀ, ନିରଞ୍ଜନଗର-ଆସିକା:** ବାଣିଜ୍ୟିକ ଗ୍ୟାସ ବୁକିଂ ବନ୍ଦ ଯୋଗୁଁ ବହୁତ ହଇରାଣ ହେବାକୁ ପଡୁଛି । ଆଗକୁ ବାଣିଜ୍ୟିକ ଗ୍ୟାସ ନି ମିଳିଲେ ହୋଟେଲ୍ ବନ୍ଦ କରିବାକୁ ବାଧ୍ୟ ହେବି ।

ନିତିଦିନ NITIDIN



# ବିଜେଡିକୁ ଝଟ୍‌କା: ଦଳ ଛାଡ଼ିଲେ ୯ କାଉନ୍‌ସିଲର

## ୨ ସାଧାରଣ ସମ୍ପାଦକ ବି ଦେଲେ ଇସ୍ତଫା

**କେନ୍ଦୁଝର,୨୯।୩/ଏନ୍‌ଏନ୍‌ଏସ୍:** କେନ୍ଦୁଝର ବିଜେଡିକୁ ଶକ୍ତ ଝଟକା। ଇସ୍ତଫା ଦେଲେ ୯ କାଉନସିଲର୍। ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। କେନ୍ଦୁଝରଗଡ଼ ପୌର ଉପାଧକ୍ଷ ବରଦା ପ୍ରସନ୍ନ ଦାସଙ୍କ ସମେତ ୯ ଜଣ ଇସ୍ତଫା ଦେଇଛନ୍ତି। ଏହାଛଡ଼ା ୨ଜଣ ସାଧାରଣ ସମ୍ପାଦକ ମଧ୍ୟ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ସେମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ଜିଲ୍ଲା ସଭାପତିଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିବା ଜଣାଯାଇଛି।

୨୧ ୱାର୍ଡ ବିଶିଷ୍ଟ କେନ୍ଦୁଝରଗଡ଼ ପୌରପାଳିକାରେ ସମୁଦାୟ ୧୩ ଜଣ ବିଜେଡି କାଉନସିଲର ଥିଲେ। ସେମାନଙ୍କ ମଧ୍ୟରୁ ଉପାଧକ୍ଷ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ଦାସ, ୧ନମ୍ବର ୱାର୍ଡ କାଉନସିଲର ଶରତ କୁମାର ସାହୁ, ୭ନମ୍ବର ୱାର୍ଡର କାଉନସିଲର ଅବିନାଶ ମିଶ୍ର, ୮ନମ୍ବର ୱାର୍ଡ କାଉନସିଲର ଦୟାନିଧି ପାତ୍ର, ୧୦ନମ୍ବର ୱାର୍ଡ କାଉନସିଲର ପଦ୍ମିନୀ ପାତ୍ର, ୧୨ନମ୍ବର ୱାର୍ଡ କାଉନସିଲର କରୁଣାକର ମାରାଣ୍ଡି, ୧୫ନମ୍ବର ୱାର୍ଡ କାଉନସିଲର ଭଗବାନ ନାୟକ, ୧୬ନମ୍ବର ୱାର୍ଡ କାଉନସିଲର ସବିତା ପଟ୍ଟନାୟକ,୨୧ନମ୍ବର ୱାର୍ଡ କାଉନସିଲର ହେମନ୍ତ କୁମାର ପତି। ଏହାସହ କେନ୍ଦୁଝର ଜିଲ୍ଲାର ୨ ଜଣ ବିଜେଡିର ସଧାରଣ ସମ୍ପାଦକ ମଧ୍ୟ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତିଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଥିବା ଏହି ୨ ସାଧାରଣ ସମ୍ପାଦକ ହେଲେ ଶୁଭେନ୍ଦୁ ପଟ୍ଟନାୟକ ଓ ଶରତ କୁମାର ସାହୁ। ତେବେ କେନ୍ଦୁଝର ଜିଲ୍ଲାରେ ବର୍ତ୍ତମାନ ବିଜେଡି ଶକ୍ତିହୀନ ହେବାକୁ ବସିଥିବାବେଳେ ଉପାଧକ୍ଷ ଓ କାଉନସିଲରମାନେ ମୁଖ୍ୟମନ୍ତ୍ରୀ ତଥା କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବରେ ବିଜେପିରେ ଯୋଗ ଦେବେ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହା ପୂର୍ବରୁ କେନ୍ଦୁଝର ସଦର ବ୍ଲକର ଅଧକ୍ଷା, ଉପାଧକ୍ଷ ଓ ସମିତି ସଦସ୍ୟମାନେ ବିଜେପିରେ ଯୋଗ ଦେଇଥିଲେ।

## ବିଜେଡି ବିଧାୟିକାଙ୍କ ସ୍ୱାମୀଙ୍କ ନାଁରେ ମାମଲା

# ନୋଟିସ୍ ଦେବାକୁ କ୍ୱାର୍ଟର୍ସରେ ପହଞ୍ଚିଲା ପୁଲିସ୍



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆସିଛି। ନର୍ଲା ତହସିଲଦାର ଏହି ଅଭିଯୋଗ ଆଣିଛନ୍ତି। ବିଧାୟିକାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଇଥିବା ତହସିଲଦାର ଏତଲା ଦେଇଛନ୍ତି। ଏନେଇ କମିଶନରେଟ୍ ପୁଲିସ ସହଯୋଗରେ ରବିବାର କଳାହାଣ୍ଡି ପୁଲିସ ଭୁବନେଶ୍ୱର ସ୍ଥିତ ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ କ୍ୱାର୍ଟର୍ସରେ ପହଞ୍ଚିଥିଲା। ସୂଚନା ଅନୁଯାୟୀ ଦୁର୍ଗପ୍ରସାଦ ମହାନ୍ତି ସ୍ଥାନୀୟ ତହସିଲଦାରଙ୍କୁ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଥିଲେ। ଘଟଣାକୁ ନେଇ ମାର୍ଚ୍ଚ ୧୫ ତାରିଖରେ ତହସିଲଦାର ବିଭୁ ପ୍ରସାଦ ସିଂହ ନର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତା ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରିଛି। ରବିବାର କଳାହାଣ୍ଡି ପୁଲିସ ଭୁବନେଶ୍ୱରରେ ପହଞ୍ଚି କମିଶନରେଟ୍ ପୁଲିସ ସହଯୋଗରେ ବିଧାୟିକାଙ୍କ କ୍ୱାର୍ଟର୍ସରେ ପହଞ୍ଚି ପଚରାଉଚରା କରିଛି।

ସେପଟେ କଳାହାଣ୍ଡି ଏସପି ପ୍ରତିକ୍ରିୟା ରଖି କହିଛନ୍ତି, ବିଧାୟିକାଙ୍କ ଘରକୁ ପୁଲିସ ନୋଟିସ୍ ଦେବାକୁ ଯାଇଥିଲା। କମିଶନରେଟ୍ ପୁଲିସ ସହାୟତାରେ ଏହି ନୋଟିସ୍ ଦିଆଯାଇଛି। ଗିରଫଦାରୀ କିମ୍ବା କୌଣସି ରେଡ୍ ପାଇଁ ପୁଲିସ ଯାଇନଥିଲା। ତେଣୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ଅବଗତ କରାଯାଇନାହିଁ ବୋଲି କଳାହାଣ୍ଡି ଏସପି କହିଛନ୍ତି।

## ବିଧାୟିକାଙ୍କ ସରକାରୀ ବାସଭବନରେ ପୁଲିସ ପଶିବା ପ୍ରସଙ୍ଗ

# କ୍ରସ୍ ଭୋଟିଂ ନକରିବାରୁ ପୁଲିସ ଦ୍ୱାରା ନିର୍ଯାତନା: ବିଜେଡି



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ନିର୍ବାଚନରେ ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତି କ୍ରସ୍ ଭୋଟିଂ ନକରିବାରୁ ପ୍ରତିଶୋଧ ପରାୟଣ ହୋଇ ରାଜ୍ୟ ସରକାର ପୁଲିସ ଲଗାଇ ନିର୍ଯାତନା ଦେଉଥିବା ବିଜୁ ଜନତା ଦଳ ଅଭିଯୋଗ କରିଛି। ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟିକା ମନୋରମା ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ପ୍ରମୁଖ ପୁଲିସ ଲଗାଇ ବିଜେଡିର ସ୍ୱର ଚପାଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ବିଧାନସଭା ଚାଲିଥିଲା ବେଳେ ବାଚସ୍ପତିଙ୍କ ବିନା ଅନୁମତିରେ ଜଣେ ବିଧାୟିକାଙ୍କ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ କରି, ତାଙ୍କ ସରକାରୀ ବାସଭବନକୁ ବଳପୂର୍ବକ ପୁଲିସ ପଶିବା ନିନ୍ଦନୀୟ। ଏହି ଘଟଣାର ପ୍ରଚ୍ଛଦପଟରେ କିଏ ରହିଛି ତାହା ସାର୍ବଜନୀନ ହେବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ ।

ମନୋରାମା ମହାନ୍ତି କହିଛନ୍ତି ଯେ, ତାଙ୍କ ଅନୁପସ୍ଥିତିରେ ଝିଅ ଓ ମହିଳା ସହାୟିକାଙ୍କ ପ୍ରତି ପୁଲିସର ଦୁର୍ଭାଗ୍ୟଜନକ ଆଚରଣକୁ ନିନ୍ଦା କରିବା ପାଇଁ ଭାଷା ନାହିଁ। ଦେଢ଼ ମାସ ତଳେ ଗୋଟିଏ ଗାଁର ରାଜସ୍ୱ ମାମଲା ନେଇ ତହସିଲଦାରଙ୍କୁ ମୋ ସ୍ୱାମୀ ଫୋନ କରିଥିଲେ। ରାଜ୍ୟସଭା ନିର୍ବାଚନର ପୂର୍ବ ଦିନ ମୋ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ଏବଂ ଆଜି ମୋ ଅନୁପସ୍ଥିତିରେ ମୋ ସରକାରୀ ବାସଭବନକୁ ପୁଲିସ ବଳପୂର୍ବକ ପ୍ରବେଶ କରିଥିଲେ। ଚିନ୍ମୟ ସାହ ଓ ଇପ୍ସିତା ସାହୁ ବିଜେପି ହୀନ ରାଜନୀତିରୁ କ୍ଷାନ୍ତ ରହୁ ବୋଲି କହିଥିଲେ।

## ‘ମନ୍ କି ବାତ୍’ରେ ଦୁଇ ଓଡ଼ିଆଙ୍କୁ ମୋଦୀଙ୍କ ପ୍ରଶଂସା

# ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଓଡ଼ିଶାର ନାରୀ ଓ ଯୁବ ସମାଜକୁ ପ୍ରେରିତ କରିବ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ‘ମନ କି ବାତ୍’ କାର୍ଯ୍ୟକ୍ରମରେ ଓଡ଼ିଶାର ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ‘କେଜ୍ କଲ୍‌ଚର’ ମାଧ୍ୟମରେ ମାଛ ଚାଷ କରି ସଫଳତା ପାଇଥିବା ସୁଜାତା ଭୂୟାଁଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଶ୍ରୀମତୀ ଭୂୟାଁ ଏହି ବ୍ୟବସାୟ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟ ମହିଳାମାନଙ୍କ ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି। ଗୃହିଣୀରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ। ସେହିପରି ‘ମାଏ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬’ରେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ପ୍ରତିଭା ଓମ ପ୍ରକାଶ ରଥଙ୍କ ସଫଳତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ନୀତି ନିର୍ଦ୍ଧାରଣରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ‘ମାଏ ଭାରତ ବଜେଟ୍ କ୍ୱେଷ୍ଟ’ ଏକ ଅନନ୍ୟ ପ୍ରୟାସ । ‘ବିକଶିତ ଭାରତ’ର ସଂକଳ୍ପକୁ ସାକାର କରିବା ତଥା ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଓମ ପ୍ରକାଶ ରଥଙ୍କ ଭଳି ଯୁବପିଢ଼ିଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ।

ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ ବେଙ୍ଗାଲୁରୁର ‘ପ୍ରୟୋଗ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ରିସର୍ଚ୍ଚ’ର କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ‘ଅନ୍ୱେଷଣ’ ମାଧ୍ୟମରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏବଂ ଗବେଷଣାଭିତ୍ତିକ ଶିକ୍ଷାଦାନ ‘ବିକଶିତ ଭାରତ’ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଜାତୀୟ ଶିକ୍ଷା ନୀତି ଅଧୀନରେ ଖେଳକୁ ଶିକ୍ଷା ସହ ସମାନ ଗୁରୁତ୍ୱ ଦିଆଯାଉଛି। ‘ଅସ୍ମିତା ଆଥଲେଟିକ୍ସ ଲିଗ୍’ରେ ୨ ଲକ୍ଷରୁ ଅଧିକ ମହିଳାଙ୍କ ଅଂଶଗ୍ରହଣ ଏବଂ ଗୁଲମର୍ଗର ‘ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ’ ଦେଶର କ୍ରୀଡ଼ା ଜଗତରେ ଏକ ନୂଆ ଯୁଗର ସୂଚନା ଦେଉଛି । “ଯୋ ଖେଲେଗା, ୱୋ ଖିଲେଗା” ମନ୍ତ୍ରରେ ଆଜି ଭାରତର ଯୁବଶକ୍ତି ଆଗକୁ ବଢୁଛନ୍ତି ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

# ‘ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତାର ଉଜ୍ଜ୍ୱଳ ଉଦାହରଣ’



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଏବଂ ବଳିଦାନ ଆଜିମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପବିତ୍ର ସ୍ମୃତିକୁ ସ୍ମରଣ କରାଯାଇଥିଲା। ପରେ ସକାଳ ୯ ଘଟିକାରେ ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନମ୍ବର–୧ ସ୍ଥିତ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ସାଂସଦ ମୁଜିବୁଲ୍ଲା (ମୁନା) ଖାନଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତାମାନେ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ଓ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମ, ସଂଗ୍ରାମମୟ ଜୀବନ ଓ ବଳିଦାନ ଜାତି ପାଇଁ ଅନନ୍ୟ ପ୍ରେରଣା ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

## ବିଜୁଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ

# ଯୋଗାଯୋଗ ଓ ଆଇଟି କମିଟିରୁ ଇସ୍ତଫା ଦେଲେ ସସ୍ମିତ



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** ସାଧାରଣ ସଭାରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ସାଂସଦ ସସ୍ମିତ ପାତ୍ର ରାଜ୍ୟସଭାର ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟସଭା ଅଧକ୍ଷଙ୍କ ନିକଟକୁ ପଠାଇଛନ୍ତି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରତିବାଦରେ ସେ ଇସ୍ତଫା ଦେଇଥିବା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। କମିଟିର ଅଧକ୍ଷ ପଦରେ ନିଶିକାନ୍ତ ଥିବାରୁ ପ୍ରତିବାଦ କରି ସେ ଏହି ଇସ୍ତଫା ଦେଇଛନ୍ତି। ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ, ‘ନିଶିକାନ୍ତଙ୍କ ମନ୍ତବ୍ୟ ଅପମାନଜନକ, ମିଥ୍ୟା ଓ ଆଧାରହୀନ। ବିଜୁ ବାବୁ ଜଣେ ଆନ୍ତର୍ଜାତିକସ୍ତରର ମହାନ ବ୍ୟକ୍ତିତ୍ୱ ଏବଂ ଜଣେ କିମ୍ବଦନ୍ତୀ ପୁରୁଷ। ଭାରତର ବିଶ୍ୱ କୂଟନୀତି ନିଶ୍ଚିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିବାରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷିୟ ମାନଙ୍କୁ ସମର୍ଥନ କରିବାରେ ତାଙ୍କର ଭୂମିକା ଥିଲା। ତେବେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ । ଦର୍ଶାଉଛି ଯେ ଭାରତୀୟ ଜନତା ପାର୍ଟି ପାଇଁ ଓଡ଼ିଆ ଅସ୍ମିତା କ’ଣ। ସେମାନେ ଓଡ଼ିଆ ଅସ୍ମିତା ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ବିଜୁ ବାବୁଙ୍କ ଭଳି ଜଣେ ରାଜନେତାଙ୍କ ବିରୁଦ୍ଧରେ ଅପମାନଜନକ, ମିଥ୍ୟା ଏବଂ ମନଗଢ଼ା ବୟାନ ଦେବା ପାଇଁ ଏତେ ନିମ୍ନ ସ୍ତରକୁ ଯାଇଥାନ୍ତି।’

# ଜୀବନ ହାରିବାକୁ ଡାକ୍ତରୀ ଛାତ୍ରୀଙ୍କ ଉଦ୍ୟମ

**ସମ୍ବଲପୁର,୨୯।୩/ଏନ୍‌ଏନ୍‌ଏସ୍:** ବୁର୍ଲା ଭୀମସାରରେ ଜଣେ ପିଜି ପ୍ରଥମବର୍ଷର ଛାତ୍ରୀ ଜୀବନ ହାରିବା ପାଇଁ ଉଦ୍ୟମ କରିଛନ୍ତି। ଛାତ୍ରୀ ଜଣକ ୩୦ଟି ବଟିକା ଖାଇ ଜୀବନ ହାରିବା ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ସ୍ୱୀକାର କରିଛନ୍ତି ଭାରପ୍ରାପ୍ତ ନିର୍ଦ୍ଦେଶକ ଲାଲ ମୋହନ ନାୟକ। ନିର୍ଦ୍ଦେଶକ କହିଛନ୍ତି ଯେ କାଲି ତାଙ୍କର ଡାଇଲେସିସ କରାଯାଇଥିଲା । ଏବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି। ତେବେ ଡ୍ୟୁଟିକୁ ନେଇ ଅଭିଯୋଗ କରିଥିବା ସମ୍ପର୍କରେ ଶୁଣିବାକୁ ମିଳିଛି। ଘଟଣା ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ଛାତ୍ରୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ କେଉଁ କାରଣରୁ ପାଇଁ ଏପରି କଲେ ଜଣାପଡ଼ିବ ବୋଲି ଶ୍ରୀ ନାୟକ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ବୁର୍ଲା ପୁଲିସ ନିକଟରେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ହୋଇନଥିବା ପୁଲିସ କହିଛି। ତେବେ ଛାତ୍ରୀ ଜଣକ କାହିଁକି ସେ ଏପରି ଚରମ ନିଷ୍ପତ୍ତି ନେଲେ ସେ ନେଇ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

**ଖାଇଦେଲେ ୩୦ ବଟିକା**

**ଆଇସିୟୁରେ ଭର୍ତ୍ତି**

## ‘ଶିକ୍ଷକମାନଙ୍କ ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା’ କାର୍ଯ୍ୟକ୍ରମରେ ରାଜ୍ୟପାଳ

# ‘ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ’



**ଭୁବନେଶ୍ୱର,୨୯।୩/ଏନ୍‌ଏନ୍‌ଏସ୍:** ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଭୁବନେଶ୍ୱରର ସ୍ଥିତ ରାମକୃଷ୍ଣ ମିଶନର ବିବେକାନନ୍ଦ ହଲ୍ ଠାରେ ଆୟୋଜିତ ‘ଶିକ୍ଷକ ମାନଙ୍କ ପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା’ ସମ୍ପର୍କିତ କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଦବୋଧନ ଦେଇ ଶିକ୍ଷକମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ଞାନ ସହିତ ଚରିତ୍ରକୁ ପୋଷଣ କରିବାକୁ ଆହ୍ୱାନ ଜଣାଇଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଉଦ୍ଧୃତ କରି ରାଜ୍ୟପାଳ କହିଥିଲେ ଯେ ,ଶିକ୍ଷା କେବଳ ସୂଚନା ସଂଗ୍ରହ ନୁହେଁ ବରଂ ଆନ୍ତରିକ ପୂର୍ଣ୍ଣତା, ଶକ୍ତି ଏବଂ ଚରିତ୍ରର ପରିପ୍ରକାଶ। ରାଜ୍ୟପାଳ ଶିକ୍ଷା, ସମାଜସେବା ଏବଂ ଆଧାତ୍ମିକ ଜାଗରଣରେ ରାମକୃଷ୍ଣ ମିଶନର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ମିଶନ ନିରନ୍ତର ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଆସିଛି ଯାହା ବୌଦ୍ଧିକ, ନୈତିକ ଏବଂ ଆଧାତ୍ମିକ ଅଭିବୃଦ୍ଧିକୁ ସମନ୍ୱିତ କରିଥାଏ ବୋଲି କହିଥିଲେ। ଭାରତର ସମୃଦ୍ଧ ସଭ୍ୟତା ଉପରେ ଆଲୋକପାତ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଭାରତୀୟ ମୂଲ୍ୟବୋଧରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଏବଂ ଅହିଂସା ପ୍ରତିଫଳିତ। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ବରଂ ଦୈନନ୍ଦିନ ଜୀବନରେ ପାଳନ କରାଯିବା ପାଇଁ ଉଦ୍ଦିଷ୍ଟ। ସଂଘର୍ଷ ଏବଂ ଅସ୍ଥିରତା ଦ୍ୱାରା ପ୍ରଭାବିତ ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ରାଜ୍ୟପାଳ ଉଲ୍ଲେଖ କରି ବୁଝାମଣା, ସହନଶୀଳତା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ମାର୍ଗଦର୍ଶକ ଏବଂ ରାଷ୍ଟ୍ର ନିର୍ମାତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଏବଂ ମାର୍ଗଦର୍ଶନ ଓ ଉଦାହରଣ ମାଧ୍ୟମରେ ଯୁବ ମନକୁ ଗଠନ କରନ୍ତି। ଶିକ୍ଷକମାନେ ଛାତ୍ରଙ୍କୁ ଚିନ୍ତାରେ ନିର୍ଭୀକ, କାର୍ଯ୍ୟରେ ଦୟାଳୁ ଏବଂ ମାନବତାର ସେବା ପାଇଁ ପ୍ରତିବଦ୍ଧ ହେବା ପାଇଁ ମାର୍ଗଦର୍ଶନ କରିବାକୁ ଆହ୍ୱାନ ଜଣାଇଥିଲେ ଏବଂ କହିଥିଲେ ଯେ ଜଣେ ପରିବର୍ତ୍ତିତ ବ୍ୟକ୍ତି ମଧ୍ୟ ସାମାଜିକ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ମୂଲ୍ୟବୋଧ କେବଳ ପୁସ୍ତକରୁ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ବଞ୍ଚିବା ଏବଂ ଅଭିଜ୍ଞତା ହାସଲ କରିବା ଉପରେ ଏହା ପର୍ଯ୍ୟବେଶିତ ହେବା ଉଚିତ୍। ଶିକ୍ଷକମାନେ ନିଜକୁ ଉନ୍ନତ କରିବା ପାଇଁ ଯତ୍ନବାନ ହେବାକୁ ରାଜ୍ୟପାଳ ଉତ୍ସାହିତ କରିବା ସହିତ କହିଥିଲେ ଯେ, ଅନୁଷ୍ଠାନଗୁଡ଼ିକ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯାହା ନୀତି, ସାମାଜିକ ଦାୟିତ୍ୱ ଏବଂ ସେବା ମନୋଭାବକୁ ପ୍ରୋତ୍ସାହିତ କରିବ। ପ୍ରକୃତ ଜାତୀୟ ଶକ୍ତି କେବଳ ଆର୍ଥିକ ପ୍ରଗତିରେ ନୁହେଁ ବରଂ ଏହାର ନାଗରିକଙ୍କ ଚରିତ୍ରରେ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ମଠ ହାଇଦ୍ରାବାଦର ସମ୍ପାଦକ ସ୍ୱାମୀ ବୋଧମୟାନନ୍ଦ ଉଦବୋଧନ ଦେଇଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମକୃଷ୍ଣ ମିଶନର ସଭାପତି ଡ଼ା. ଚଣ୍ଡୀ ଦାସ ଦେଇଥିଲେ।

## ପଶ୍ଚିମବଙ୍ଗ ନନ୍ଦୀଗ୍ରାମରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ

# ‘ପଶ୍ଚିମବଙ୍ଗବାସୀ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି’



**ନନ୍ଦୀଗ୍ରାମ,୨୯।୩/ଏଜେନ୍ସି:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଗସ୍ତ କରି ବିଜେପିର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ପ୍ରଚାର କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗର ଜନସାଧାରଣ ବର୍ତ୍ତମାନର ଅନ୍ୟାୟ, ଦୁର୍ନୀତି ଏବଂ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ବଙ୍ଗଳାର ପ୍ରତିଟି ନାଗରିକ ଏବେ ସଂକଳ୍ପବଦ୍ଧ। ସେଥିପାଇଁ ଆଜି ସାରା ରାଜ୍ୟରେ ପରିବର୍ତ୍ତନ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ବରଂ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ନନ୍ଦିଗ୍ରାମ କେବଳ ଏକ ଭୌଗୋଳିକ କ୍ଷେତ୍ର ନୁହେଁ, ବରଂ ଏହା ଏକ ପରିବର୍ତ୍ତନର ଚେତନାର ପ୍ରତୀକ। ବିଗତ ପ୍ରାୟ ୨୦ ବର୍ଷ ଧରି ନନ୍ଦୀଗ୍ରାମ ସହ ତାଙ୍କର ଏକ ଗଭୀର ଆଧାତ୍ମିକ ଓ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି। ନନ୍ଦୀଗ୍ରାମର ମାଟି ବଙ୍ଗୀୟ ଅସ୍ମିତା ଏବଂ ସାହସର ପରିଚୟ ଦେଇଛି, ଯାହା ସମଗ୍ର ପଶ୍ଚିମବଙ୍ଗର ରାଜନୀତିକୁ ଦିଗଦର୍ଶନ ଦେଇଛି। ନନ୍ଦୀଗ୍ରାମରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଥିବା ଅଦମ୍ୟ ଉତ୍ସାହ, ଅନୁଶାସନ ଏବଂ ସମର୍ପଣ ଭାବକୁ ପ୍ରଶଂସା କରି ସେ କହିଛନ୍ତି ଯେ, ଏଠାକାର ଜନତାଙ୍କ ଅକୁଣ୍ଠ ସମର୍ଥନ ପୁଣି ଥରେ ପଦ୍ମ ଫୁଟାଇବା ପାଇଁ ସ୍ପଷ୍ଟ ସଙ୍କେତ ଦେଉଛି। ପଶ୍ଚିମବଙ୍ଗରେ ପରିବର୍ତ୍ତନ ହେବ ଏବଂ ଏକ ନୂତନ ବିକଶିତ ବଙ୍ଗଳାର ନିର୍ମାଣ ହେବାର ସମୟ ଉପନୀତ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

## 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ

# 'ଅସାଧାରଣ ଉପଲବ୍ଧି ହିଁ ଭଲ ଗପର ଉତ୍ସ'

**ଭୁବନେଶ୍ୱର,୨୯।୩ /ଏନ୍ଏନ୍ଏସ୍:** ସୃଷ୍ଟି ଗଳ୍ପମୟ ଗୋଟିଏ ଅସାଧାରଣ ଉପଲବ୍ଧିରୁ ଗପ ଉତୁରି ଆସେ। ଚାରିପାଖର ଦୃଶ୍ୟ, କୋଳାହଳ ଓ ଚରିତ୍ରରୁ ଗପର ଉପାଦାନ ସଂଗ୍ରହ କରନ୍ତି ବୋଲି କଥାଶିଳ୍ପୀ ଡ. ଅଭୟ ବାରିକ ଉଲ୍ଲେଖ କରିଛନ୍ତି। ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ'ରେ ଯୋଗ ଦେଇ 'ମୋ ସୃଜନ, ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ରଖି ଡ଼. ବାରିକ ତାଙ୍କ ଗଳ୍ପ ଲିଖନର ପୃଷ୍ଠଭୂମି ଓ କଥା ଯାତ୍ରା, ସ୍ମରଣୀୟ ଅତୀତ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ଼. ବାରିକ ପ୍ରଶ୍ନର ଉତ୍ତର ଦେଇଥିଲେ। ନିଶାକର ପଣ୍ଡା, ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ପ୍ରିୟରଞ୍ଜନ ସାହୁ,ନାଟ୍ୟକାର ଫକୀର ସିଂହ,ବାସନ୍ତୀ ତ୍ରିପାଠୀ ଓ ଆଭାସ ବରାଳ ପ୍ରମୁଖ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଆରମ୍ଭରେ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ଡା. ଜୀବନକୃଷ୍ଣ ମିଶ୍ର ବେଦ ପାଠ କରିଥିଲେ। 'ଏ ମାସର କବି' ଭାବରେ ଉପସ୍ଥିତ ରହି ଅଂଶୁମାନ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମଧୁମିତା ମିଶ୍ର ଓ ଶ୍ୟାମା- କିଙ୍କର ମହାନ୍ତିଙ୍କ ମିଳିତ ସଂଯୋଜନାରେ ବିଜୟ ମହାପାତ୍ର, ଅଲେଖ ରାଉତ, ବୀଣାପାଣି ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଇତିଶ୍ରୀ ପତି, ଜ୍ଞାନରଞ୍ଜନ ନନ୍ଦ, ହିମାଂଶୁ ପଟ୍ଟନାୟକ, ପ୍ରକାଶ ସେଠୀ, ସୁବ୍ରତ ସେନାପତି, ଗୀତାଞ୍ଜଳି ଦଳାଇ, ଅଶୋକ ସିଂହ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଅଳକା ରାୟ, ଲକ୍ଷ୍ମୀଧର ଦାଶ, ମିହିରକାନ୍ତି ଦାଶ, ସୁଧା ପଟ୍ଟନାୟକ, ସବିତା ଶତପଥୀ, ନିରୁପମା ରାୟ, ଗୁରୁକଲ୍ୟାଣ ଦାସ, ସୁରେଶ କୁମାର ମାଝୀ, ବିରଞ୍ଚି ଶତପଥୀ ଓ ସୁଷମା ଦାସ ପ୍ରମୁଖ ଲେଖା ପାଠ କରିଥିଲେ। ଶେଷରେ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ୍ ଦେଇଥିଲେ।

## ଲୋକ ଅଧିକାର ସମାବେଶ

# ବିକଳ୍ପ ଜନବାଦୀ ବିକାଶ ନୀତିର ଘୋଷଣାପତ୍ର ଜାରି

**ଭୁବନେଶ୍ୱର,୨୯।୩/ଏନ୍ଏନ୍ଏସ୍:** ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକଙ୍କ ଜୀବନ ଜୀବିକାର ଅଧିକାର ପାଇଁ ଆଜି ରାଜଧାନୀର ଲୋୟର ପିଏମଜିଠାରେ 'ଲୋକ ଅଧିକାର ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର୍ ଫର୍ କ୍ଲାଇମେଟ୍ ଜଷ୍ଟିସ୍ ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର କୋଣ ଅନୁକୋଣରୁ ସହସ୍ରାଧିକ ଲୋକ ଯୋଗ ଦେଇଥିଲେ। ଗତ ଫେବୃଆରୀ ୨୫ରୁ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା 'ଲୋକ ଅଧିକାର ଯାତ୍ରା' କଟକରେ ସମାପ୍ତ ହେବା ପରେ ଆଜି ଭୁବନେଶ୍ୱରରେ ଏହି ବିଶାଳ ସମାବେଶ ଜରିଆରେ ବିକଳ୍ପ ବିକାଶର ଘୋଷଣାପତ୍ର ଜାରି କରାଯାଇଛି।




ଏହି ଅବସରରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ଲିଙ୍ଗରାଜ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡଃ ବିଶ୍ୱଜିତ୍ ଏବଂ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ପ୍ରମୁଖ ରାଜ୍ୟର ସମ୍ପଦକୁ କର୍ପୋରେଟ୍ ଲୁଣ୍ଠନରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କାର୍ତ୍ତିକ ନାୟକ, ଦାସିନନ୍ଦୀ ବାଲି, ଲକ୍ଷ୍ମୀ ସିସା, ବିବୁଲ୍ ଟପ୍ପୋ, କୃଷ୍ଣ ସିକକା, ଗମ୍ଭାରାମ ବେହେରା ଓ ହର ବଣିଆଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ଗଠନ କରାଯାଇଥିଲା। ସମାବେଶରେ ବିଭିନ୍ନ ବୁଦ୍ଧିଜୀବୀ ଓ ରାଜନୈତିକ ନେତୃତ୍ୱ ଯଥା କୃଷ୍ଣା ମହାନ୍ତି, ପ୍ରଫେସର ବୀରେନ୍ଦ୍ର ନାୟକ, ଅଶୋକ ମିଶ୍ର, ବାସୁଦେବ ଦାସ, ମହେନ୍ଦ୍ର ପରିଡ଼ା, ମିହିର ପ୍ରତାପ ଦାସ, ହେନାରାଣୀ, ଦେବୀ ପ୍ରସାଦ ପୃଷ୍ଟି, ସୁଶାନ୍ତ ମହାନ୍ତି ଏବଂ ପ୍ରଫେସର ସୁମିତ୍ରା ପଟେଲ ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି ବିଭିନ୍ନ ଜନ ଆନ୍ଦୋଳନର ନେତୃବୃନ୍ଦ ଆନ୍ନା କୁଜୁର, ଲପିତା ଦେହୁରୀ, କାଳିଦେଇ ମାଝୀ, ସୁଧୀର ରାଉତ, ବିନତୀ କାଡ୍ରାକା, ଅନନ୍ତ, ତ୍ରିଲୋଚନ ପୁଞ୍ଜି, ଅଜୟ ମୁଦୁଲି, ବିଜୟ ଖିଲୋ, ବଳଭଦ୍ର ମଲ୍ଲିକ, ଟିକେଇ ଗାମେଲ, ସୂର୍ଯ୍ୟ ନାରାୟଣ ନାଥ, ହୀରାମଣି ମିଞ୍ଜ, ଅରୁଣ ଜେନା, ସତ୍ୟ ବନଛୋର, ବିଶ୍ୱନାଥ ପାତ୍ର, ଗିରିରାଜ ଭୋଇ ଏବଂ କମଳ ଲୋଚନ ବାରିକ ନିଜ ନିଜ ଅଞ୍ଚଳର ଭିଟାମାଟି ଲଢ଼େଇ ବିଷୟରେ ବର୍ଣ୍ଣନା କରିଥିଲେ। ସମାବେଶ ପକ୍ଷରୁ ୧୭ ଦଫା ସମ୍ବଳିତ ଏକ ବିକଳ୍ପ ବିକାଶ ନୀତି ଜାରି କରାଯାଇଛି। ସେଥିମଧ୍ୟରୁ ପ୍ରାକୃତିକ ସମ୍ପଦ ଉପରେ 'ଶ୍ୱେତପତ୍ର' ପ୍ରକାଶ, ନୂତନ ଖଣି ଖନନ ଓ ଥର୍ମାଲ ପାୱାର ପ୍ଲାଣ୍ଟ ଉପରେ ନିଷେଧାଦେଶ, କୃଷିଜାତ ଓ ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପାୟନ, କୃଷି ଶସ୍ୟର ଉଚିତ ମୂଲ୍ୟ ପାଇଁ ଆଇନ, ଜବରଦସ୍ତ ଜମି ଅଧିଗ୍ରହଣ ବନ୍ଦ, ଗ୍ରାମସଭାର ନିଷ୍ପତ୍ତିକୁ ସମ୍ମାନ ଏବଂ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରମୁଖ ରହିଛି। ଏହା ସହ ଦାଦନ ଶ୍ରମିକ ଚାଲାଣ ରୋକିବା ଓ ବିସ୍ଥାପିତଙ୍କ ପାଇଁ ସାମ୍ବିଧାନିକ ଆୟୋଗ ଗଠନ କରିବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ରାଜକିଶୋର, କିଶୋର ମେହେର, ବିଜୟ ସ୍ୱାଇଁ ଓ ସାଥୀଙ୍କ ଦ୍ୱାରା ଜାଗରଣ ସଙ୍ଗୀତ ପରିବେଷଣ କରାଯାଇଥିଲା।

# 'ମାମୁଘର-ସ୍ମୃତି ଓ କଳ୍ପନାର ଏକ ସୁନ୍ଦର ଜଗତ'

**ଭୁବନେଶ୍ୱର,୨୯।୩/ଏନ୍ଏନ୍ଏସ୍:** ପ୍ରତ୍ୟେକ ମଣିଷ ମନରେ ଜୀବନସାରା ଯେଉଁ ସ୍ମୃତି ସବୁବେଳେ ଉଜ୍ଜୀବିତ ହୋଇ ରହିଥାଏ ତାହା ହେଉଛି ମାମୁଘରର ସ୍ମୃତି। ପିଲାମାନେ ତ ମାମୁଘର ଯିବା କଥା ଶୁଣିଲେ




ଆନନ୍ଦରେ କୁରୁଳି ଉଠନ୍ତି। ମାମୁଘରର ସ୍ମୃତି ହେଉଛି ମଣିଷ ଜୀବନର ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ ବୋଲି ଆଜି ଆଜି ଇନଫୋସିଟି ଏରିଆସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତପୋଷଣ କରିଛନ୍ତି। ଆଜିର ଆଲୋଚନା କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଦିଗରାଜ ବ୍ରହ୍ମା, ବିଶିଷ୍ଟ ଗାଳ୍ପିକ ଓ ଲେଖକ ଅରବିନ୍ଦ ରାୟ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ନିଜନିଜ ପିଲାଦିନର ଅଭୁଲା ସ୍ମୃତିସବୁକୁ ସାବଲୀଳ ଢଙ୍ଗରେ ବଖାଣିଥିଲେ। ସେହିପରି କେନ୍ଦ୍ର ସାହିତ୍ୟ ଅକାଦେମୀ ସଦସ୍ୟ ଅରୁଣ କୁମାର ସାହୁ, ବିଶିଷ୍ଟ ଗାଳ୍ପିକ କ୍ଷୀରୋଦ ଦାସ, ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ପ୍ରମୁଖ ମଧ ଆଲୋଚନାରେ ଅଂଶଗ୍ରହଣ କରି ମାମୁଘରକୁ ନେଇ ଅଙ୍ଗେନିଭା ଘଟଣାସବୁ ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭା କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁସାହିତ୍ୟିକ ଶରତ କୁମାର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କମଳିନୀ ମଲ୍ଲିକ, ମନୋରମା ମିଶ୍ର, କବିତା ମିଶ୍ର, ପ୍ରତ୍ୟୁଷିନୀ ମହାନ୍ତି, ଅନ୍ତର୍ଯ୍ୟାମୀ ପ୍ରଧାନ, ଶରତ କୁମାରୀ ମିଶ୍ର, ପ୍ରକାଶ ମଙ୍ଗରାଜ, ଜ୍ୟୋତ୍ସ୍ନା ବେହେରା, ସୁଧାଶ୍ରୀ ପଣ୍ଡା ଓ ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ମାମୁଘରକୁ ନେଇ ଅଭୁଲାଦିନର ସ୍ମୃତି ରୋମନ୍ଥନ କରିଥିଲେ ଓ ମାମୁଘର ବିଷୟ ଆଧାରିତ କବିତାପାଠ କରିଥିଲେ। ମାମୁଘରକୁ ନେଇ ନିଜ ଅନୁଭୂତିରୁ ଶୁଭସ୍ମିତା ନାୟକ, ଦିଶା ପଡ଼ିଆରୀ, ସ୍ୱପ୍ନିଲ୍ ସାହୁ, ଅନନ୍ୟା ସାମନ୍ତରାୟ, ଦୀପ୍ସଶୀ ଷଡ଼ଙ୍ଗୀ, ସତ୍ୟଜିତ ରାଉତ ପ୍ରମୁଖ ଶିଶୁପ୍ରତିଭାମାନେ ମନଛୁଆଁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସଞ୍ଜିତା ମିଶ୍ର ଓ ଶାରଦା ପ୍ରସନ୍ନ ରାଉତ ମାମୁଘର ବିଷୟକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସ୍ୱାଗତ ସୂଚନା ପ୍ରଦାନ କରିବା ସହ ଏବେର ପିଲାମାନଙ୍କୁ ବାପା-ମାଆମାନେ କିପରି ମାମୁଘର ସହିତ ଅଧିକରୁ ଅଧିକ ସଂପର୍କରେ ଯୋଡ଼ି ଆମ ସଂସ୍କୃତିକୁ ମାନ୍ୟତା ଦେଇ ପାରିବେ ସେହି ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ।

ସାଂସ୍କୃତିକ ସମ୍ପାଦିକା ଅନିତା ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଅନ୍ୟତମ ସଦସ୍ୟା ଅନିତା ବେହେରା ଆଲୋଚନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଚାଳନାରେ ସଂଗଠନ ସମ୍ପାଦକ ପ୍ରିୟଦର୍ଶୀ ଶୁଭକାନ୍ତଙ୍କ ସମେତ ସଦସ୍ୟ ରଜନୀକାନ୍ତ ରାଉତ, ନିଝୁମ ମହାନ୍ତି, ଶିଳ୍ପୀତା ବିଶ୍ୱାଳ, ପ୍ରିୟଦର୍ଶୀ ସୌମ୍ୟକାନ୍ତ ଓ ନରେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବରଙ୍ଗର ତୃତୀୟ ସନ୍ଧ୍ୟାରେ 'ଅନୁକୂଳ ଅତୋପର' ମଞ୍ଚସ୍ଥ





**ଭୁବନେଶ୍ୱର,୨୯।୩/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତାର ମିଳିତ ସହଯୋଗରେ ଆୟୋଜିତ ହେଉଛି ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬'। ଆଜି ନାଟକ ଉତ୍ସବର ତୃତୀୟ ସନ୍ଧ୍ୟାରେ ତ୍ରିପୁରା ରାଜ୍ୟର ନାଟ୍ୟଭୂମି ଅନୁଷ୍ଠାନ ଦ୍ୱାରା ବଙ୍ଗଳା ନାଟକ 'ଅନୁକୂଳ ଅତୋପର' ପରିବେଷଣ କରାଯାଇଥିଲା।

ବିଶିଷ୍ଟ ବଙ୍ଗଳା ସାହିତ୍ୟିକ ସତ୍ୟଜିତ ରାୟଙ୍କ କ୍ଷୁଦ୍ରଗଳ୍ପ 'ଅନୁକୂଳ'ରୁ ପ୍ରେରିତ ହୋଇ ନାଟ୍ୟକାର ସଞ୍ଜୟ କର ରଚନା କରିଛନ୍ତି ନାଟକ 'ଅନୁକୂଳ ଅତୋପର'। ନାଟ୍ୟ ନିର୍ଦ୍ଦେଶକ ଚନ୍ଦ୍ରସ୍ନାତ କରଙ୍କ ନିର୍ଦ୍ଦେଶନାରେ ସଞ୍ଜୟ କର, ଦେବାର୍ପିତ ଚକ୍ରବର୍ତ୍ତୀ, ସାନି ସରକାର, ସୁପାଲି ଦାସ, ଅନନ୍ୟା ଘୋଷ, ପୋର୍ସିଆ ଚୌଧୁରୀ, ଅର୍ନିଶା ଆଚାର୍ଯ୍ୟ, ପଲ୍ଲବୀ ଦେବ, ତମଘ୍ନା ଧର, ଅସିମ କୁମାର ରାୟ ପ୍ରମୁଖଙ୍କ ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକର କାହାଣୀ ରୋବଟ 'ଅନୁକୂଳ' ଉପରେ ପର୍ଯ୍ୟବେସିତ। ଆଜିର ଯୁଗରେ କୃତ୍ରିମ ବୁଦ୍ଧିମତା, ମେସିନ ଲର୍ନିଙ୍ଗ ଆଦି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଆମ ଦୈନନ୍ଦିନ ଜୀବନ ଉପରେ ଏହାର ପ୍ରଭାବକୁ ନାଟକରେ ପ୍ରଦର୍ଶିତ କରାଯାଇଥିଲା। କାହାଣୀରେ ସାଇନ୍ସ ଫିକ୍ସନ ଏବଂ ରୋମାଞ୍ଚର ସମିଶ୍ରଣ ଦର୍ଶକମାନଙ୍କୁ ବେଶ୍ ପସନ୍ଦ ଆସିଥିଲା। ନାଟ୍ୟକାର ମନ୍ମଥ ଶତପଥୀ, ପଞ୍ଚାନନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬' ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବ। ନାଟକ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ନାଟକ 'ଜିସ ଲାହୋର ନହିଁ ଦେଖାହେ ଓ ଜନ୍ମାହି ନହିଁ' ପରିବେଷଣ କରାଯିବ।

# ବୈଜ୍ଞାନିକ ପଦ୍ଧତିରେ ବିନ୍ଦୁସାଗର ଜଳ ଉପଚାର କଲା ବିଏମ୍‌ସି







**ଭୁବନେଶ୍ୱର,୨୯।୩/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସିଟି ସେଣ୍ଟର ଏବଂ ନିକୋ ପାର୍କରେ ଅବ୍ୟବହୃତ ହୋଇ ରହିଥିବା ଡଙ୍ଗାଗୁଡିକୁ ଏବେ ପୁନଃକାର୍ଯ୍ୟକ୍ଷମ କରାଯାଇଛି। ଏହି ଡଙ୍ଗାଗୁଡ଼ିକୁ ବିନ୍ଦୁସାଗରର ହ୍ରଦରୁ ଦଳ ସଫା କରିବା କାର୍ଯ୍ୟରେ ନିୟୋଜିତ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜିର ବିଶେଷଜ୍ଞଙ୍କ ସହାୟତାରେ ଦଳ ସଫା ସହ ଜଳ ଉପଚାର ପ୍ରଣାଳୀକୁ ସଫଳତାର ସହ କରାଯାଉଛି। ବର୍ତ୍ତମାନ ସର୍ବୋତ୍ତମ ଦକ୍ଷତା ଏବଂ ଜଳର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ବିଏମ୍‌ସି ପକ୍ଷରୁ କାର୍ଯ୍ୟ ଜାରି ରହିଛି। ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅଧିନରେ ବିଏମ୍‌ସିର ଡ୍ରେନେଜ୍ ଉପବିଭାଗ ତତ୍ତ୍ୱାବଧାନରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ବିନ୍ଦୁସାଗର ଜଳର ବର୍ଷସାରା ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ତଥା ସ୍ୱଚ୍ଛ, ସବୁଜ ଭୁବନେଶ୍ୱର ଗଠନ ଦିଗରେ ଏହାକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି।

ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ୨୨ ଏକରର ଐତିହ୍ୟ ଜଳାଶୟ ବିନ୍ଦୁସାଗର ହ୍ରଦ ଜୈବିକ ଭାର, ଶୈବାଳ ବୃଦ୍ଧି ଏବଂ ନୃତାତ୍ତ୍ୱିକ କାର୍ଯ୍ୟକଳାପ ହେତୁ ଜଳର ଗୁଣବତ୍ତା ଗୁରୁତର ଅବନତିର ସମ୍ମୁଖୀନ ହୋଇଥିଲା, ଯାହା ବୈଜ୍ଞାନିକ ହସ୍ତକ୍ଷେପ ଆବଶ୍ୟକ ରହିଥିଲା। ବିଏମ୍‌ସି ଏହି ଜଳାଶୟର ମାଲିକାନା ନିଜ ହାତକୁ ନେଇ ମୁମ୍ବାଇ ଆଇସିଟି ସହାୟତାରେ ପୁନରୁଦ୍ଧାର କାର୍ଯ୍ୟ କରିଛି। ହ୍ରଦର ଜଳକୁ ନିୟମିତ ପରିଷ୍କାର ରଖିବା ପାଇଁ ୪ଟି ପମ୍ପ ସହାୟତାରେ ଜଳର ସଞ୍ଚାଳନକୁ ସୁନିଶ୍ଚିତ କରାଯାଉଛି। ଏହା ଦ୍ୱାରା ହାଇଡ୍ରୋଡାଇନାମିକ୍ କ୍ୟାଭିଟେସନ୍ ମାଇକ୍ରୋବୁବଲ୍ ପତନ ସୃଷ୍ଟି ହେବ। ଫଳରେ ଜଳଶୟରେ ତରଙ୍ଗ ଏବଂ ହାଇଡ୍ରୋକ୍ସିଲ୍ ରେଡିକାଲ୍ ସୃଷ୍ଟି ହେବା ଦ୍ୱାରା ବିନା ରାସାୟନିକ ପ୍ରୟୋଗରେ ଜଳ ପ୍ରଦୂଷଣ କରୁଥିବା ଶୈବାଳ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ। ସମ୍ପ୍ରତି ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଜଳର ପରିବର୍ତ୍ତନ ସହ ଗନ୍ଧ ମଧ୍ୟ ହ୍ରାସ ପାଇଛି। ବିଏମ୍ ସିର ଏହି କାର୍ଯ୍ୟକ୍ରମ ସହରୀ ଜଳାଶୟ ପୁନଃଉଦ୍ଧାର ଜଳ ସୁରକ୍ଷାର ଏକ ମଡେଲ ଭାବେ ପ୍ରତୀୟମାନ ହୋଇଛି।

# 'ଜନଜାତି ଅସ୍ମିତା ଓ ଦେଶପ୍ରେମର ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ'

**ଭୁବନେଶ୍ୱର,୨୯।୩/ଏନ୍ଏନ୍ଏସ୍:** ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା, ସ୍ୱାଭିମାନ ଓ ଦେଶପ୍ରେମର ଅଦ୍ୱିତୀୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିଜର ନିର୍ଭୀକ ସଂଗ୍ରାମ ଓ ବଳିଦାନ ମାଧ୍ୟମରେ ଇତିହାସରେ ଅମର ଅବସ୍ଥାନ ଅଧିକାର କରିଛନ୍ତି। ଜନଜାତି ସମାଜର ଅଧିକାର ସୁରକ୍ଷା ଓ ପରାଧୀନତା ବିରୋଧରେ ତାଙ୍କର ଅବଦାନ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ଭାବେ ସ୍ଥାନ ପାଇଛି ବୋଲି ଶ୍ରାଦ୍ଧ ଦିବସ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ବିରୋଧରେ ତାଙ୍କ ଲଢେଇ ଆଜିର ପିଢ଼ି ପାଇଁ ଦୃଢ଼ ପ୍ରେରଣା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡଃ ସୋମା ଚାନ୍ଦ ଯୋଗଦେଇ ଲକ୍ଷ୍ମଣ ନାଏକଙ୍କୁ ଜଣେ ଲୋକନାୟକ ଭାବେ ବର୍ଣ୍ଣନା କରିଥିଲେ। ସେ ଜନଜାତିମାନଙ୍କୁ ସଙ୍ଗଠିତ କରି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ସହ ଦେଶପ୍ରେମର ଚେତନାକୁ ସୁଦୃଢ଼ କରିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ



ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଜୟଦେବ ଭବନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ସାଂସଦ ମୁଜିବୁଲ୍ଲା (ମୁନା) ଖାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ଅଦମ୍ୟ ସାହସ, ଜନସେବାମୂଳକ ଚେତନା ଓ ଜନଜାତି ସମାଜ ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଜନଜାତିମାନଙ୍କ ଅବଦାନ ଅସାଧାରଣ ଥିବା ସହ ଏହା ଆମ ସମାଜ ପାଇଁ ପ୍ରେରଣାଦାୟକ ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଯୋଗଦେଇ ଲକ୍ଷ୍ମଣ ନାଏକଙ୍କ ସଂଗ୍ରାମ ଜନଜାତି ସମାଜର ସ୍ୱାଭିମାନକୁ ସୁଦୃଢ଼ କରିଥିବାରୁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟାୟ ଓ ଶୋଷଣ ଭାଷଣ ପ୍ରଦାନ କରି ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୀବନ ଓ ଆଦର୍ଶକୁ ସ୍ମରଣ କରିଥିଲେ। ତାଙ୍କର ବଳିଦାନ ଓ ସେବାମୟ ଜୀବନ ସମାଜକୁ ସଦା ପଥପ୍ରଦର୍ଶନ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶବରୀ ସାଂସ୍କୃତିକ ସଂସଦର ସଭାପତି ଇଞ୍ଜିନିଅର ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ୨୫% ସଂରକ୍ଷଣ ସିଟ୍‌ରେ ନାମ ଲେଖାଇବାକୁ ଘରୋଇ ସ୍କୁଲ୍ ଅମଙ୍ଗ

**ଭୁବନେଶ୍ୱର,୨୯।୩ /ଏନ୍ଏନ୍ଏସ୍:** ଶିକ୍ଷା ଅଧିକାର ଆଇନ୍ ବଳରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଅନଗ୍ରସର ପିଲାମାନଙ୍କ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇଥିବାବେଳେ ବିଦ୍ୟାଳୟଗୁଡିକ କିନ୍ତୁ ନାମଲେଖା ପାଇଁ ଅମଙ୍ଗ ହେଉଛନ୍ତି। ମାଗଣାରେ ପଢ଼ାଇବା ବଦଳରେ ଅଭିଭାବକମାନେ କିଭଳି ନାମ ନଲେଖାଇ ଫେରିବେ ସେଥିପାଇଁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରୁଥିବା ଅଭିଯୋଗମାନ ଆସିବାରେ ଲାଗିଛି। ରାଜ୍ୟର ଘରୋଇ ବିଦ୍ୟାଳୟଗୁଡିକ ୨୫ ପ୍ରତିଶତ ଆସନ ଆର୍ଥିକ ଅନଗ୍ରସର, ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ଲାଗି ସଂରକ୍ଷଣ କରିବାର ନିୟମ ରହିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ବିଜ୍ଞାପନ ବାହାରିଥାଏ ଓ ଏହି ବର୍ଗର ଛାତ୍ରଛାତ୍ରୀମାନେ ଅନଲାଇନରେ ଆବେଦନ କରିଥାନ୍ତି। ଏହି ଆସନରେ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନଙ୍କୁ କୌଣସି ଫି' ଦେବାକୁ ପଡ଼ିନଥାଏ। ବର୍ତ୍ତମାନ ଏହିସବୁ ସଂରକ୍ଷଣ ଆସନରେ ନାମଲେଖା ଆରମ୍ଭ ହୋଇଛି। ପ୍ରକାଶିତ ତାଲିକାରେ ନାମ ଥିବା ପିଲାଙ୍କ ଅଭିଭାବକଙ୍କ ନିକଟକୁ ଫୋନ୍ କରି ନାମ ଲେଖାଇବାକୁ ଡାକୁଛନ୍ତି। ହେଲେ ଅଭିଭାବକମାନେ ସେଠାରେ ପହଞ୍ଚିଲା ପରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି। ଏପରିକି ଏହି ଦାମୀ ବିଦ୍ୟାଳୟରେ କାହିଁକି ପିଲାଙ୍କ ନାମ ଲେଖାଉଛ ବୋଲି ପ୍ରଶ୍ନ କରୁଛନ୍ତି। ଏଠାରେ ଫି' ଦେଇ ପଢୁଥିବା ପିଲାଙ୍କ ସହିତ ଏହି ମାଗଣା ପଢିବାକୁ ଥିବା ପିଲାମାନେ ସମାନ ହୋଇପାରିବେ ନାହିଁ ବୋଲି ବୁଝାଉଛନ୍ତି। ଏହା ଶୁଣିବାପରେ ଏବେ ଅନେକ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ନିଜ ନିଜ ପିଲାଙ୍କ ନାମ ସେଠାରେ ଲେଖାଇବେ କି ନାହିଁ ସେଥିପାଇଁ ବିଭିନ୍ନ ସ୍ତରରେ ଆଲୋଚନା କରୁଛନ୍ତି। ଆଉ କେତେକ ବିଦ୍ୟାଳୟ ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚୟନ ହୋଇଥିବା ପିଲାମାନଙ୍କର ବୟସ ଆଳ ଦେଖାଇ ଫେରାଉଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାନୀୟ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ଅଭିଭାବକଙ୍କୁ କହି ସମୟ ଗଡାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ଅଭିଭାବକମାନେ ପିଲାଙ୍କର ସମସ୍ତ ସୂଚନା ଦେଲାପରେ ତାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତନଖି କରିବା ପରେ ଲଟେରୀ ମାଧ୍ୟମରେ ପିଲାଙ୍କୁ ଚୟନ କରାଯାଉଛି। ଏହା ପରେ କେଉଁ ଉଦ୍ଦେଶ୍ୟରେ ସରକାରଙ୍କ ଚୟନ ପ୍ରକ୍ରିୟା ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶ୍ନ କରୁଛନ୍ତି ଓ ଅଭିଭାବକମାନଙ୍କୁ ଫେରାଉଛନ୍ତି ତାହା ଏବେ ଅନେକ ଅଭିଭାବକଙ୍କୁ ସନ୍ଦେହରେ ପକାଇଛି। ମିଳିଥିବା ସୂଚନା ଅନୁଯାୟୀ ଆଉ କେତେକ ବିଦ୍ୟାଳୟ ଏବେ ଅଭିଭାବକଙ୍କୁ ମାନସିକ ଚାପ ଦେବାପାଇଁ ଫି' ଦେଇ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷା ଅଧିକାର ଆଇନ୍ ବଳରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାତର ଅନ୍ତର ସୃଷ୍ଟି କରୁଛନ୍ତି। ବିଦ୍ୟାଳୟରେ ଖାଦ୍ୟ ଗ୍ରହଣ ଠାରୁ ଆରମ୍ଭ କରି ପୋଷାକ, ପାଠ୍ୟପୁସ୍ତକ ଓ ଅନ୍ୟ କେତେକ କ୍ଷେତ୍ରରେ ଏଭଳି ପାତରଅନ୍ତର ସୂଚନା ପାଇବା ପରେ କିଛି ଅଭିଭାବକ ମଧ୍ୟ ସେହିସବୁ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବାକୁ ରାଜି ହେଉନଥିବା ଜଣାଯାଇଛି। ଶିକ୍ଷା ଅଧିକାର ଆଇନ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ସ୍ୱେଚ୍ଛାସେବୀମାନେ ଏଥି ପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଶାନ୍ତିଶୃଙ୍ଖଳାର ସହ ଶେଷ ହେଲା ତାଳଚେର ଓକିଲ ସଂଘ ନିର୍ବାଚନ

**ତାଳଚେର, ୨୯।୩/ଏନ୍ଏନ୍ଏସ୍:** ତାଳଚେର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି । ଏହି ନିର୍ବାଚନରେ ଚିତ୍ତରଞ୍ଜନ ରାଉତ ୧୪୪ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବରଞ୍ଚି ନାରାୟଣ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି; ଶ୍ରୀ ପ୍ରଧାନ ୧୧୪ ଖଣ୍ଡ ଭୋଟ ପାଇବାରେ ସକ୍ଷମ ହୋଇଥିଲେ । ସେହିପରି ଅନ୍ୟାନ୍ୟ ପଦବୀ ମଧ୍ୟରେ ରବିନ୍ଦ୍ର ସାମନ୍ତ ଉପସଭାପତି, ଶୈଳେନ୍ଦ୍ର ସିଂହ ସାଧାରଣ ସମ୍ପାଦକ ଏବଂ ବିଭୀଷଣ ନାୟକ ସହ-ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି । କୋଷାଧ୍ୟକ୍ଷ ଭାବେ ମାନସ ରାୟ, ସାଂସ୍କୃତିକ ସମ୍ପାଦକ ଭାବେ ଜ୍ଞାନେଶ୍ୱର ସାହୁ, ଅଡିଟର ଭାବେ ରାଜେନ୍ଦ୍ର ସିଂହ ଏବଂ ସେମିନାର ସମ୍ପାଦକ ଭାବେ କରୁଣାକର ନାୟକ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଚଳିତ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ଭତ୍ତା, ରାସନ କାର୍ଡ ଓ ଜମି ପଟ୍ଟା ବଣ୍ଟନ



**ଧର୍ମଶାଳା, ୨୯।୩/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଗତ ୨୭ ତାରିଖ ଅପରାହ୍ଣରେ ଏକ ଭତ୍ତା, ରାସନ କାର୍ଡ ଓ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ସରକାରୀ ସହାୟତା ବଣ୍ଟନ କରିଥିଲେ । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ ଏବଂ ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଶିବିରରେ ଧର୍ମଶାଳା ବ୍ଲକର ୩୨୬ ଜଣଙ୍କୁ ଭତ୍ତା, ୨୨୯ ଜଣ ଭୂମିହୀନଙ୍କୁ ଜମି ପଟ୍ଟା ଏବଂ ୫୩୬ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି । ସେହିପରି ରସୁଲପୁର ବ୍ଲକର ୮୧ ଜଣଙ୍କୁ ଭତ୍ତା, ୩୯ ଜଣଙ୍କୁ ଜମି ପଟ୍ଟା । ଓ ୮୨ ଜଣଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି । ନିର୍ବାଚନ ମଣ୍ଡଳୀର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଏହିସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି । ରାଜେଶ ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ଅଭିଷେକ ରାଉତ, ତପନ ମାହୁନ୍ତ, ତୀର୍ଥରାଜ ପଣ୍ଡା ଓ ସିବୁଲି ଧିର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପାରାଦୀପ ବାର୍ ଆସୋସିଏସନ୍ ନିର୍ବାଚନ: ତପନ ଦାଶ ସଭାପତି



**ପାରାଦୀପ, ୨୯।୩/ଏନ୍ଏନ୍ଏସ୍:** ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଗତ ଶନିବାର ପାରାଦୀପ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି । ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏଜିଏ ତପନ କୁମାର ଦାଶ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ବସନ୍ତ କୁମାର ବିଶ୍ୱାଳ ଓ କୈଳାଶ ଚନ୍ଦ୍ର ସାହୁ ଏବଂ ସାଧାରଣ ସମ୍ପାଦକ ଭାବେ ହେମନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଦାସ ଓ ରବିନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଭାବେ ଗୋପୀନାଥ ମଲ୍ଲ ଏବଂ ପାଠାଗାର ସମ୍ପାଦକ ଭାବେ ଗୋଲକ ବିହାରୀ ସୁତାର ସର୍ବସମ୍ମତି କ୍ରମେ ମନୋନିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଦାନନ୍ଦ ମଲ୍ଲିକ, ନନ୍ଦିନୀ ମହାନ୍ତି, ଜଟାଧାରୀ ମଲ୍ଲିକ, ସଞ୍ଜୟ କୁମାର ମିଶ୍ର, ରବି ନାରାୟଣ ସ୍ୱାଇଁ ଓ ପ୍ରିୟବ୍ରତ ଲେଙ୍କା ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅବିନାଶ ଦାସ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟର ସମସ୍ତ ବାର ଆସୋସିଏସନରେ ନିର୍ବାଚନ ପାଇଁ ପରିଷଦ ପକ୍ଷରୁ ପୂର୍ବରୁ ବିଧିବଦ୍ଧ ଘୋଷଣା କରାଯାଇଥିଲା ।

# ୩୧ରୁ ମା' ହିଙ୍ଗୁଳାଙ୍କ ପାଟବରୀ ଓ ନବକଳେବର ଉତ୍ସବ

**ତାଳଚେର, ୨୯।୩/ଏନ୍ଏନ୍ଏସ୍:** ତାଳଚେରର ଆରାଧ୍ୟା ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଚଳିତ ମାସ ୩୧ ତାରିଖ ମଙ୍ଗଳବାର ଠାରୁ ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ବର୍ଷ ମା'ଙ୍କ ମନ୍ଦିର ନିକଟସ୍ଥ ପୂର୍ବ ଦିଗରେ ଉଭାସ୍ଥଳ ଚିହ୍ନଟ ହୋଇଥିବା ବେଳେ ପରମ୍ପରା ଅନୁଯାୟୀ ମା'ଙ୍କ 'ପାଟବରୀ' ବା 'ନବକଳେବର' ଉତ୍ସବ ସମ୍ପନ୍ନ ହେବ । ବିଶେଷ କରି ଜଣେ ରାଜାଙ୍କ ଜୀବନକାଳ ମଧ୍ୟରେ ଏହି ନବକଳେବର ଉତ୍ସବ ଥରୁଟିଏ ଆସିଥାଏ । ପୂର୍ବତନ ରାଜା ସ୍ୱର୍ଗତ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ପରେ ତାଙ୍କ ଜ୍ୟେଷ୍ଠ ପୁତ୍ର ରାଜକୁମାର ବିଜେନ୍ଦ୍ର ଚନ୍ଦ୍ର ଦେବ ୨୬ତମ ରାଜା ଭାବେ ଅଭିଷିକ୍ତ ହୋଇଥିବାରୁ ଚଳିତ ବର୍ଷ ମା'ଙ୍କ ନବକଳେବର ଅନୁଷ୍ଠିତ ହେଉଛି । ଏହି ବିଧି ଅନୁସାରେ ପୂର୍ବରୁ ପୂଜିତ ହେଉଥିବା ଖୁଣ୍ଟ, ପାଷାଣ, ପାଟ ଓ ଚାନ୍ଦୁଆ ଆଦି ବିସର୍ଜନ କରାଯାଇ ମା'ଙ୍କ ସମସ୍ତ ଆଭୂଷଣ ନୂତନ ଭାବେ ଲାଗି ହେବ । ଶାଳ ଗଛରୁ ଦାରୁ ସଂଗ୍ରହ ପାଇଁ ସ୍ୱତନ୍ତ୍ର ନୀତି ରହିଛି, ଯେଉଁଥିରେ ପକ୍ଷୀ ବସା ବାନ୍ଧି ନଥିବା ଏବଂ କୌଣସି ପରଜୀବୀ ଲତା ମାଡ଼ି ନଥିବା ନିଖୁଣ ଦାରୁ ଚୟନ କରାଯାଏ । ଏହି ଦାରୁକୁ ପ୍ରଥମେ ସୁନା ଟାଙ୍ଗିଆ, ଦ୍ୱିତୀୟରେ ରୂପା ଓ ତୃତୀୟରେ ଲୁହା ଟାଙ୍ଗିଆ ଦ୍ୱାରା କାଟିବାର ବିଧି ରହିଛି । ପୂଜା ସମୟରେ ଦେହୁରୀ ସ୍ତ୍ରୀ ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥାନ୍ତି, ଯାହା ପରେ ନୂତନ ରାଜାଙ୍କୁ ଅଧୀଶ୍ୱର ଭାବେ ସ୍ୱୀକୃତି ମିଳିଥାଏ । ଆଗାମୀ ୩୧ ତାରିଖରେ ମା'ଙ୍କ ଏହି ଦୁର୍ଲଭ ନବକଳେବର ଉତ୍ସବ ଅନୁଷ୍ଠିତ ହେଉଥିବାରୁ, ସେହିଦିନ ତାଳଚେରର ସମସ୍ତ ଶ୍ରଦ୍ଧାଳୁ ସମ୍ପୂର୍ଣ୍ଣ ଶାକାହାରୀ ଓ ଅରୁଆ ଭୋଜନ କରିବା ସହ ନିଜ ନିଜ ଘରେ ମା'ଙ୍କ ନାମରେ ଦୀପ ପ୍ରଜ୍ୱଳନ କରିବାକୁ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ନିବେଦନ କରିଛନ୍ତି ।

# ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଭା ସମ୍ମାନ ମହୋତ୍ସବ



**କେନ୍ଦ୍ରାପଡ଼ା, ୨୯।୩/ଏନ୍ଏନ୍ଏସ୍:** ବସୁପୁର ଚୌଦକୁଲାଟସ୍ଥିତ ମା' ବାସନ୍ତୀ ଦେବୀଙ୍କ ପାର୍ବଣ ଅବସରରେ ଓଡ଼ିଶାର ପ୍ରତିଷ୍ଠିତ ପୂଜ୍ୟପୂଜାର ଅଗ୍ରଗାମୀ ଅନୁଷ୍ଠାନ 'ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ'ର ୨୧ତମ ପ୍ରତିଭା ସମ୍ମାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିକାଶ ପରିଷଦ ସଭାପତି ପ୍ରଫେସର ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦୈନିକ ଖବରକାଗଜ 'ସମ୍ବାଦ'ର ସହ-ସମ୍ପାଦକ ସତିକାନ୍ତ ନାଥ ମୁଖ୍ୟବକ୍ତା ଭାବେ ଏବଂ ଜିଲ୍ଲା ପରିଷଦର ପୂର୍ବତନ ସଭାପତି ମାନସ ପରିଡ଼ା ଅନ୍ୟତମ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ାର ପ୍ରଗତିରେ ଟ୍ରଷ୍ଟର ଭୂମିକାକୁ ପ୍ରଶଂସା କରିଥିଲେ ।

ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଇଂ. ଭଗବାନ ବିଶ୍ୱାଳ ଜିଲ୍ଲାର ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଅନୁଷ୍ଠାନର ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । କଟକର ପୂର୍ବତନ ମେୟର ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ସୁବାସ ସିଂହଙ୍କୁ 'କେନ୍ଦ୍ରାପଡ଼ା ଭୂମିପୁତ୍ର ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିବା ବେଳେ 'ବସୁନ୍ଧରା' ସାମାଜିକ ଅନୁଷ୍ଠାନର ସମ୍ପାଦିକା ଶୈଳ ବେହେରାଙ୍କୁ 'କେନ୍ଦ୍ରାପଡ଼ା ସେବା ରତ୍ନ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା । ପ୍ରାକ୍ତନ କୁଳପତି ପ୍ରଫେସର ଦେବେନ୍ଦ୍ର ନାଥ ଜେନାଙ୍କୁ ଟ୍ରଷ୍ଟର ସର୍ବୋଚ୍ଚ ସମ୍ମାନ 'କେନ୍ଦ୍ରାପଡ଼ା ରତ୍ନ-୨୦୨୬' ପ୍ରଦାନ କରାଯାଇଥିଲା । ସେହିପରି କୃଷି ବିଜ୍ଞାନୀ ତଥା ସୁସାହିତ୍ୟିକ ନଟବର ଖୁଣ୍ଟିଆଙ୍କୁ 'କେନ୍ଦ୍ରାପଡ଼ା ଗୌରବ' ଏବଂ ଆନ୍ତର୍ଜାତୀୟ କୃଷି ବିଜ୍ଞାନୀ ପ୍ରଫେସର ଖିରୋଦ କୁମାର ଜେନାଙ୍କୁ 'କେନ୍ଦ୍ରାପଡ଼ା ବରପୁତ୍ର-୨୦୨୬' ସମ୍ମାନ ପ୍ରଦାନ କରାଯାଇଥିଲା । ସାହିତ୍ୟିକ ଡ. ସର୍ବେଶ୍ୱର ସେନଙ୍କୁ 'କେନ୍ଦ୍ରାପଡ଼ା ସାହିତ୍ୟ ସରସ୍ୱତୀ ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦୁଭୂଷଣ ବିଶ୍ୱାଳ, ଗିରିଶ ଚନ୍ଦ୍ର ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ଅଶୋକ ବିଶ୍ୱାଳ, ପରୀକ୍ଷିତ ସାମଲ, ସଞ୍ଜୟ କୁମାର ଜେନା ଓ ଜ୍ୟୋତିର୍ମୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟାପକ ଡ. ହିମାଂଶୁ ଭୂଷଣ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କେଶବ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧୁବୈଶ୍ୟ ସମାଜର ଚତୁର୍ଥ ବାର୍ଷିକ ସମ୍ମିଳନୀ



**ଧର୍ମଶାଳା, ୨୯।୩/ଏନ୍ଏନ୍ଏସ୍:** ଧର୍ମଶାଳା ମଧୁବୈଶ୍ୟ (ଗୁଡ଼ିଆ) ସମାଜର ଚତୁର୍ଥ ବାର୍ଷିକ ସମ୍ମିଳନୀ ଆଜି ଜାରକାସ୍ଥିତ ଷ୍ଟାଡିୟମ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସଭାପତି ଦେବେନ୍ଦ୍ର କୁମାର ସାହୁ ଏବଂ ସମାଜସେବୀ ମିନତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅବନୀକାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ ଏବଂ ଭଦ୍ରକ ଜିଲ୍ଲା ସଭାପତି ରଘୁନାଥ ସାହୁ ଯୋଗଦେଇ ସ୍ୱଜାତିର ବିକାଶ ପାଇଁ ସମାଜ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ।

କାହ୍ନୁ ଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ୍ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାହୁ, ଡାକ୍ତର ଲକ୍ଷ୍ମୀପ୍ରିୟା ସାହୁ ଓ ଅଧ୍ୟାପିକା ରୁନୁରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ରଘୁନାଥ ସାହୁ, ଦଧିବାମନ ସାହୁ, ସୁନୀଲ କୁମାର ସାହୁ ଓ ସାବିତ୍ରୀ ସାହୁଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ । ମେଧାବୀ ଛାତ୍ର ରୂପମ ସାହୁ ଓ ଛାତ୍ରୀ ପ୍ରତୀକ୍ଷା ସାହୁଙ୍କୁ ଶିଶୁ ସାହିତ୍ୟିକ ସ୍ୱର୍ଗତ ମାୟାଧର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ସୁନାକର ସାହୁ, ସୁନନ୍ଦ କୁମାର ସାହୁ, ଜୟଗୁରୁ ପାତ୍ର, ହରିହର ସାହୁ, ଅଶୋକ କୁମାର ସାହୁ, ନୃସିଂହ ଚରଣ ସାହୁ, ମହେଶ୍ୱର ସାହୁ, ପ୍ରଣବ କୁମାର ସାହୁ, ବୈଦେହୀ ସାହୁ, ସୁଜାତା ସାହୁ ଓ ସନ୍ଧ୍ୟାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗାୟିକା ଶ୍ରୀମୟୀ ଶତାବ୍ଦୀ ଜାତୀୟ ସଂଗୀତ ଗାନ କରିଥିବା ବେଳେ 'ଉଦୟମାନ ସ୍ୱେଚ୍ଛାସେବୀ ସଂଗଠନ'ର ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ଏହି ସମ୍ମିଳନୀରେ ଧର୍ମଶାଳା ବ୍ଲକ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବୈଶ୍ୟ ସମାଜର ସଦସ୍ୟ ଯୋଗଦେଇଥିଲେ ।

# ମୁଗୁପାଳରେ ଶ୍ରୀରାମ ନବମୀ ମହୋତ୍ସବ



**କୁଆଖିଆ, ୨୯।୩/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ରଘୁନାଥସାହି ଆଞ୍ଚଳିକ ଶ୍ରୀରାମ ମନ୍ଦିର ପରିସରରେ ୧୩୮ତମ ଶ୍ରୀରାମ ନବମୀ ମହୋତ୍ସବ ପାଳିତ ହେଉଛି । ଗତ ୨୬ ତାରିଖରୁ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ପାଞ୍ଚ ଦିନିଆ ଉତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ମନ୍ଦିର ପୁରୋଧା ଗିରିଜା ଶଙ୍କର ରଥ ଷୋଡ଼ଶ ଉପଚାରରେ ଯଜ୍ଞ ପରିଚାଳନା କରୁଥିବା ବେଳେ କର୍ତ୍ତା ଭାବେ ଶ୍ୟାମସୁନ୍ଦର ପଣ୍ଡା ଯଜ୍ଞ ବିଧି ସମ୍ପାଦନ କରୁଛନ୍ତି । କଳସ ଯାତ୍ରା ଓ ଘଟସ୍ଥାପନ ପରେ ସନ୍ଧ୍ୟାରେ ମନ୍ଦିର ପୂଜକ ମନୋରଞ୍ଜନ ପାଣି ଓ କାହ୍ନୁ ଚରଣ ମିଶ୍ର ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗତ ୨୮ ତାରିଖ ଦିନ ବାଲ୍ୟଲୀଳା ଭୋଜି ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସଂକୀର୍ତ୍ତନ ଦଳ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ଉତ୍ସବ ଅବସରରେ ପ୍ରତିଦିନ ସନ୍ଧ୍ୟାରେ ପାଲା, ପ୍ରବଚନ ଓ ରାମଲୀଳା ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ମନୋମୁଗ୍ଧ କରିଛି । ଆଗାମୀ ଦିନରେ ବାଦୀ ପାଲା, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସୂଚନା ରହିଛି । ରଘୁନାଥସାହି ମନ୍ଦିର କମିଟି ସଭାପତି ନିରଞ୍ଜନ ରଥ, ସମ୍ପାଦକ ପଦ୍ମଲୋଚନ ସାହୁ, ସମିତି ସଭ୍ୟ ନରୋତ୍ତମ ସାହୁ, ସୁଶାନ୍ତ ପଣ୍ଡା, ବିଶ୍ୱନାଥ ପଣ୍ଡା, ଆନନ୍ଦ ଚନ୍ଦ୍ର ପତି, ବରଦା ପ୍ରସନ୍ନ ପତି, ନାରାୟଣ ଦଣ୍ଡପାଟ, ମନୋରଞ୍ଜନ ସାହୁ, ଅର୍ଜୁନ ରାଉତଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି ମହୋତ୍ସବର ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି ।

## ସୁକିନ୍ଦା ଠିକାଦାର ସଂଘର ସାଧାରଣ ବୈଠକ

# ଉନ୍ନତମାନର କାର୍ଯ୍ୟ ସହ ଏକତା ଉପରେ ଗୁରୁତ୍ୱ



**ଯାଜପୁର ରୋଡ୍, ୨୯।୩/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଠିକାଦାର ସଂଘ ପକ୍ଷରୁ ଦାନଗଦି ଭବନଠାରେ ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଠିକାଦାର ରବିନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାଜପୁର ଜିଲ୍ଲା ଠିକାଦାର ସଂଘ ସଭାପତି ତଥା ରାଜ୍ୟ ଠିକାଦାର ସଂଘର ଉପ-ସଭାପତି ସଞ୍ଜୀବ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ଠିକାଦାର ଏକତ୍ରିତ ହୋଇ ରହିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ନିଜ ହକ ପାଇଁ ଲଢ଼େଇ କରିବାର ସମୟ ଆସିଛି ବୋଲି କହିଥିଲେ । ସରକାର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ, ନିଜ ନିଜ ଭିତରେ ପ୍ରତିଯୋଗିତା ନ କରି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ (ସେଡ୍ୟୁଲ ରେଟ୍) ଠାରୁ କମ୍ ମୂଲ୍ୟରେ ଟେଣ୍ଡର ନ ପକାଇବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଦୁଇ ବ୍ଲକର ଠିକାଦାରମାନେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ରଖିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମଣୀ ରଞ୍ଜନ ବଳ ସାମନ୍ତ ଯୋଗଦେଇ 'ଏକତା ହିଁ ବଳ' ବୋଲି କହିବା ସହ ସମସ୍ତଙ୍କୁ ସେଡ୍ୟୁଲ ରେଟରେ କାମ କରିବାକୁ ପରାମର୍ଶ ଦେଇଥିଲେ । ସଂଘର ଉପଦେଷ୍ଟା ସୁଧାଂଶୁ ଶେଖର ଭଞ୍ଜ ଅଞ୍ଚଳର ବିକାଶ ପାଇଁ ଉନ୍ନତମାନର କାର୍ଯ୍ୟ କରିବାକୁ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଳୟ କୁମାର ରାଉତ, ଅବିନାଶ ମିଶ୍ର, ସନ୍ତୋଷ ଧଳ, ହରେକୃଷ୍ଣ ସାହୁ, ଅଭିରାମ ଦାସ, ଦୁଷ୍ମନ୍ତ ବିଶ୍ୱାଳ, ଲମ୍ବୋଧର ଦଳବେହେରା, ଚିତ୍ତରଞ୍ଜନ ମୁଦୁଲି, ନସୀମ ଉଦ୍ଦିନ ଖାଁ, ଅସିତ ମହାନ୍ତ ଓ ସଞ୍ଜୟ ମହାନ୍ତଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଠିକାଦାର ସାମିଲ ହୋଇଥିଲେ ।

# ରାଜନଗର ବାର୍ ଆସୋସିଏସନ୍ ନିର୍ବାଚନ ସମ୍ପନ୍ନ

**ରାଜନଗର, ୨୯।୩/ଏନ୍ଏନ୍ଏସ୍:** ରାଜନଗର ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଏଥିସହ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ନୂତନ କର୍ମକର୍ତ୍ତା ଭାବେ ଉମେଶ ଚନ୍ଦ୍ର ଦାସ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଦେବଦତ୍ତ ସେଠୀ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଭଜକୃଷ୍ଣ ମିଶ୍ର ସମ୍ପାଦକ ଏବଂ ବୀରକିଶୋର ମହାନ୍ତି ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ମନ୍ମଥ ରାଉତ କୋଷାଧ୍ୟକ୍ଷ ଏବଂ ନୟନାନନ୍ଦ ବେହୁରା ଲାଇବ୍ରେରୀ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜନ୍ମେଜୟ ବେହେରା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି । ସଂଘର ଏହି ନୂତନ କର୍ମକର୍ତ୍ତା ଚୟନକୁ ନେଇ ଆଇନଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ମହିଷାସୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ରାଜନଗର, ୨୯।୩/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । ବୈଦିକ ପରମ୍ପରାକୁ ଆଧାର କରି ଗଢ଼ିଉଠିଥିବା ଶିଶୁ ମନ୍ଦିରର ଶୈକ୍ଷିକ ଭାବଧାରାକୁ ସେ ଭୂୟସୀ ପ୍ରଶଂସା କରିବା ସହ ପିଲାମାନଙ୍କୁ ସଂସ୍କାର ଓ ସଂସ୍କୃତି ଭାବଧାରାରେ ଗଢ଼ି ତୋଳିବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ଶିଶୁ ମନ୍ଦିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଦୋଳ ଗୋବିନ୍ଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବାଗ୍ମୀ ପ୍ରାଧ୍ୟାପିକା ଗାର୍ଗୀ ବାନାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଗୁରୁ ପରମ୍ପରା ଓ ନାରୀମାନଙ୍କ ତ୍ୟାଗ ଉପରେ ଆଲୋଚନା କରିଥିଲେ । ପ୍ରଯୁକ୍ତିବିଦ୍ୟା ଯୁଗରେ ଶିଶୁମାନଙ୍କୁ ମୋବାଇଲ୍ ମାୟାଜାଲରୁ ଦୂରେଇ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ବକ୍ତା ଭାବେ ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଟା ଦାସ ଯୋଗଦେଇ ଶିଶୁମାନଙ୍କୁ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ 'ସାପ୍ତାହିକ ସୁଶାସନ'ର ସମ୍ପାଦକ ଭାସ୍କର ରାଉତରାୟ, ସରପଞ୍ଚ ଅଶୋକ କୁମାର ମହାନ୍ତି, ସଞ୍ଜୟ କୁମାର ବାଗ ଓ ପତ୍ରକାର ଜଗନ୍ନାଥ ଦାସ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଲେଖ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦେବଦତ୍ତ ସେଠି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସମାଜସେବୀ ସୁଭାଷ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାମାନଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା ।

# 'ସମ୍ଭବ' ସାହିତ୍ୟ ପତ୍ରିକାର ବାର୍ଷିକ ସମାରୋହ



**ଧର୍ମଶାଳା, ୨୯।୩/ଏନ୍ଏନ୍ଏସ୍:** ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ସାହିତ୍ୟ ପତ୍ରିକା 'ସମ୍ଭବ'ର ୨୨ତମ ବାର୍ଷିକ ସମାରୋହ ତଥା ସୃଷ୍ଟି ଓ ସମୀକ୍ଷାର ସ୍ୱତନ୍ତ୍ର ସ୍ମାରକୀ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ଉଦଘାଟନ କରିଥିଲେ । ଭାରତୀୟ ସାହିତ୍ୟର 'ବସୁଧୈବ କୁଟୁମ୍ବକମ' ଭାବଧାରା ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ନିବନ୍ଧକାର ଡକ୍ଟର କୃଷ୍ଣଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସକ୍ରିୟତା, ମୌନତା ଓ ନିଃସଙ୍ଗତା ଆଧାରରେ ହିଁ ଜଣେ ସାହିତ୍ୟିକ ଉନ୍ନତ ସୃଷ୍ଟି କରିପାରେ । ମୁଖ୍ୟବକ୍ତା ଭାବେ କୃଷକ ନେତା ଶେଷଦେବ ନନ୍ଦ ଯୋଗଦେଇ ଜନଜୀବନର ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେଲେ ତାହା କାଳଜୟୀ ହୋଇଥାଏ ବୋଲି କହିଥିଲେ । ଏହି ଅବସରରେ ପତ୍ରିକାର 'ବିଷୁବ ବିଶେଷାଙ୍କ' ଉନ୍ମୋଚିତ ହେବା ସହ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କୁ 'ସମ୍ଭବ ପ୍ରବନ୍ଧ ସମ୍ମାନ-୨୦୨୬', ଡକ୍ଟର ଗୌତମ ଜେନାଙ୍କୁ 'ସମ୍ଭବ କବିତା ସମ୍ମାନ' ଏବଂ ଡକ୍ଟର ମନୋରଞ୍ଜନ ବେହେରାଙ୍କୁ 'ସମ୍ଭବ ଗଳ୍ପ ସମ୍ମାନ' ପ୍ରଦାନ କରାଯାଇଥିଲା । ଏଥିସହ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବଟକୃଷ୍ଣ ଓଝା, ଡକ୍ଟର ରାଜକିଶୋର ପାଢ଼ୀ, ଡକ୍ଟର କୃଷ୍ଣଚନ୍ଦ୍ର ବଳ ଓ ଶେଷଦେବ ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ବିଜୟ କୁମାର ଶତପଥୀ, ଡକ୍ଟର ଗୋପବନ୍ଧୁ ଦାଶ, ମିନତୀ ସାହୁ, ରମାକାନ୍ତ ଜେନା, କାହ୍ନୁ ଚରଣ ଦାଶ, ମାଧୁରୀ ଶତପଥୀ, ସସ୍ମିତା ପଣ୍ଡା, ଲୋପାମୁଦ୍ରା ଷେଣ୍ଢ, ଅର୍ଚ୍ଚନା ସ୍ୱାଇଁ, ଡକ୍ଟର ରବୀନ୍ଦ୍ର ବିହାରୀ, ଡକ୍ଟର ଇନ୍ଦୁପ୍ରଭା ସାମଲ, ସୁଶାନ୍ତ କୁମାର ପଣ୍ଡା, ସୁନାକର ଦାସ, ଦୀପକ ମହାପାତ୍ର, କାଦମ୍ବିନୀ ମିଶ୍ର, କଳ୍ପନା ପଣ୍ଡା, ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ବିଶ୍ୱନାଥ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ କବି ଅଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ୟାସ୍ ବିତରଣ କେନ୍ଦ୍ର ସାମ୍ନାରେ ଲମ୍ବା ଲାଇନ୍




**ପରଜଙ୍ଗ, ୨୯।୩/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗସ୍ଥିତ ରନ୍ଧନ ଗ୍ୟାସ ବିତରଣ କେନ୍ଦ୍ର ସମ୍ମୁଖରେ ଗ୍ୟାସ ପାଇଁ ଖାଉଟିଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି । ପଶ୍ଚିମ ଏସିଆ ଓ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବାରୁ ଦେଶରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେଉଥିବା ଚର୍ଚ୍ଚା ହେଉଛି । ଏଲପିଜି ଯୋଗାଣ ପ୍ରଭାବିତ ହୋଇ ଜରୁରୀ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ କେତେକ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ରହିବା ସହ ଦୋକାନ ସମ୍ମୁଖରେ 'ଗ୍ୟାସ ନାହିଁ' ବୋଲି ସାଇନ୍ ବୋର୍ଡ ମରାଯାଇଛି । ଆଗକୁ ଗ୍ୟାସର ଅଭାବୀ ବିକ୍ରି ଓ କଳାବଜାରୀ ହେବାର ଆଶଙ୍କା କରି ଗ୍ରାହକମାନେ ସକାଳ ସାଢ଼େ ସାତଟା ବେଳୁ ଗ୍ୟାସ ବିତରଣ କେନ୍ଦ୍ର ସମ୍ମୁଖରେ ଭିଡ଼ ଜମାଉଛନ୍ତି । ତେବେ ଏ ସମ୍ପର୍କରେ ଓମ୍ ଏଚ୍ ପି ଗ୍ୟାସ ବିତରକ ସୂଚନା ଦେଇଛନ୍ତି ଯେ, ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ । ଅନଲାଇନ୍ ବୁକିଂ କରି ଓଟିପି ପ୍ରଦାନ କଲେ ଗ୍ରାହକମାନେ ସହଜରେ ଗ୍ୟାସ ପାଇପାରିବେ । ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ଗ୍ୟାସ ଯଥେଷ୍ଟ ପରିମାଣରେ ମହଜୁଦ ଥିବା ସ୍ପଷ୍ଟ କରିଛନ୍ତି । ତେଣୁ ରନ୍ଧନ ଗ୍ୟାସ ପାଇଁ ମହିଳା ତଥା ସାଧାରଣ ଲୋକେ ବ୍ୟସ୍ତ ବିବ୍ରତ ନ ହେବାକୁ ପରାମର୍ଶ ଦିଆଯାଇଛି ।

**ନିତି ଭାରତୀ**

ଜଳରେ ଥିବା ମାଛ ତୃଷାର୍ତ୍ତ ଅଛି ବୋଲି ଶୁଣିଲେ ମୋତେ ହସ ଲାଗେ। ସେହିପରି ଈଶ୍ୱରଙ୍କୁ ପାଇବାକୁ ଲୋକମାନେ ତୀର୍ଥଯାତ୍ରାରେ ଯାଉଛନ୍ତି ଶୁଣିଲେ ହସ ଲାଗେ। - **କବୀର**

ନିତିଦିନ NITIDIN

ସୋମବାର, ୩୦ ମାର୍ଚ୍ଚ ୨୦୨୬

# ଭାରତବର୍ଷରେ ପରିବେଶର ସ୍ଥିତି



ଡକ୍ଟର ଚିତ୍ତରଂଜନ ମିଶ୍ର

୨୦୨୬ ମସିହା ଫେବୃଆରୀ ମାସ ୨୫ ତାରିଖ ଦିନ ଦିଲ୍ଲୀରେ ଥିବା ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନଭିରନମେଣ୍ଟ, ଅର୍ଥାତ୍ ବିଜ୍ଞାନ ଓ ପରିବେଶ କେନ୍ଦ୍ର (ସିଏସ୍ଇ) 'ଭାରତବର୍ଷରେ ପରିବେଶର ସ୍ଥିତି-୨୦୨୬' ସଂକ୍ରାନ୍ତୀୟ ଏକ ରିପୋର୍ଟ ଉନ୍ମୋଚନ କରିଛି, ଯାହାକୁ କି ୧୯୮୨ ମସିହାରୁ ଦିଲ୍ଲୀରେ ଥିବା ଏକ ଅଣଲାଭଖୋର ସଂସ୍ଥା 'ସେଣ୍ଟର ଫର୍ ଆଡ୍ଭୋକାସି ଆଣ୍ଡ ରିସର୍ଚ୍ଚ', ଅର୍ଥାତ୍ ଆଇନଗତ ସହାୟତା ଏବଂ ଗବେଷଣା କେନ୍ଦ୍ର (ସିଏଫ୍ଏଆର୍) ପ୍ରତି ବର୍ଷ ପ୍ରକାଶ କରି ଆସୁଥିଲା। ଏହି ରିପୋର୍ଟ ଭାରତବର୍ଷ ସମ୍ମୁଖୀନ ହେଉଥିବା ପର୍ଯ୍ୟାବରଣୀୟ ଆହ୍ୱାନର ଏକ ବିହଙ୍ଗମ ଦୃଶ୍ୟର ଉପସ୍ଥାପନା କରିଛି। ବନ୍ୟାଠୁ ଆରମ୍ଭ କରି ଚରମ ପାଣିପାଗ ଘଟଣା, ଅସ୍ୱାଭାବିକ ଏବଂ ବିରଳ ପାଣିପାଗ ଯଥା- ବାତ୍ୟା, ଗ୍ରୀଷ୍ମ ପ୍ରବାହ ଓ ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ, ବ୍ୟାଘ୍ରର ବ୍ୟବହାରରେ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ନାନାବିଧ ଘଟଣାବଳୀର ଅବତାରଣା କରାଯାଇଛି। ରିପୋର୍ଟଟି ମଧ୍ୟ ଜଳବାୟୁ ପରିବର୍ତ୍ତନର ବୈଶ୍ୱିକ ଦୃଷ୍ଟିକୋଣ ବା ବିଶ୍ୱବ୍ୟାପି ପରିପ୍ରେକ୍ଷୀର ଉପସ୍ଥାପନା କରିବା ସହ ଭାରତୀୟ ପୃଷ୍ଠଭୂମି ସହ ସଂଯୋଗ ସ୍ଥାପନ କରିଛି।

ଚରମ ପାଣିପାଗ ଘଟଣା କ'ଣ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି: ରିପୋର୍ଟ କୁହେ ଯେ ୨୦୨୫ ମସିହାରେ ଚରମ ପାଣିପାଗ ଘଟଣା ପ୍ରବାହରେ ଭାରତ ଉଭୟ ପୁନଃପୌନିକତା ଏବଂ ଚରମ ପାଣିପାଗ ଘଟଣାର ଗମ୍ଭୀରତା, ତୀବ୍ରତା, ଉଗ୍ରତା ଓ ବିଷମତାରେ ଗତ ୪ ବର୍ଷକୁ ପଛରେ ପକାଇ ଦେଇଛି, ଏପରିକି ଉଷ୍ମ ପ୍ରବାହ, ଶୀତ ପ୍ରବାହ, ମୂଷଳ ଧାରାରେ ହୋଇଥିବା ବର୍ଷା ଓ ବନ୍ୟା ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଚୁର୍‌ମାର୍ କରି ଦେଇଛି। ଜାନୁଆରୀ ୧ ତାରିଖରୁ ନଭେମ୍ବର ୩୦,୨୦୨୫ ପର୍ଯ୍ୟନ୍ତ ଡାଟା ବା ତଥ୍ୟ ବଖାଣି ଥାଏ ଯେ ସଂପୂର୍ଣ୍ଣ ୨୦୨୫ ମସିହାର ୬୬ ପ୍ରତିଶତ ଦିନମାନଙ୍କରେ ଏଭଳି ଘଟଣା ଘଟିଥିବାର ରେକର୍ଡ କରାଯାଇଛି, ଯାହା ଫଳରେ କି ଦେଶରେ ୪୪୧୯ ଜଣଙ୍କର ମୃତ୍ୟୁ ସହ ଅତି କମ୍‌ରେ ୧୭.୪୧ ନିୟୁତ ହେକ୍ଟରର କୃଷିକ୍ଷେତ୍ର ବହୁଳ ଭାବେ ପ୍ରଭାବିତ ହୋଇଛି। ୨୦୨୪ ମସିହା ତୁଳନାରେ ୨୦୨୫ ମସିହାରେ ଚରମ ପାଣିପାଗ ଘଟଣାରେ ତୀବ୍ର ଅଭିବୃଦ୍ଧି ଘଟିଛି। ୨୦୨୪ ମସିହାରେ ଚରମ ପାଣିପାଗ ଘଟଣା ବର୍ଷର ୮୮ ପ୍ରତିଶତ ଦିନମାନଙ୍କରେ ଘଟିଥିଲା ଯଦ୍ଦ୍ୱାରା ୩୩୯୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩.୬୧ ନିୟୁତ ହେକ୍ଟରର ଶସ୍ୟକ୍ଷେତ୍ର ବହୁଳ ଭାବେ ପ୍ରଭାବିତ ହୋଇଥିଲା। ଠିକ୍ ସେହିଭଳି ୨୦୨୩ ମସିହାରେ ଚରମ ପାଣିପାଗ ଘଟଣା ବର୍ଷର ୮୯ ପ୍ରତିଶତ ଦିନମାନଙ୍କରେ ଘଟିଥିଲା ଏବଂ ୩୩୦୮ ଜଣଙ୍କର ମୃତ୍ୟୁବରଣ ସହ ୨.୦୯ ନିୟୁତ ହେକ୍ଟରର ଶସ୍ୟକ୍ଷେତ୍ର ପ୍ରଭାବିତ ହୋଇଥିଲା। ସେହି ୨୦୨୩ ମସିହାରେ ହିମାଚଳ ପ୍ରଦେଶ ଚରମ ପାଣିପାଗ ଘଟଣା ଦ୍ୱାରା ୨୬୬ ଦିନ ବହୁଳ ଭାବେ ପ୍ରଭାବିତ ହୋଇଥିଲା ବେଳେ କେରଳ ୧୭୩ ଦିନ ଓ ମଧ୍ୟପ୍ରଦେଶ ୧୬୨ ଦିନ ବହୁଳ ଭାବେ ପ୍ରଭାବିତ ହୋଇଥିଲା।

ଏ ସମସ୍ତ ଗାଣିତିକ ତଥ୍ୟ ଓ ଟ୍ରେଣ୍ଡକୁ ଏକତ୍ରିତ ଭାବେ ବିଚାରକୁ ନିଆଗଲେ ଫଳାଫଳ ଏକ ବିସ୍ତାରିତ ପର୍ଯ୍ୟାବରଣ ସମ୍ବନ୍ଧୀୟ ପ୍ରତିକୂଳ ପ୍ରତିକ୍ରିୟାକୁ ସଂକେତ କରିଥାଏ ଏବଂ ସାର୍ଥକ ଜଳବାୟୁ କାର୍ଯ୍ୟପନ୍ଥାର ତତ୍କାଳିକତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଫଳପ୍ରଦ ଉଦ୍ୟମ ବିନା ଆଶଙ୍କା ଓ ଉତ୍ସର୍ଜନରେ ହ୍ରାସ କରିବା ଆଦୌ ସମ୍ଭବପର ନୁହେଁ। ଆଜି ଆମେ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେଉଛେ, କାଲିକି ତାହା ଆଶଙ୍କାର ମାନଦଣ୍ଡ ହୋଇଯିବ ବୋଲି ରିପୋର୍ଟ ଉଲ୍ଲେଖ କରିଛି।

ବନ୍ୟା କ'ଣ ଦିନକୁ ଦିନ ଅଧିକରୁ ଅଧିକ ତୀବ୍ର ହେଉଛି: ରିପୋର୍ଟ କହିଥାଏ ଯେ ପୃଥିବୀର ହାରାହାରି ତାପମାନରେ କ୍ରମାଗତ ବୃଦ୍ଧି ବା ବିଶ୍ୱ ତାପନ ବ୍ୟାପକ ବନ୍ୟାର ସମ୍ଭାବନାକୁ ବହୁ ପରିମାଣରେ ବୃଦ୍ଧି କରାଇବ। ରିପୋର୍ଟ ପୁନଶ୍ଚ କହିଥାଏ ଯେ ଜଳବାୟୁ ପରିବର୍ତ୍ତନ ଏକ ସୁଦୂର ସମ୍ଭାବନା ନୁହେଁ, ଏହା ଆମ ନଦନଦୀ, ଆମ ସହର ଏବଂ ଆମ ଜୀବନକୁ ପ୍ରକୃଷ୍ଟ ରୂପରେଖ ପ୍ରଦାନ କରୁଅଛି। ଭବିଷ୍ୟତର ସହନଶୀଳତା ଓ ସାମର୍ଥ୍ୟ, ଭବିଷ୍ୟତର ଆହ୍ୱାନ, ସଙ୍କଟ କିମ୍ବା ପରିବର୍ତ୍ତନକୁ ସାମ୍ନା କରିବା, ଖାପ ଖୁଆଇ ଚଳିବା ଏବଂ ସେଥିରୁ ଶିକ୍ଷାଲାଭ କରି ଅଧିକ ଶକ୍ତିଶାଳୀ ହୋଇ ବାହାରିବାର କ୍ଷମତା ନିର୍ଭର କରିବ କେତେ ଶୀଘ୍ର ଆମେ ଜଳବାୟୁ ବିଜ୍ଞାନକୁ ଦୈନନ୍ଦିନ ଯୋଜନା ସହ ଏକୀକରଣ କରି ପାରୁଛେ, ତା' ଉପରେ। ଆମେ କିଭଳି ଭାବେ ଛୋଟ ପୋଲର ଡିଜାଇନ କରିବାଠୁ ଆରମ୍ଭ କରି ନଦୀ କୂଳରେ ଜମି ଆବଣ୍ଟନ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜର ସଫଳ ପାରଦର୍ଶିତା ପ୍ରଦର୍ଶନ କରି ପାରୁଛେ, ତା' ଉପରେ। ରିପୋର୍ଟ କହିଥାଏ ଯେ ଭାରତବର୍ଷର କାର୍ଯ୍ୟଧାରା ବିପର୍ଯ୍ୟୟ ପରବର୍ତ୍ତୀ ରିଲିଫ କାମଠୁ ଆରମ୍ଭ କରି ବିପର୍ଯ୍ୟୟ ପୂର୍ବବର୍ତ୍ତୀ ସ୍ଥିତିସ୍ଥାପକତା ବା ପୁନରାବର୍ତ୍ତନ କ୍ଷମତା ଆଡ଼କୁ ଗତି କରିବା ଉଚିତ୍। ରିପୋର୍ଟ ପ୍ରକୃତିଭିତ୍ତିକ ସମାଧାନର ପନ୍ଥା ଖୋଜି ବାହାର କରିବା ପାଇଁ ଗୁରୁତ୍ୱ ଆରୋପ କରିଥାଏ ଯଥା- ଆର୍ଦ୍ରଭୂମିର ପୁନରୁଦ୍ଧାର, ନଦୀଗୁଡ଼ିକୁ ବନ୍ୟାପ୍ରବଣ ଅଞ୍ଚଳ ବା ନଦୀକୂଳିଆ ଅଞ୍ଚଳ ବା ପ୍ଲାବନ ଭୂମି ବା ନଦୀ ଉଛୁଳାରେ ପାଣି ମାଡ଼ି ଯାଉଥିବା ସମତଳ ଭୂମି ସହ ପୁନଃସଂଯୋଗୀକରଣ, ଭୂତଳ ଜଳର ପୁନର୍ଭରଣ, ବର୍ଷାଜଳ ସଂରକ୍ଷଣ ଏବଂ ପୋଖରୀର ପୁନରୁଦ୍ଧାର ଓ ନିର୍ମାଣ ଉପରେ ବିଶେଷ ଧ୍ୟାନ ପ୍ରଦାନ କରିଛି।

ବ୍ୟାଘ୍ରଙ୍କ ବ୍ୟବହାରରେ କ'ଣ ପରିବର୍ତ୍ତନ ହେଉଛି: ଏହି ରିପୋର୍ଟ ଉଲ୍ଲେଖ କରିଛି ଯେ ବ୍ୟାଘ୍ର ମନୁଷ୍ୟମାନଙ୍କୁ ଅଧିକରୁ ଅଧିକ ମାତ୍ରାରେ ଆକ୍ରମଣ କରି ମୃତ୍ୟୁମୁଖରେ ପକାଉଛି। ଜାନୁଆରୀରୁ ଜୁନ୍ ୨୦୨୫ ମଧ୍ୟରେ ଅତି କମ୍‌ରେ ୪୩ ଜଣ ବ୍ୟକ୍ତି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନିକଟରେ ମୃତ୍ୟୁ ମୁଖରେ ପଡ଼ିଛନ୍ତି ଏବଂ ୪ଟି ସ୍ଥାନରେ ବ୍ୟାଘ୍ର ମୃତ୍ୟୁ ମୁଖରେ ପଡ଼ିଥିବା ବ୍ୟକ୍ତିବିଶେଷଙ୍କ ଶରୀରର ଅଂଶଗୁଡ଼ିକୁ ଭୋଜନ କରୁଛି। ୨୦୨୪ ମସିହାରେ ସେହି ଏକା ସମୟ ମଧ୍ୟରେ ବ୍ୟାଘ୍ର ଆକ୍ରମଣରେ ୪୪ ଜଣ ବ୍ୟକ୍ତିବିଶେଷ ମୃତ୍ୟୁମୁଖରେ ପତିତ ହୋଇଛନ୍ତି। ବ୍ୟାଘ୍ରମାନେ ସାଧାରଣତଃ ମଣିଷକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ ବା କ୍ୱଚିତ ମଣିଷଖିଆ (ମ୍ୟାନ୍-ଇଟର) ପାଲଟନ୍ତି। କେବଳ ବୃଦ୍ଧ, ଅସୁସ୍ଥ କିମ୍ବା ଆହତ ବ୍ୟାଘ୍ର, ଯେଉଁମାନେ ଜଙ୍ଗଲରେ ଅନ୍ୟ ପଶୁ ଶିକାର କରି ପାରନ୍ତି ନାହିଁ, ସେମାନେ ବାଧ ହୋଇ ମଣିଷକୁ ଶିକାର କରନ୍ତି। ଅର୍ଥାତ୍ ବ୍ୟାଘ୍ର ମଣିଷକୁ ଖାଦ୍ୟ ଭାବେ ଗ୍ରହଣ କରିବାକୁ ଚାହାନ୍ତି ନାହିଁ; ସେମାନେ ମଣିଷଠାରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି। ମଣିଷ ଖାଇବା ବ୍ୟାଘ୍ରର ସ୍ୱଭାବ ନୁହେଁ। ବିଶେଷଜ୍ଞ ଓ ବନ୍ୟପ୍ରାଣୀ ପର୍ଯ୍ୟବେକ୍ଷକମାନେ କୁହନ୍ତି ଯେ ବ୍ୟାଘ୍ର କାହିଁକି ମନୁଷ୍ୟମାନଙ୍କୁ ଆକ୍ରମଣ କରିବାକୁ କ୍ରମାଗତ ଭାବେ ଲକ୍ଷ୍ୟ କରୁଛନ୍ତି, ତା'ର ଅନ୍ୟ ଏକ କାରଣ ହେଲା ବ୍ୟାଘ୍ର ଅଞ୍ଚଳ ବା ବ୍ୟାଘ୍ର ବସତି ନିକଟବର୍ତ୍ତୀ ଅଞ୍ଚଳରେ ମାନବ ବସତିର ପ୍ରତିଷ୍ଠା।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରନମେଣ୍ଟ (ସିଏସଇ) କହିଛି ଯେ ଉଭୟ ବ୍ୟାଘ୍ରମାନଙ୍କର ସଂଖ୍ୟା




ଏବଂ ଜଙ୍ଗଲ ନିକଟରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟି ଚାଲିଛି। ବ୍ୟାଘ୍ରମାନେ ବସବାସ କରୁଥିବା ଦେଶର ୨୦ଟି ରାଜ୍ୟରେ ପ୍ରାୟ ୪୦ ପ୍ରତିଶତ ବ୍ୟାଘ୍ରାଞ୍ଚଳ ୬୦ ନିୟୁତ ସର୍ବସାଧାରଣ ଜନତାଙ୍କ ଜମି ଓ ଘରବାଡ଼ି ଉପରେ ଓଭରଲ୍ୟାପ୍ ବା ଅତି ବ୍ୟାପ୍ତି କରିଥାଏ। ବ୍ୟାଘ୍ର ସଂଖ୍ୟା ସଂରକ୍ଷଣ ଅଞ୍ଚଳରେ ସଂତୃପ୍ତି ବିନ୍ଦୁ ହାସଲ କରି ସାରିଲାଣି। ତେଣୁ ବ୍ୟାଘ୍ରମାନେ ସେମାନଙ୍କର ସଂରକ୍ଷିତ ଅଞ୍ଚଳ ବାହାରକୁ ଚାଲିଯିବା ପାଇଁ ଉଦ୍ୟମ କରୁଛନ୍ତି। ବିଶେଷଜ୍ଞମାନେ ଏଭଳି ବ୍ୟବହାରଜନିତ ପରିବର୍ତ୍ତନକୁ ଗୁଣ, ବିଶେଷତା ଓ ଲକ୍ଷଣ ଭାବେ ବିବେଚନା କରିଥାନ୍ତି ଏବଂ ସେଥିପାଇଁ ଅତ୍ୟଧିକ ଭିଡ଼ ବା ଗହଳି, ପ୍ରାକୃତିକ ବାସସ୍ଥାନର ହାନି ଏବଂ ବ୍ୟାଘ୍ରଙ୍କ ବାସସ୍ଥଳୀ ଏବଂ ଜଙ୍ଗଲ ନିକଟରେ ମନୁଷ୍ୟକୃତ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ ହୋଇଥାଏ।

ଭାରତ କ'ଣ ସଠିକ୍ ଭାବେ ବାୟୁ ପ୍ରଦୂଷଣର ପରିମିତି କରୁଛି: ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରମେଣ୍ଟର ବିଶ୍ଳେଷଣ ଅନୁଯାୟୀ ଭାରତବର୍ଷର କେବଳ ମାତ୍ର ୧୫ ପ୍ରତିଶତ ଜନସଂଖ୍ୟା (ପ୍ରାୟତଃ ୨୦୦ ନିୟୁତ ଲୋକ) ଏକ ନିରନ୍ତର ବାୟୁ ଗୁଣବତ୍ତା ନିରୀକ୍ଷକ ବା ମନିଟରର ୧୦ କିଲୋମିଟର ମଧ୍ୟରେ ବସବାସ କରିଥାନ୍ତି। ଅବଶିଷ୍ଟ ୮୫ ପ୍ରତିଶତ ଜନସଂଖ୍ୟା (୧.୨ ବିଲିୟନ ଲୋକ) ସେହି ବାୟୁକୁ ପ୍ରଶ୍ୱାସ ବାୟୁରେ ଗ୍ରହଣ କରିଥାନ୍ତି, ଯେଉଁ ବାୟୁ କୌଣସି ବି ଏକ ମାପଯୋଗ୍ୟ ପରିସରର ଅନ୍ତର୍ଭୁକ୍ତ ନୁହେଁ। ବାୟୁ ଗୁଣବତ୍ତା ମନିଟରିଂ (ବାୟୁରେ ପ୍ରଦୂଷକର ସ୍ତର) ସୀମିତ ସଂଖ୍ୟକ ବଡ଼ ସହରମାନଙ୍କରେ କେନ୍ଦ୍ରୀଭୂତ ହୋଇ ରହିଥାଏ, ବିଶେଷ ଭାବେ ରାଜ୍ୟର ରାଜଧାନୀ ଓ ମହାନଗର ଅଞ୍ଚଳ ବହୁଳ ଭାବେ ପ୍ରଭାବିତ ହୋଇଥାଏ। ସଂପୂର୍ଣ୍ଣ ଜିଲ୍ଲା, ଶିଳ୍ପାଞ୍ଚଳ ଏବଂ ଦ୍ରୁତ ଅଭିବୃଦ୍ଧିସଂପନ୍ନ ଉପ-ସହରୀ ଅଞ୍ଚଳ ବା ସହରତଳି ଅଞ୍ଚଳ ମନିଟରିଂ ଗ୍ରୀଡ଼୍‌ର ବାହାରେ ରହିଥାଏ। ଫଳାଫଳ ହେଲା, ଏକ ଖଣ୍ଡିତ ବା ଖଣ୍ଡ-ବିଖଣ୍ଡିତ ଚିତ୍ର ବା ଅସଂପୂର୍ଣ୍ଣ ଚିତ୍ର। ଅଳ୍ପ କେତେକ ଜୋନ୍‌ରେ ଘନ, ଅବିରଳ କିମ୍ବା ନିବିଡ଼ ତଥ୍ୟ ପରସ୍ପର ଉପରେ ଆଚ୍ଛାଦନ ହୋଇ ରହିଥିବା ବେଳେ ବୃହତ୍ ଅଞ୍ଚଳମାନ ଶୂନ୍ୟସ୍ଥାନ ପରି ପ୍ରତୀୟମାନ ହୋଇଥାଏ। ଏ ନେଇ ରିପୋର୍ଟ କହିଥାଏ ଯେ ଏହି ଅନୁପସ୍ଥିତି ସୂଚନା ପତ୍ରରେ କେବଳ ମାତ୍ର ଏକ ଗ୍ୟାପ୍ ବା ଶୂନ୍ୟସ୍ଥାନ ନୁହେଁ, ବରଂ ଭାରତବର୍ଷରେ ପରିବେଶ ପରିଚାଳନା ବ୍ୟବସ୍ଥାରେ ବ୍ୟବସ୍ଥାଗତ ଅସମାନତାର ଏକ ଜ୍ୱଳନ୍ତ ଉଦାହରଣ ଅଟେ। ଶହ ଶହ ସଂଖ୍ୟକ କ୍ଷୁଦ୍ର ସହର ଓ ତନ୍ମଧ୍ୟରୁ ଅନେକ ସହର ତୁଳନାତ୍ମକ ଭାବେ କିମ୍ବା ଏପରିକି ବାୟୁ ପ୍ରଦୂଷଣର ଉଚ୍ଚ ସ୍ତରକୁ ମଧ୍ୟ ଅନୁଭବ କରିଥାନ୍ତି, ଯାହାର କାରଣ ମୁଖ୍ୟତଃ ଶିଳ୍ପାଞ୍ଚଳ ଏବଂ ପରିବହନ କାର୍ଯ୍ୟକଳାପ ଯୋଗୁଁ ସଂଘଟିତ ହୋଇଥାଏ ଏବଂ ସେମାନଙ୍କ ପାଖରେ ଆଦୌ କୌଣସି ପ୍ରକୃତ ସମୟର ତଥ୍ୟ ନଥାଏ ବୋଲି ଏହି ରିପୋର୍ଟ ଅବତାରଣା କରିଛି।

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩
crmishra49@yahoo.in

# ଅସହିଷ୍ଣୁତା ସମ୍ପର୍କ ହାନିର କାରଣ



ଅର୍ଜୁନ ଘଡ଼େଇ

ଅସହିଷ୍ଣୁ ଭାବ ଆମ ସଂକୀର୍ଣ୍ଣ ଚିନ୍ତାଧାରାର ପରିପ୍ରକାଶ। ଅନ୍ୟର ସୁଖ, ଶିରୀ, ସମ୍ପଦ, ସୌଭାଗ୍ୟ ଆଦିକୁ ସହ୍ୟ ନ କରି ପାରିବାର ମାନସିକତା ଆମ ମନରେ ଅନ୍ୟ ପ୍ରତି ଅସହନଶୀଳତା, ଅସହିଷ୍ଣୁତା, ପରଶ୍ରୀକାତରତା ଭାବ ଜାଗ୍ରତ କରେ। ଆଜିର ସମାଜରେ ଏପରି ଭାବନା ଅନେକଙ୍କ ମନରେ ସୃଷ୍ଟି ହେବା ଆମେ ଦେଖୁଛେ। ଏହାର କୁପରିଣତି ସ୍ୱରୂପ ଯାହା ପ୍ରତି ଏପରି ଭାବନା ସୃଷ୍ଟିହୁଏ, ତା'ର ଯେତିକି କ୍ଷତି ନହୁଏ, ତାହା ନିଜର ଅଧିକ କ୍ଷତି ସାଧନ କରିଥାଏ। ଆଉ ଏପରି ଭାବନାରୁ ପରସ୍ପର ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ପୂର୍ବରୁ ସୃଷ୍ଟି ହୋଇଥିବା ସମ୍ପର୍କରେ ବାଧା ସୃଷ୍ଟି ହୁଏ। ସମ୍ପର୍କର ଦୀର୍ଘସ୍ଥାୟୀ ଭାବନା ମନରୁ ଅପସରି ଯାଇ କ୍ରମଶଃ ବ୍ୟବଧାନ ହୋଇଚାଲେ। କାହା ସହିତ ସମ୍ପର୍କ ବିନା ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଭାବରେ ନିଃସଙ୍ଗ ଜୀବନ ନିର୍ବାହ କରିପାରେ ନାହିଁ। କିନ୍ତୁ ଏହି ଅସହିଷ୍ଣୁତା ଭାବ କାରଣରୁ ନିଜକୁ ବେଳେବେଳେ ଏକୁଟିଆ ହୋଇ ଯାଇଥିବା ଅନୁଭୂତ ହୁଏ। ସମ୍ପର୍କରେ ଫାଟ ସୃଷ୍ଟି କାରଣରୁ ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ। ଏପରି ଭାବନା ପରିବାରଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଘଟି ଚାଲୁଛି, ଯାହା ଆମେ ଅଙ୍ଗେ ନିଭଉଛେ।

ମନ ଭିତରେ ଅନେକ କୁପ୍ରକୃତି ବସା ବାନ୍ଧି ରହିଛନ୍ତି। ଶରୀରକୁ ବିଷାକ୍ତ କରିବାରେ, ସୁସ୍ଥ ମନ ପରିବର୍ତ୍ତେ ଅସୁସ୍ଥ ମାନସିକତା ସୃଷ୍ଟି କରିବାରେ ଏମାନେ ବ୍ୟସ୍ତ ଥାଆନ୍ତି। ମନରେ ଅହଙ୍କାର ଭାବ ସୃଷ୍ଟି ହେବା ହିଁ ଅସହିଷ୍ଣୁତାର କାରଣ। ଏପରି ଭାବନା ଯେତେବେଳେ ମନରେ ସୃଷ୍ଟି ହୁଏ, ସେତେବେଳେ ଆମେ ନିଜର ସୁଖ, ସମ୍ପଦ ପ୍ରତି ବେଶୀ ଆସକ୍ତ ହୋଇଥାଉ। ଅନ୍ୟର ସୁଖ, ଶାନ୍ତିକୁ ସହ୍ୟ କରିବା ଆମ ପକ୍ଷରେ କଷ୍ଟ ହୁଏ। କେବଳ ନିଜେ ଭଲରେ ବଞ୍ଚିବାର ମାନସିକତା କାରଣରୁ ଅନ୍ୟର ସାମାଜିକ ପ୍ରତିଷ୍ଠାକୁ ସରଳ ଭାବେ ଗ୍ରହଣ କରିନେବା ପରି ଭାବ ଆମ ମନରେ ସୃଷ୍ଟି ହୁଏ ନାହିଁ। 'ସର୍ବେ ଭବନ୍ତୁ ସୁଖୀନଃ'କୁ ବୁଝିବାରେ ଆମେ ଅସମର୍ଥ ହୋଇପଡୁ। ଫଳରେ ସମାଜ ବା ଦେଶର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହୁଏ ଏବଂ ହେଉଛି ମଧ୍ୟ। ସମାଜର ସମସ୍ତଙ୍କ ପ୍ରତି ସମଭାବ ପ୍ରଦର୍ଶନ କରିବା ଆମ ସଂସ୍କାରାଭିମୁଖୀ ଚରିତ୍ରର ବଳିଷ୍ଠ ପରିପ୍ରକାଶ, ଏହା ଆମେ ବୁଝିବାରେ ଅକ୍ଷମ ଏବଂ ଏହା ଏକ ସାମାଜିକ ବିଡ଼ମ୍ବନା ଭାବେ ଗ୍ରହଣୀୟ।

ପଡ଼ୋଶୀଟିର କୋଠାବାଡ଼ି, ମଟର ଯାନ, ବ୍ୟାଙ୍କ୍ ବାଲାନ୍ସ ଦେଖି ଛୋଟିଆ ବଖରାଏ ଦି' ବଖରା କୋଠାଘରେ ରହିବାକୁ ଆମେ ସହି ପାରୁନା। ଛୋଟ ବ୍ୟବସାୟୀଟିଏ ପାଖରେ ଥିବା ବଡ଼ ବ୍ୟବସାୟୀଟିକୁ ଭଲରେ ଦେଖି ପାରେନି। ସାମାଜିକ ପ୍ରତିଷ୍ଠା, ପ୍ରତିପତ୍ତି ଥିବା ଲୋକଟିକୁ ଆମେ ସହୃଦୟତାର ସହ ଗ୍ରହଣ କରିବାରେ ବିମୁଖ ହେଉ। ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚିବାକୁ ସଂଗ୍ରାମ କରୁଥିବା ଛୋଟ ଦେଶଟିଏ ଏକ ପ୍ରଗତିଶୀଳ, ବିକାଶୋନ୍ମୁଖୀ ବା ବିକଶିତ ଦେଶର ପ୍ରଗତିଶୀଳ ଭାବନାକୁ ସହିବାରେ କଷ୍ଟ ବୋଧ କରେ। ଏପରି ଅସହିଷ୍ଣୁତା ଭାବ ଯୋଗୁଁ କେହି କାହାର ସୁଖ, ଶିରୀ ଦେଖିବାକୁ ଚାହାନ୍ତି ନାହିଁ, ଯେଉଁଥିପାଇଁ ବିଶ୍ୱରେ ସବୁବେଳେ ଅସ୍ଥିରତା, ଅଶାନ୍ତି, ଯୁଦ୍ଧ ପରି ଭୟାବହତା ସୃଷ୍ଟିର କାରଣ ହେଉଛି। ଦେଶ ଦେଶଙ୍କ ଭିତରେ ବନ୍ଧୁତ୍ୱ, ସମ୍ପର୍କ ସ୍ଥାପନ ପାଇଁ କେତେକ ଦେଶ ଚେଷ୍ଟା ଜାରି ରଖିଥିବା ବେଳେ କେତେକ ରାଷ୍ଟ୍ରଙ୍କ ଅହଙ୍କାର, ସ୍ୱେଚ୍ଛାଚାରୀ ପ୍ରବୃତ୍ତି ବିଶ୍ୱରେ କେବଳ ଅସ୍ଥିରତା ସୃଷ୍ଟି କରୁନାହିଁ, ମାନବ ସଭ୍ୟତାକୁ ଧ୍ୱଂସାଭିମୁଖୀ କରିବାକୁ ଚେଷ୍ଟା ଜାରି ରଖୁଛି। ସଦ୍‌ଭାବନା, ସଂହତି ସୃଷ୍ଟି ହେବା ପରିବର୍ତ୍ତେ ଅସହିଷ୍ଣୁତା ଭାବ ଯୋଗୁଁ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟୁଛି। ଏହା ଆମେ ଅନୁଭବ କରିପାରୁ ନାହେଁ।

କିଛି ଛୋଟ ଘଟଣା ଆଲେଖ୍ୟଟିର ପୃଷ୍ଠଭୂମି ପ୍ରସ୍ତୁତ କରିବାରେ ସହାୟତା କରିଛି। ଶୈଶବରେ ଶିଶୁଟି ମନରେ ଧନୀ-ଗରିବ, ଉଚ୍ଚ-ନୀଚ ଭେଦଭାବ ନଥାଏ। ସାଙ୍ଗସାଥୀ ମେଳରେ ଖେଳକୁଦ ଚାଲିଥିବା ବେଳେ ଆମେ ଅଭିଭାବକମାନେ ଗାଳିଦେଇ କହୁ, 'ଆରେ ତତେ ଲାଜ ଲାଗୁନି, ତା' ସହିତ ଖେଳୁଛୁ? ସିଏ ଶ୍ରେଣୀରେ ପ୍ରଥମ ହେଉଛି, ଆଉ ତୁ ଶେଷରେ ରହୁଛୁ।' ଏମିତି ବାରମ୍ବାର କହିବା ଫଳରେ ପିଲାଟି ମନରେ ସାଥୀଟି ପ୍ରତି ଅସହିଷ୍ଣୁ ଭାବ ସୃଷ୍ଟି ହୁଏ। ସମ୍ପର୍କ ଦୂରେଇ ଯାଏ। ଏହାର କୁପ୍ରଭାବ ଭବିଷ୍ୟତ ଜୀବନରେ ସମ୍ପର୍କ ସୃଷ୍ଟି କରିବାଠାରୁ ଦୂରେଇ ଦିଏ। ବିଭିନ୍ନ ପ୍ରତିଯୋଗିତା, ଯୋଗ୍ୟତାଭିତ୍ତିକ ପରୀକ୍ଷା ଆଦିରେ ଅସଫଳ ହେଉଥିବା ପିଲାଟିକୁ ସଫଳତା ପାଉଥିବା ସାଥୀଟିର ଉଦାହରଣ ଦେଲେ ତା' ମନରେ ପ୍ରତିଦ୍ୱନ୍ଦ୍ୱିତା ଭାବ ସୃଷ୍ଟି ହେବା ପରିବର୍ତ୍ତେ ପ୍ରତିହିଂସା ଭାବ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ଆମେ ଅଭିଭାବକ ବା ଗୁରୁଜନମାନେ ପିଲାମାନଙ୍କ ମନରେ ଏପରି ସଂକୀର୍ଣ୍ଣ ଚିନ୍ତାଧାରାର ଅନୁପ୍ରବେଶକୁ ପ୍ରତିହତ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ। ବିଶେଷକରି ଶିକ୍ଷା ଗ୍ରହଣ ସମୟରେ କୋମଳମତି ଶିଶୁ, କିଶୋରମାନଙ୍କ ମନରେ ଏପରି ଭାବନା ସୃଷ୍ଟି କଲେ ସେମାନଙ୍କ ଭବିଷ୍ୟତ ଚିନ୍ତାଧାରାରେ ଅସୁସ୍ଥ ମାନସିକତା ସୃଷ୍ଟି ହେବ।



ଭଲ ବନ୍ଧୁଟିଏ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ହେଲେ ମନରୁ ଅସହିଷ୍ଣୁ ଭାବ ଦୂର କରିବା ଅପରିହାର୍ଯ୍ୟ। ବରଂ ସାଥୀଟିର ପ୍ରଗତିରେ ଖୁସି ପ୍ରକଟ କଲେ ତା'ର ବିଶ୍ୱାସଯୋଗ୍ୟ ହେବା ସହ ଆବଶ୍ୟକତା ସମୟରେ ସହଯୋଗ ମିଳିବା ସମ୍ଭବ ହେବ। ତେଣୁ ଅନ୍ୟର ପ୍ରଗତି ବା ସମୃଦ୍ଧିକୁ ବିବେକାନୁମୋଦିତ ଭାବେ ସହିନେବାର ମାନସିକତା ସୃଷ୍ଟି କରିବା ସର୍ବାଦୌ ଗ୍ରହଣୀୟ। ଅନ୍ୟର ସୁଖ, ସୌଭାଗ୍ୟକୁ ସରଳ ମନରେ ଗ୍ରହଣ କରିନେଇ ଆନନ୍ଦ, ଖୁସି ଅନୁଭବ କଲେ ନିଜ ଶରୀର ବା ମନ ଉପରେ ଏହାର କୁପ୍ରଭାବ ପଡ଼ିବ ନାହିଁ, ବରଂ ନିଜ ଭିତରେ ଆଗକୁ ଶକ୍ତି ସଞ୍ଚୟ କରି ବଢ଼ିବାର ସମ୍ଭାବନା ସୃଷ୍ଟି ହେବ। ସମାଜ ବା ରାଷ୍ଟ୍ରର ନାଗରିକମାନଙ୍କ ମନରୁ ଅସହିଷ୍ଣୁ ଭାବ ଦୂରେଇ ଗଲେ ପରସ୍ପର ପ୍ରତି ସହଯୋଗୀ ମନୋଭାବ ସୃଷ୍ଟି ହୋଇ ସାମଗ୍ରିକ ବିକାଶରେ ସହାୟତା କରିବ। ଏକ ବୃହତ୍ ବୃକ୍ଷ ତଳେ ଅନେକ କ୍ଷୁଦ୍ର ବୃକ୍ଷ ଆଶ୍ରିତ ହୋଇ ବଞ୍ଚି ରହି ଜୀବନ ରକ୍ଷା କରୁଥିବା ବେଳେ ବଡ଼ ଗଛଟି ପ୍ରତି ଅସହିଷ୍ଣୁ ଭାବ ପୋଷଣ ନକରି ସହାୟତାରୁ ବଞ୍ଚିଥିବାରୁ କୃତଜ୍ଞତା ଜଣାଇଥାନ୍ତି। ତେଣୁ ଅନ୍ୟର ସୁଖ, ସମ୍ପଦ, ପ୍ରଗତି, ସମୃଦ୍ଧି ଦେଖି ଦୁଃଖୀ ହୋଇ ଅସହିଷ୍ଣୁ ବା ଅସହନଶୀଳ ହେବା ଅନୁଚିତ। ଏହା ଆମ ଉତ୍ତମ ଚରିତ୍ରର ଲକ୍ଷଣ ନୁହେଁ କିମ୍ବା ନିଜକୁ ପ୍ରତିଷ୍ଠା କରିବାର ମାଧ୍ୟମ ନୁହେଁ। 'ଦେଶରେ ଥିଲେ ହେଁସରେ ପଡ଼ିବ'- ଏକଥା ଆମେ ଜାଣୁ। ଧନୀ ପଡ଼ୋଶୀଟିଏ, ସୁଖୀ ବନ୍ଧୁଟିଏ, ସମୃଦ୍ଧଶାଳୀ ଦେଶଟିଏ ଆବଶ୍ୟକତା ସମୟରେ ସହାୟତାର ହାତ ବଢ଼ାଇବାର ସମ୍ଭାବନା ଥାଏ। ସେମାନଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ରହିଲେ ସମ୍ପର୍କରେ ଫାଟ ସୃଷ୍ଟି ହେବା ସହ ସହାୟତାର ହାତ ସଙ୍କୁଚିତ ହୋଇଯିବ- ଏହା ନିଃସନ୍ଦେହ। ବିଶେଷକରି ଛୋଟ ପିଲାଙ୍କ ମନରେ ଏହି ଭାବନା ସୃଷ୍ଟି ନ କରିବାକୁ ଆମେ ଗୁରୁଜନ, ବୟସ୍କମାନେ ସଚେତନ ହେବାର ଆବଶ୍ୟକତା ରହିଛି।

ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ: ୯୪୩୮୦୪୮୬୧୫

# ଯୁଦ୍ଧ ନୁହେଁ, ଶାନ୍ତି

ସାମ୍ପ୍ରତିକ ସମୟ ଅବିରତ ଯୁଦ୍ଧକୁ ପରିଲକ୍ଷିତ କରି ଚାଲିଛି; ଥରେ ଯୁଦ୍ଧ ଆରମ୍ଭ ହେଲେ ଏହାର ପରିସମାପ୍ତି ଘଟିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ବର୍ତ୍ତମାନ ସମୟର ସବୁଠୁ ବହୁଚର୍ଚ୍ଚିତ ଯୁଦ୍ଧ ହେଉଛି ଆମେରିକା ଓ ଇସ୍ରାଏଲର ଇରାନ୍ ସହିତ। ଏହି ଯୁଦ୍ଧ ଲମ୍ବି ଚାଲିଛ; ଇରାନ୍, ଲେବାନନ୍ ଏବଂ ପଶ୍ଚିମ ଏସିଆର ଆହୁରି ଡଜନେ ସରିକି ଦେଶ ଉପରେ ମିଶାଇଲ ଏବଂ ଡ୍ରୋନ୍ ଦ୍ୱାରା ବୋମା ବର୍ଷା କମିବାର ନାଁ ଧରୁନାହିଁ। ଏହି ଯୁଦ୍ଧରେ ଏକ ପ୍ରକାରର ବିରତି ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଆଦେଶ ଦିଆଯାଇଥିଲା, ଯାହା ପ୍ରତିଶ୍ରୁତି ପ୍ରଦାନ କରିଥିଲା ଯେ ନିହାତି କମ୍‌ରେ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଇରାନ୍‌ର ଶକ୍ତିକେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବ ନାହିଁ। ଗାଜା ପଟିରେ ଯୁଦ୍ଧର ବିଭୀଷିକା ଓ ଧ୍ୱଂସଲୀଳା ଏବେ ଟିକେ ପଛକୁ ଚାଲି ଯାଇଛି, ଯେତେବେଳେ କି ୟୁକ୍ରେନ୍ ସୀମାରେ ଏକ ଭୂଭାଗ ଯୁଦ୍ଧ ଚାଲୁ ରହିଛି ଏବଂ ରୁଷିଆର ଆକାଶରେ ଡ୍ରୋନ୍ ଉଡ଼ିବାର ଚିତ୍ର ଏବେ ସୁଦ୍ଧା ଦୃଷ୍ଟିଗୋଚର ହେଉଛି। ଏସବୁ ଯୁଦ୍ଧରୁ ଅଧିକାଂଶ ଆଫ୍ରିକାର ସୋମାଲିଆରେ ସାମରିକ କାର୍ଯ୍ୟାନୁଷ୍ଠାନ ଭଳି ହୁଏତ ଅଣଦେଖା କରାଯାଇଥାନ୍ତା, ଯାହାକି ଶତ୍ରୁତା ଦ୍ୱାରା ଅନୁପ୍ରେରିତ ଏକ ଭୁଲ୍ ଦୁଃସାହସିକ କାର୍ଯ୍ୟ ଥିଲା, ଯଦି ତୈଳ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକର ପରିବହନରେ ବ୍ୟାଘାତ ସୃଷ୍ଟି ହୋଇ ନଥାନ୍ତା ଏବଂ ଆମେରିକା ଓ ଇସ୍ରାଏଲ ଦ୍ୱାରା ଇରାନ୍‌ର ସାର୍ବଭୌମତ୍ୱ ଭଙ୍ଗ କରିବା ପାଇଁ ସମଗ୍ର ବିଶ୍ୱକୁ ବହୁମୂଲ୍ୟ ଦେବାକୁ ପଡୁ ନଥାନ୍ତା। ସମୃଦ୍ଧ ଶକ୍ତିର ଉତ୍ସ ଭଳି ଆଶୀର୍ବାଦପ୍ରାପ୍ତ, ଅଥଚ ବର୍ଣ୍ଣ, ଧର୍ମ ଏବଂ ଆଣବିକ ଅସ୍ତ୍ରଶସ୍ତ୍ରର ବିରୋଧାଭାସ ଦ୍ୱାରା ପରିପୁଷ୍ଟ ଏକ ପ୍ରଜ୍ୱଳନଶୀଳ ଅଞ୍ଚଳରେ ଅଣୁ ଅସ୍ତ୍ର ତିଆରି କରିବାର ସାମର୍ଥ୍ୟକୁ ପ୍ରତିହତ କରିବା ଆଧାରରେ ସେମାନେ ଯୁଦ୍ଧ ଆରମ୍ଭ କଲେ। ଏହି ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକା ଏବଂ ଇରାନ୍ ଏକ ରାଜିନାମା ଉପରେ ଆଲୋଚନା ଆରମ୍ଭ କରିଥିବା ବିଶ୍ୱାସ କରାଯାଉଛି, ଯାହା ଆମେରିକା ଦ୍ୱାରା ୧୫ଟି ଦାବି ଉପରେ ଆଧାରିତ। ଏହା ଇରାନ୍ ପାଇଁ ଏକ ଆତ୍ମସମର୍ପଣ କରିବାର ଏକ ଦସ୍ତାବିଜ ଭଳି ଶୁଭୁଛି, ଯାହା ସମ୍ପୃକ୍ତ ଅଞ୍ଚଳରେ ଆରବ ରାଷ୍ଟ୍ରମାନଙ୍କରେ ମିଶାଇଲ ଏବଂ ବୋମା ମାଡ଼ କରି ନିଜର ଯୁଦ୍ଧ କରିବାର ଦକ୍ଷତାକୁ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରତିପାଦିତ କରି ସାରିଛି ଏବଂ ଅଧିକ ଉଲ୍ଲେଖନୀୟ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ କେଉଁ ଜାହାଜ ଅତିକ୍ରମ କରିବ ଏବଂ କେଉଁ ଦେଶର ଜାହାଜ ଯିବ ନାହିଁ, ତାହା ନିର୍ଦ୍ଧାରଣ କରି ବିଶ୍ୱର ପୂର୍ବ ଭାଗକୁ ତୈଳ ଏବଂ ଗ୍ୟାସ୍ ଯୋଗାଣକୁ ଅବରୁଦ୍ଧ କରି ପାରୁଛି। ଯୁଦ୍ଧ ବନ୍ଦ କରିବା ପାଇଁ ଇରାନ୍‌ର ପାଞ୍ଚ ଗୋଟି ଦାବି ରହିଛି ଯେଉଁଥିରେ ସାମିଲ ରହିଛି ହର୍ମୁଜ୍ ପ୍ରଣାଳୀ ଉପରେ ସଂପ୍ରଭୁତା, ଯାହା ସମ୍ଭବତଃ କର ଆଦାୟ କରିବାର ସତର୍କ ଘଣ୍ଟିକୁ ସାଙ୍ଗରେ ନେଇ ଚାଲୁଛି, ଯାହାକୁ ଖୁବ୍ ସରଳ ଭାବରେ କହିଲେ ଏୟା ଅର୍ଥ ହେବ ଯେ ଯୁଦ୍ଧ ବନ୍ଦ ପାଇଁ କୌଣସି ଚୁକ୍ତି ହୋଇ ପାରିବ ନାହିଁ।

ଯୁଦ୍ଧ ବନ୍ଦ କରିବା ପାଇଁ ଏବେ ଇରାନ୍ ଅପେକ୍ଷା ଆମେରିକା ହିଁ ଅଧିକ ଆତୁରତା ପ୍ରକାଶ କରୁଛି, ଯଦିଓ ଇସ୍ରାଏଲକୁ ପ୍ରଭାବିତ କରିବା ପାଇଁ ଏହା ଯୁଦ୍ଧ ଲଢ଼ିବ, ଯାହା ଏହି ଯୁଦ୍ଧକୁ ଆରମ୍ଭ କରିଥିଲା ସତେ ଯେମିତି ଇରାନ୍‌ର ଆଣବିକ ବୋମା ପ୍ରସ୍ତୁତି ଏହାକୁ ଅଧିକ ବିବ୍ରତ କରି ପକାଉ ଥିଲା, କିନ୍ତୁ ଏହି ଯୁଦ୍ଧ ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ ରଖିବାରେ ସୀମିତ ରହି ଯାଇଛି, ଯାହାକି ଯୁଦ୍ଧ ଆରମ୍ଭ ପୂର୍ବରୁ ଏମିତିରେ ବି ସମସ୍ତଙ୍କ ପାଇଁ ଖୋଲା ରହିଥିଲା। ଚୁକ୍ତି କରିବା ପାଇଁ ଆଗେଇ ଆସିଥିବା ଶ୍ରୀଯୁକ୍ତ ଡୋନାଲ୍ଡ ଟ୍ରମ୍ପଙ୍କ ପରିବାର, ବନ୍ଧୁ ଏବଂ କ୍ୟାବିନେଟ୍ ସହକର୍ମୀମାନଙ୍କୁ ବାଦ୍ ଦେଲେ କୌଣସି କ୍ୟାରିଅର୍ କୂଟନୀତିଜ୍ଞଙ୍କ କାନକୁ ଏହା କେତେ ଉଦ୍ଭଟ ଶୁଭିବ, ଯେଉଁମାନେ ଭଲ ଭାବରେ ଏକଥାକୁ ଜାଣି ସାରିଥିବେ ଯେ ଏହି ଦେଶ ଉପରେ ବୋମା ବର୍ଷା କରାଯିବା ପୂର୍ବରୁ ଇରାନ୍ ଆଣବିକ ଶକ୍ତି ଉପରେ ବୁଝାମଣା କରିବାକୁ ପ୍ରସ୍ତାବ ଦେଇଥିଲା। ତୈଳ ବିକ୍ରୟ ଉପରେ କଟକଣାକୁ ସହଜ କରାଯିବା ପରେ ଇରାନ୍ ଦୈନିକ ୧୪୦ ମିଲିଅନ୍ ଡଲାର ଅର୍ଜନ କରୁଥିବା କଥା କୁହାଯାଉଛି, ଯେତେବେଳେ କି ଆମେରିକାର ଭ୍ରମାତ୍ମକ ଦୁଃସାହସ ଯୋଗୁଁ ଶ୍ରୀଯୁକ୍ତ ଭ୍ଲାଦିମିର୍ ପୁଟିନ୍ ଏଇ ସମସ୍ତ ସମୟ ଭିତରେ ଯୁଦ୍ଧ ନଦୀର ତୀରରେ ଠିଆ ହୋଇ ହସୁଛନ୍ତି, କାରଣ ତାଙ୍କୁ ଯେ କୌଣସି ଦେଶକୁ ତୈଳ ବିକ୍ରି କରିବାକୁ ଅନୁମତି ମିଳି ଯାଇଛି। ଏସବୁରୁ ଅଧିକାଂଶ ଅଗ୍ରଗତି ୟୁକ୍ରେନ୍ ଯୁଦ୍ଧ ଉଦ୍ୟମର ନବୀକରଣ ପାଇଁ ଯିବ, ଯାହାକି ଏବେ ସାମ୍ନାକୁ ଆସୁଛି, ଯେତେବେଳେ କି ଶ୍ରୀଯୁକ୍ତ ପୁଟିନ୍‌ଙ୍କ ରୁଷିଆ ନିଜର ଅର୍ଥନୀତି ସହିତ ଯୁଝୁଛି।

ଇରାନ୍ ଶାନ୍ତି ଆଲୋଚନା ଯଦି କୌଣସି ନିଷ୍କର୍ଷରେ ନ ପହଞ୍ଚେ ଏବଂ ଇରାନ୍‌ର ଖାର୍ଗ୍ ଦ୍ୱୀପପୁଞ୍ଜ ବା ଅନ୍ୟ କୌଣସି ସ୍ଥାନ ଉପରେ ପାଦ ଥାପିବା ପାଇଁ ଆମେରିକା ପ୍ରସ୍ତୁତ ହେଉଥିବା ସମ୍ପର୍କରେ ଯାହା କୁହାଯାଉଛି, ତାହା ଯଦି ସତ୍ୟ ହୁଏ, ତା'ହେଲେ ସମଗ୍ର ବିଶ୍ୱକୁ ଏଥିପାଇଁ ବର୍ତ୍ତମାନ ଅପେକ୍ଷା ଆହୁରି ଅଧିକ ମୂଲ୍ୟ ଦେବାକୁ ପଡ଼ିବ, କାରଣ ସେତେବେଳେ ଇରାନ୍ ହୁଏତ ଏବେ ଯାହା ଧମକ ଦେଉଛି, ସେହି ଅନୁସାରେ ଲୋହିତ ସାଗରରେ କେତେକ ଜଳପଥକୁ ଅବରୁଦ୍ଧ କରିବ, ଯେଉଁଠି ଏହାର ପ୍ରକ୍ସି ବା ଛାୟା ଭାବରେ କାମ କରୁଥିବା ହାଉଥିମାନେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରର ଜାହାଜମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେବେ। ତେଣୁ ସର୍ବୋତ୍ତମ କଥା ହେଉଛି, ତାଙ୍କର ଯୁଦ୍ଧ କୌଶଳ କାମ ନ କଲେ ସୁଦ୍ଧା ଶ୍ରୀଯୁକ୍ତ ଟ୍ରମ୍ପ ଯଦି ବିଜୟ ଲାଭ କରିଛନ୍ତି ବୋଲି ଘୋଷଣା କରି ଏକ ସ୍ଥାୟୀ ଯୁଦ୍ଧର ଅବସାନ ଘଟାଇ ନିଜର ଶକ୍ତି ପରୀକ୍ଷା କରିବା ଅପେକ୍ଷା ନିଜ ଦେଶକୁ ଫେରି ଯାଆନ୍ତି, ତା'ହେଲେ ତାହା ସମସ୍ତଙ୍କ ପାଇଁ ମଙ୍ଗଳକାରକ ହେବ। ସତ୍ତାବାଦୀ ରାଜନୀତି ବା ସାମରିକ ଆକ୍ରମଣକୁ ନିରୁତ୍ସାହିତ କରିବା ଅପେକ୍ଷା ମାନବ ସମାଜ ପାଇଁ ଧ୍ୱଂସକାରୀ ହେବାର ଅଧିକ ସମ୍ଭାବନା ବହନ କରୁଥିବା ଅଣୁ ବୋମା ତିଆରି କରିବାର ଉଦ୍ଭଟ ବିକଳ୍ପକୁ ଆଗେଇ ନେବାକୁ ଯାଉ ନାହାନ୍ତି ବୋଲି ଇରାନୀୟମାନେ ବିଶ୍ୱକୁ ଆଶ୍ୱାସନା ପ୍ରଦାନ କରି ସମସ୍ତଙ୍କ ପାଇଁ ଏକ ଶାନ୍ତିର ବାତାବରଣଟିଏ ପ୍ରସ୍ତୁତ କରି ପାରିବେ। ଆଗରୁ ଯେପରି କୁହାଯାଇଛି, ଏହା ସବୁବେଳ ପାଇଁ ଯୁଦ୍ଧର ପରିବେଶ ଭିତରେ ରହିବାର ଯୁଗ ନୁହେଁ।

# ସ୍ମରଣର ପ୍ରଭାବ

ମନର ସ୍ଥିତି ବଡ଼ ଅଦ୍ଭୁତ। କେବେ କାହା ପାଖରେ ଢଳିଯିବ, କହି ହେବନି। କିନ୍ତୁ ମନକୁ ନିୟନ୍ତ୍ରଣରେ ରଖିଥିବା ମଣିଷଟି ବଡ଼ ଚତୁର। ମନକୁ ନ ଜଗିଲେ, ସେ କ'ଣ ନାଇଁ କ'ଣ କରି ପକେଇବ- ଯେମିତି ଶିଶୁଟିକୁ ନ ଜଗିଲେ କ'ଣ ନାଇଁ କ'ଣ କରି ପକାଏ। ମେଳାକୁ ବହୁ ଲୋକ ଯାଆନ୍ତି। ଶିଶୁ ବି ଯାଏ। ସେଠାରେ କିଏ ଖିଆପିଆରେ ମାତନ୍ତି ତ କିଏ ଜିନିଷ କିଣନ୍ତି। କିନ୍ତୁ ଶିଶୁଟିଏ ଚକୋଲେଟ୍ ଜରି, ଦିଆସିଲି ଖୋଳ ଆଦି ଗୋଟାଏ। କାରଣ ସେ ତାକୁ ଉପଯୋଗୀ ଭାବେ। ଠିକ୍ ସେମିତି ଆମ ଭିତରେ ଅନେକ ମଣିଷ ବର୍ଜନୀୟ ଜିନିଷକୁ ଦରକାରୀ ଭାବି ମନରେ ସାଇତି ରଖନ୍ତି। ଆଉ ମନ ଏମିତି ଅଭ୍ୟାସରେ ପଡ଼ିଯାଏ ଯେ ସବୁ ଅଳିଆ ଗୋଟେଇ ଏକାଠି କରେ। ଆମେ ଦୁଃଖଦ ଘଟଣାକୁ ଅଧିକ ଗୁରୁତ୍ୱ ଦେଇ ଭଲ ଘଟଣାକୁ ପାସୋରି ଦେଉ। କିଏ କୋଉଠି ଅପମାନ ଦେଇଥିଲା, ତାକୁ ମନେ ପକାଉ। ସମ୍ମାନ କଥାକୁ ଅଳ୍ପ ଭାବୁ। ଫଳରେ ପ୍ରତିଟି ଭାବନାର ପ୍ରଭାବ ଆମ ଶରୀରରେ ପ୍ରତିଫଳିତ ହୁଏ। ଏହାର ଉଦାହରଣ।



ପଦାରବିନ୍ଦ

ପିତା ପିଲାକୁ ଗୁରୁକୁଳକୁ ପଠେଇଲେ। ଗୁରୁ ବହୁତ ସ୍ନେହୀ ମଣିଷ ଥିଲେ। ଦୈନିକ କାର୍ଯ୍ୟରେ ଖୁବ୍ ତତ୍ପର ଥିଲେ। ଚରିତ୍ର ଗଠନ ଉପରେ ବି ଗୁରୁତ୍ୱ ଦେଉଥିଲେ। ସମସ୍ତ ଛାତ୍ରଙ୍କ ସହିତ ଗୁରୁଙ୍କର ଭଲ ସମ୍ପର୍କ ଥିଲା। ଚାହୁଁ ଚାହୁଁ ଶିକ୍ଷା ବର୍ଷର ଗୋଟିଏ ବର୍ଷ ଶେଷ ହେଲା। ପିଲାମାନେ ନିଜ ନିଜ ଘରକୁ ଯିବାକୁ ପ୍ରସ୍ତୁତ ହେଲେ। ସେଦିନ ପିଲାଟି ଆସିବା ପାଇଁ ଏତେ ବ୍ୟସ୍ତ ଥିଲା ଯେ କୋଉଠି ଖାତା ରଖିଥିଲା ତ କୋଉଠି କଲମ। ଘରକୁ ବାହାରିବା ବେଳେ ନିଜର ଗଣ୍ଠିଲି ପ୍ରସ୍ତୁତ କରୁଥାଏ। ଖାତା କଲମ ପାଇଲାନି। ଗୁରୁଜୀ ବିରକ୍ତିରେ ଗାଳିଦେଲେ। ରାତି ପାହିଲା। ପିଲାମାନେ ଘରକୁ ଆସିଲେ। ଘରେ ବାପା ମାଆଙ୍କ ସହିତ ବେଶ୍ ମଜାରେ ସମୟ କଟୁଥିଲା। ମଝିରେ ମଝିରେ ପିଲାର ମନ ଦୁଃଖ ଥିଲା ଭଳି ଲାଗୁଥିଲା। ଦିନେ ବାପା ପୁଅକୁ ଗୁରୁକୁଳ ଓ ଗୁରୁଜୀଙ୍କ ବିଷୟରେ ପଚାରିଲେ। ପିଲାଟି ଉତ୍ତର ଦେଲା- 'ସବୁ ଠିକ୍‌ଠାକ୍। ଗୁରୁଜୀଙ୍କ ସ୍ନେହ ମମତା ବହୁତ, କିନ୍ତୁ ଆସିବା ବେଳେ ଗାଳିଦେଲେ।' ବାପା କହିଲେ- 'ସାରା ବର୍ଷକ ଭିତରେ ଗୁରୁଜୀଙ୍କ ସ୍ନେହ ସବୁଦିନ ଥିଲା, ତାହା ତୋତେ ପ୍ରଭାବିତ କଲାନି, ଅଥଚ ଟିକିଏ ତାଡ଼ନାକୁ ତୁ ଏ ପର୍ଯ୍ୟନ୍ତ ମନେ ରଖିଲୁ? ଏବେଠାରୁ ଶପଥ କର- ଗୁରୁଙ୍କ ସ୍ନେହକୁ ବାରମ୍ବାର ମନେ ପକେଇବୁ।' ସମୟ କ୍ରମେ ପିଲାଟି ଗୁରୁକୁଳକୁ ଗଲା। ସେଦିନ ଗୁରୁକୁଳ ଆଶ୍ରମରେ ଖାଇବା ଡେରି ହୋଇଗଲା। ଗୁରୁଜୀ ସମସ୍ତ ପିଲାଙ୍କୁ କ୍ଷମା ମାଗିବା ଭଳି ଅତି ସ୍ନେହ ଆଦରରେ ଖୁଆଇଲେ। ତା'ପରେ ଅନ୍ୟ ଦିନମାନଙ୍କରେ ଯେମିତି ଶାସନ କରିବା କଥା, ସେମିତି ତାଡ଼ନା ଦେଇଥିଲେ। ସମୟ କ୍ରମେ ଶିକ୍ଷା ବର୍ଷର ଶେଷରେ ପିଲାମାନେ ଘରକୁ ଫେରିଲେ। ସେଦିନ ପୁଅ ଖୁବ୍ ଆନନ୍ଦିତ ଦେଖା ଯାଉଥିଲା। ବାପା ଆଶ୍ରମ ବିଷୟରେ ପଚାରିଲେ। ଶିଷ୍ୟଟି ସେଦିନର ଆନନ୍ଦ ମୁହୂର୍ତ୍ତ ଓ ଗୁରୁଙ୍କ ସ୍ନେହ କଥା କହୁ କହୁ ତା' ଆଖିରେ ଲୁହ ଆସି ଯାଉଥିଲା। ଏହା ହିଁ ହେଉଛି ମନର ଲୀଳା। ଗୋଟାଏ ଭଲ ଜିନିଷକୁ ସାଇତି ରଖିଲେ ତା' ମୁହଁ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଏ। ମନ୍ଦ ଜିନିଷକୁ ସାଇତି ରଖିଲେ ବିଷାଦରେ ଭରପୂର ହୋଇଯାଏ। ଆମେ ଜୀବନରେ ଭଲ ଜିନିଷ ପାଇଛୁ, ମନ୍ଦ ବି ପାଇଛୁ। କିନ୍ତୁ ଭଲକୁ ଅଳ୍ପ ମନେ ପକେଇ ମନ୍ଦକୁ ବେଶି ଭାବୁଛୁ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ରାସ୍ତାକଡ଼ରେ ଜଳଛତ୍ର

**ଟାଙ୍ଗିଛକ,୨୯୩/ଏନ୍‌ଏନ୍‌ଏସ୍:** ଗ୍ଲୋବାଲ ଫଣ୍ଡ ଫର୍ ହ୍ୟୁମାନିଟ ଓ ନିର୍ମାଲ୍ୟ ନର୍ସ ହୋମ ତରଫରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ଅମ୍ବିକା ସାହୁ, ସମ୍ପାଦିକା ଛବି ରାୟ, କୋଷାଧ୍ୟକ୍ଷ ବିଶ୍ୱନାଥ ଦାସ, ମାନବିକ ନ୍ୟାୟ ପରିଷଦ ତଥା ଓଡ଼ିଶା ଶାଖାର ସମ୍ପାଦକ ନୃସିଂହ ଚରଣ ମାନସିଂହ, ଉପ ସଭାପତି ଜୟଶ୍ରୀ ପାତ୍ର, ବିଶ୍ୱଜିତ୍ ମହାନ୍ତି, ଭବାନୀ ଶଙ୍କର ଜେନା, ପ୍ରଦୀପ୍ତ କୁମାର ପ୍ରଧାନ, ବ୍ରହ୍ମାନନ୍ଦ ଭୋଇ, ଇତିଶ୍ରୀ ମହାନ୍ତି, ମାନସ ଭୋଇ, ରାମରଞ୍ଜନ ମହାନ୍ତି, ସିଲନ ସ୍ୱାଇଁ, ଟଂକିତ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

# ଦଶପଲ୍ଲାରେ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା



**ଦଶପଲ୍ଲା,୨୯୩/ଏନ୍‌ଏନ୍‌ଏସ୍:** ଶନିବାର ଦିନ ସରକାରଙ୍କ ପ୍ରମୁଖ ଶାସନ ସଚିବ (ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅବକାରୀ ବିଭାଗ) ଭାସ୍କର ଜ୍ୟୋତି ଶର୍ମାଙ୍କ ସହିତ ଜିଲ୍ଲାପାଳ ମଧୁମିତା ରଥ ଟାଙ୍ଗିଆପଲ୍ଲୀ ଆଶ୍ରମ ବିଦ୍ୟାଳୟ, ଆହାର କେନ୍ଦ୍ର, ଜୋତା ନିର୍ମାଣ ୟୁନିଟ୍, ବହୁ ଉଦ୍ଦେଶ୍ୟ ଭବନ, ଦଶପଲ୍ଲା ଏନଏସି ଅଞ୍ଚଳର ହରିଦାବାଡି ଅଙ୍ଗନବାଡି କେନ୍ଦ୍ର ଓ ଟାକେରା ପାୱାର ସବ୍‌ଷ୍ଟେସନ୍ ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଏହି ପରିଦର୍ଶନ ସମୟରେ ଏଡିଏମ ବିଜୟାନନ୍ଦ ନାୟକ ସିଡିଓ ଲଗ୍ନଜିତ ରାଉତ, ସବ୍-କଲେକ୍ଟର କର୍ଣ୍ଣଦେ୍ୱ ସମାଦାର, ବିଡିଓ ଦଶପଲ୍ଲା, କାର୍ଯ୍ୟନିର୍ବାହୀ ଅଧିକାରୀ ଦଶପଲ୍ଲା, ବି ଇଓ ଦଶପଲ୍ଲା ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପରେ ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପରାହ୍ନ ୪ଘଟିକା ସମୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏଥି ସହିତ ଜିଲ୍ଲପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର,ସିଡିଏମଓ ଡାକ୍ତର ନିଳୀମା ଲାକ୍ରା, ଯୋଗ ଦେଇଥିଲେ । ଏହି ବୈଠକରେ ପ୍ରମୁଖ ଶାସନ ସଚିବ ବିଭିନ୍ନ ବିଭାଗର ଅଧିକାରୀମାନଙ୍କର କାର୍ଯ୍ୟାଳୟର ସମୀକ୍ଷା କରିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ କାର୍ଡ ଏବଂ ହିତାଧିକାରୀମାନଙ୍କ କଥା ପଚାରି ବୁଝିଥିଲେ । ଏହା ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ/ ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ-୧ ଏବଂ ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ-୨ଙ୍କୁ ରାସ୍ତାର ସମ୍ପ୍ରସାରଣ ବିଷୟରେ, ଛାମୁଣ୍ଡିଆ ରାସ୍ତା ବିଷୟରେ ପଚାରି ବୁଝିଥିଲେ । ରିପୋର୍ଟ ସନ୍ଧ୍ୟା ସୁଦ୍ଧା ମାଗିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସି.ଏମ୍-ବାଇ ସାଇକେଲ, ମଧ୍ୟାହ୍ନ ଭୋଜନ,ଡ୍ରପ ଆଉଟ୍ ପିଲାମାନଙ୍କ କଥା ପଚାରି ବୁଝିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ/ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ତାଗିଦ୍ କରିଥିଲେ । ବିଦ୍ୟୁତ୍ ବିଭାଗ, ଯୋଗାଣ ବିଭାଗ, କୃଷି ଓ ମତ୍ସ୍ୟ ଚାଷ ଉପରେ ସମୀକ୍ଷା କରିଥିଲେ ।

## ଶ୍ରୀରାମ ନବମୀ ଯାତ୍ରାର ତୃତୀୟ ସନ୍ଧ୍ୟାରେ ଅହଲ୍ୟା ଉଦ୍ଧାରଣ ବେଶ



**ଓଡ଼ଗାଁ,୨୯୩/ଏନ୍‌ଏନ୍‌ଏସ୍:** ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ରାମ ନବମୀ ଯାତ୍ରାର ରବିବାର ତୃତୀୟ ସନ୍ଧ୍ୟାରେ ପ୍ରଭୁ ପାଶାଣୀ ଅହଲ୍ୟା ଉଦ୍ଧାରଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ରାମାୟଣ କଥାବସ୍ତୁ ଅନୁସାରେ ଦିନେ ଏ ଅରଣ୍ୟ ଥିଲା ମହାମୁନି ଗୌତମଙ୍କ ଆଶ୍ରମ । ଅହଲ୍ୟା ଥିଲେ ତାଙ୍କ ଧର୍ମପତ୍ନୀ । କମଳା ନୟନା, କୋମଳାଙ୍ଗି ଓ ଅନିନ୍ଦ୍ୟ ସୁନ୍ଦରୀ । ଦିନକର ଘଟଣା ଅହଲ୍ୟାଙ୍କୁ ଉପଭୋଗ କରିବାର ବାସନା ଜାଗ୍ରତ ହୋଇଥିଲା ରାଜା ଇନ୍ଦ୍ରଙ୍କର । ଗୌତମ ମୁନିଙ୍କ ଅନୁପସ୍ଥିରେ ଗୌତମ ଛଦ୍ମ ରୂପରେ ଆସି ଅହଲ୍ୟାଙ୍କୁ ମନଭରି ଉପଭୋଗ କରି ଚାଲିଯିବାବେଳେ ଅହଲ୍ୟା ଜାଣି ପାରିଥିଲେ କାମୁକ ଇନ୍ଦ୍ରଙ୍କ ଚରିତ୍ରକୁ । ଛଦ୍ମବେଶୀ ଇନ୍ଦ୍ରଙ୍କ ଏ ପାଶବିକ ଆଚରଣ କ୍ଷୁବ୍ଧ କରିଥିଲା ତାଙ୍କୁ । ନିଜକୁ ଧିକାର କଲେ ଓ କାମୁକ ଇନ୍ଦ୍ରଙ୍କୁ ଯଥା ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯିବାକୁ କହିଲେ । କାମୁକ ଇନ୍ଦ୍ର ତରତରରେ ଚାଲିଯିବା ସମୟରେ ଗୌତମ ମୁନି ଏ ସବୁ ଘଟଣା ତପବଳରେ ଜାଣିପାରିଲେ ।ଗୌତମ ମୁନିଙ୍କ ରୂପରେ ଲୁଟି ନେଇଛନ୍ତି ଅହଲ୍ୟାଙ୍କ ଶରୀର । କ୍ରୋଧରେ ବଶୀଭୂତ ହୋଇ ଅଭିଶାପ ଦେଲେ ଇନ୍ଦ୍ରଙ୍କୁ । ଯେ ସମଗ୍ର ଶରୀର ଯୋନିମୟ ହୋଇଯାଉ ।ପୁଣି ଆହଲ୍ୟାଙ୍କୁ ପାଷାଣ ରୂପରେ ଏହି ସ୍ଥାନରେ ପଡି ରହିବାକୁ କଠୋର ଅଭିଶାପ ଦେଲେ ।ମୁକ୍ତିର ପଥପାଇଁ କାକୁତି ବିନୟ ହେଲେ ଅହଲ୍ୟା । ଗୌତମ ମୁନି ଅଭୟକଲେ ଯେତେବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ବନଗମନରେ ଏ ଭୂମିକୁ ଆସିବେ ତାଙ୍କ ପାଦସ୍ପର୍ଶ ଯେତେବେଳେ ପାଷାଣରେ ଥାପିବେ ସେହିଦିନହିଁ ତୁମକୁ ମୁକ୍ତି ମିଳିବ । ସେହି ସୁଦିନ ବନଗମନ ସମୟରେ ପ୍ରଭୁ ଶ୍ରୀରାମ ଆସୁଥିବାବେଳେ ଋଷି ବିଶ୍ୱାମିତ୍ରଙ୍କ ଅନୁରୋଧକ୍ରମେ ପଥରରେ ପାଶାଣି ହୋଇ ପଡିଥିବା ଅହଲ୍ୟାଙ୍କୁ ଦେଖାଇଥିଲେ ।ପ୍ରଭୁ ଶ୍ରୀରାମଙ୍କ ପାଦ ସ୍ପର୍ଶରେ ଅହଲ୍ୟା ଶାପମୁକ୍ତ ହୋଇଥିଲେ । ଅହଲ୍ୟା ଉଦ୍ଧାର ପରେ ପ୍ରଭୁଙ୍କୁ ବେନିକର ଯୋଡ଼ି କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରଭୁ ଶ୍ରୀରାମଙ୍କ ଏହି ଅବତାର ବେଶ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସୋମବାର ଗଙ୍ଗାପାର ବେଶ ଅନୁଷ୍ଠିତ ହେବବୋଲି ସୂଚନା ମିଳିଛି ।

## ରାମଲୀଳାର ତୃତୀୟ ସନ୍ଧ୍ୟାରେ ସୀତା ବିବାହ ଓ ପର୍ଶୁରାମ ଭେଟ



**ମୁଣ୍ଡମୁହାଣ,୨୯୩/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିଚରିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି । ଆଜି ତୃତୀୟ ସନ୍ଧ୍ୟାରେ ସୀତା ବିବାହ ଓ ପର୍ଶୁରାମ ଭେଟ ଦୃଶ୍ୟ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଥିଲା, ପ୍ରଭୁ ଶ୍ରୀରାମ ଶିବଧନୁ ଭଗ୍ନ କରନ୍ତି ଓ ସତୀ ସୀତା ସଖୀ ମାନଙ୍କ ଗ୍ରହଣରେ ଆସି ଶ୍ରୀରାମ ବରଣ ମାଳା ଦିଅନ୍ତି । ଏଭଳି ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିବା ବେଳେ ଏହାକୁ ଦେଖିବାକୁ ମୁଖ୍ୟ ମଞ୍ଚରେ ବହୁ ଜନସମାଗମ ହୋଇଥିଲା, ନାଟକରେ ବିଭିନ୍ନ ଭୂମିକାରେ, ବିଜୟ ବାରିକ (ରାମ), ବିଚିତ୍ର ପରିଡା (ସୀତା), ସୁନୀଲ୍ ମଙ୍ଗରାଜ (ଲକ୍ଷ୍ମଣ), ରବିନ୍ଦ୍ର ବାରିକ (ବିଶ୍ୱାମିତ୍ର, ପର୍ଶୁରାମ), ଦାଶରଥୀ ସ୍ୱାଇଁ (ଦଶରଥ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବାବେଳେ ବହୁଭକ୍ତମାନେ ରଘୁନାଥଙ୍କ ଦର୍ଶନ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।

## ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ




**ବାଣପୁର,୨୯୩/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ-ବାଣପୁର ରୋଡସ୍ଥିତ ପଦନପୁର ଛକ ନିକଟସ୍ଥ ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ୨୫ତମ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ପୂର୍ବାହ୍ନରେ ବିଦ୍ୟାଳୟ ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଅନଙ୍ଗଭୀମ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ,ସମ୍ମାନୀତ ଅତିଥି ଭାବେ ଯୁବ ସାମ୍ବାଦିକ ଅଜିତ କୁମାର ସାହୁ,ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁନିଲ୍ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।ଅତିଥି ଗହଣରେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସହକାରୀ ଶିକ୍ଷୟ ପବିତ୍ର ମୋହନ ଦାସ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ସ୍ୱାଧୀନ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ସମ୍ଭାବନା' ଅତିଥି ଗହଣରେ ଉନ୍ମୋଚନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ଗହଣରେ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନ ବିଦ୍ୟାଳୟ ସଭାପତି ଅନଙ୍ଗଭୀମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଭାଜପା ନଗର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



**ବୋଲଗଡ଼,୨୯୩/ଏନ୍‌ଏନ୍‌ଏସ୍:** ବୋଲଗଡ଼ ସଦର ପଂଚାୟତସ୍ଥିତ ଅଘୋଷିତ ପର୍ଯ୍ୟଟନ ସ୍ଥଳ ମା'ଭୁଇଁଆଣି ପୀଠ ଠାରେ ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ବୋଲଗଡ଼ ବ୍ଲକ ନବ ନିଯୁକ୍ତ କଂଗ୍ରେସ ସଭାପତି ରମାକାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ଉପସଭାପତି ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ରାଜ୍ୟ ଅଧୁନା ରାଜ୍ୟ ସରକାରଙ୍କ ସମେତ ବିଗତ ବିଜେଡି ସରକାର ଉପରେ ଗର୍ଜି ଥିଲେ ଓ ଆସନ୍ତା ପଂଚାୟତରାଜ ନିର୍ବାଚନରେ କଂଗ୍ରେସର ଦୁର୍ଗ ଭାବେ ପରିଚୟ ରହିଆସିଥିବା ବେଗୁନିଆ- ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସଫଳତା ପାଇଁ ବୁଥ ୱାରି କଠିନ ପରିଶ୍ରମ କରିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି କର୍ମୀ ମାନଙ୍କ ମନରେ ରହି ଆସିଥିବା ଅତୀତର ରୋଷ ଅଭିମାନକୁ ଭୁଲି ଯାଇ, ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ଥିଲେ । କର୍ମୀ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଅସରଳା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ନଟବର ପାଣ୍ଡେ ଯୋଗଦେଇ ମନ ମାଳିନ ଭୁଲି ଯାଇ କଂଗ୍ରେସକୁ ତୃଣମୂଳ ସ୍ତରରୁ ଶକ୍ତ କରିବାକୁ କର୍ମୀ ମାନଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ସାନପଦର ପ୍ରାକ୍ତନ ସରପଞ୍ଚ ରଘୁନାଥ ସାହୁ, ମାଧବ ଚନ୍ଦ୍ର ବିଶ୍ୱାଳ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ଉପ ସଭାପତି ସୁଧାଂଶୁ ସୁବୁଦ୍ଧି, ପ୍ରାକ୍ତନ ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, କଲ୍କୀସେନା ସଭାପତି ସର୍ବେଶ୍ୱର ମାର୍ଥା ଓ ଯୁବ ଇଂଜିନିୟର ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବ୍ଲକ ତଥା ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ କର୍ମୀ ମାନଙ୍କୁ ଦୋହରାଇ ଥିଲେ । ବିଶେଷ ନିମନ୍ତ୍ରିତ ସଂମ୍ମାନୀତ ଅତିଥି ରୂପେ ସତ୍ୟଜିତ ପଟ୍ଟନାୟକ ଯୋଗଦେଇ ଥିଲେ । ବ୍ଲକର ୧୯ଗୋଟି ପଞ୍ଚାୟତରୁ ଅନେକ କର୍ମୀ ଯୋଗଦେଇ ଦଳକୁ ବିଜୟୀ କରାଇବାକୁ ଶପଥ ନେଇଥିଲେ । ଏଥିରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗଦାଧର ଚମ୍ପତି ସଂଯୋଜନା କରିଥିଲେ । ନିର୍ବାଚନୀମଣ୍ଡଳୀ ସ୍ତରୀୟ ସମ୍ପାଦକ ନିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

**ପୁଲିସ ସଚେତନତାକୁ ମାନୁନାହାନ୍ତି ଲୋକେ**

## ରାମନବମୀ ଭିଡ଼ରେ ୧୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ଗହଣା ଚୋରି

**ଓଡ଼ଗାଁ,୨୯୩/ଏନ୍‌ଏନ୍‌ଏସ୍:** ଓଡ଼ଗାଁର ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ଖଚାଖଚ ଭିଡ଼ ଭିତରେ ୧୦ରୁ ଅଧିକ ମହିଳାଙ୍କ ସୁନାଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସକୁ ଚକମା ଦେଇ ଲୁଟେରାମାନେ ଖସିଯିବାରେ ସଫଳ ହୋଇଛନ୍ତି । ସୂଚନା ଅନୁଯାୟୀ ରାମନବମୀର ପ୍ରଥମଦିନରେ ପ୍ରଭୁଙ୍କ ରାମଜନ୍ମ ବିଧି ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଜନ୍ମ ନାରାୟଣ ବେଶରେ ପ୍ରଭୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ପ୍ରଭୁଙ୍କ ଅପୂର୍ବ ଲୀଳା ଦେଖିବାକୁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ଭିଡ଼ଭିତରେ ଲୁଟେରା ଗ୍ୟାଙ୍ଗ ମହିଳାମାନଙ୍କୁ ଟାଗେର୍ଟ କରିଥିଲେ । ବେକ ଓ କାନରେ ପିନ୍ଧିଥିବା ସୁନା ଗହଣାକୁ ଅତି ଚତୁରତାର ସହିତ ନେଇ ଯାଇଥିଲେ । ଏପରି ୧୦ରୁ ଅଧିକ ମହିଳା ଲୁଟ୍‌ର ଶିକାରହୋଇ ଓଡ଼ଗାଁ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ଗତ ଦୁଇବର୍ଷ ତଳେ ସମାନ ତରିକାରେ ଏହିଗ୍ୟାଙ୍ଗ ପଶି ମହିଳାଙ୍କ ସୁନାଗହଣା ନେଇଯାଇଥିବା ବେଳେ ଏବେ ପୁଣି ମହିଳାଙ୍କୁ ଟାର୍ଗେଟ୍ କରି ଲୁଟି ନେଇଛନ୍ତି । ପାଖାପାଖି ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଚୋରି ଯାଇଥିବା ଅନୁମାନ କରାଯାଉଛି । ଏପଟେ ଓଡ଼ଗାଁ ଏନ୍‌ଏସି ଓ ଥାନାପକ୍ଷରୁ ଜନସାଧାରଣଙ୍କୁ ସୁନା ଅଳଙ୍କାର ପିନ୍ଧିବା ଉପରେ ବାରଣ କରାଯାଇଥିଲେ ମଧ ମହିଳାମାନେ ଅଳଙ୍କାର ପିନ୍ଧି ଯାତ୍ରାକୁ ଆସିଥିବାରୁ ଏଭଳି ଅଘଟଣ ଘଟିଲାବୋଲି ଆଲୋଚନା ହେଉଛି । ଅନ୍ୟପଟେ ମନ୍ଦିରର ସିସିଟିଭିକୁ ଯାଞ୍ଚକରି ଅପରାଧୀଙ୍କୁ ଧରିବାକୁ ଉଦ୍ୟମ କରା ଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଲଙ୍କାପୋଡ଼ି ଯାତ୍ରାର ତୃତୀୟ ଦିବସରେ ପର୍ଶୁରାମ ଭେଟ



**ଦଶପଲ୍ଲା,୨୯୩/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ତୃତୀୟ ଦିବସରେ ସୀତାବିବାହ ପରେ ପର୍ଶୁ ରାମ ଭେଟ ନାଟକ ମୁଖ୍ୟମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି । ଶ୍ରୀରାମଙ୍କ ଧନୁ ଭଗ୍ନ ପରେ ମିଥୁଳା ଯାଇ ସୀତାଙ୍କୁ ବରଣ ମାଳା ପ୍ରଦାନ କରନ୍ତି । ରାଜା ଜନକ ଏଥିରେ ଆନନ୍ଦିତ ହୋଇ ଅଯୋଧ୍ୟାକୁ ଦୂତ ପ୍ରେରଣ କରନ୍ତି । ରାଜା ଦଶରଥ ଆପଣା ର ସମସ୍ତ ପୁତ୍ର ଓ ପାରିଷଦ ବର୍ଗଙ୍କ ସହିତ ମିଥୁଳା ଗମନ କରନ୍ତି ଛ ରାମ ଲକ୍ଷ୍ମଣ ଭରତ ଶତ୍ରୁଘନ ଚାରି ଭାଇଙ୍କର ସିତା, ଉର୍ମିଳା, ମାଳିନୀ ଓ ସୁକୀର୍ତି ଆଦି ଚାରିଭଉଣୀଙ୍କ ସହ ଅନୁଷ୍ଠିତ ହୁଏ । ବିବାହ ପରେ ବିରବାଦ୍ୟ ବଜାଇ ଅଯୋଧ୍ୟା ରାଜା ଦଶରଥ ପୁତ୍ର ଓ ପୁତ୍ରବଧୂ ମାନଙ୍କୁ ସାଥିରେ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟରେ କ୍ଷତ୍ରିୟବୀର ପର୍ଶୁରାମ ପଥ ରୋଧ କରି ରାମଚନ୍ଦ୍ର ଓ ଦଶରଥଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହୁଅନ୍ତି ମାତ୍ର ରାମଚନ୍ଦ୍ରଙ୍କ ମଧୁର କଥାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପର୍ଶୁରାମ ଧରିଥିବା ବୈଷ୍ଣବୀ ଧନୁରେ ଗୁଣଦେଇ ଶ୍ରୀ ଶ୍ରୀରାମଙ୍କୁ ପରୀକ୍ଷା ଦେବାକୁ କୁହନ୍ତି । ପରେ ପ୍ରଭୁ ଶ୍ରୀରାମଙ୍କୁ ପର୍ଶୁରାମ ବିଷ୍ଣୁ ଜାଣିପାରି ନିଜର ଧନୁକୁ ଶ୍ରୀରାମଙ୍କୁ ଦେଇ ତପସ୍ୟା କରିବାକୁ ଚାଲି ଯାଆନ୍ତି । ଏଭଳି ଦୃଶ୍ୟ ଉପସ୍ଥିତ ଦର୍ଶକମାନଙ୍କ ମନମୁଗ୍ଧ କରିଥିବାବେଳେ ଠାକୁରଙ୍କ ନୀତି ନିୟମ ଅନୁଯାୟୀ ବିବାହ ମଣ୍ଡପରେ ପ୍ରଭୁ ଶ୍ରୀ ରାମ ଲକ୍ଷ୍ମଣ, ଭରତ ଓ ଶତ୍ରୁଘନଙ୍କ ବିବାହ ବିବାହମଣ୍ଡପରେ ଅନୁଷ୍ଠିତ ହୋଇଥିଲା ।

## ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନରେ ଯୋଗଦେଲେ ଆଇନ ମନ୍ତ୍ରୀ



**ବାଣପୁର,୨୯୩/ଏନ୍‌ଏନ୍‌ଏସ୍:** ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ସ୍ଥିତ କୃତ୍ତିବାସ କଲ୍ୟାଣ ମଣ୍ଡପଠାରେ ବାଣପୁର ନଗର ମଣ୍ଡଳ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ର ମଣ୍ଡଳ ପ୍ରଶିକ୍ଷଣ ବର୍ଗରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବୋଧିତ କରିଛନ୍ତି । ଭାରତୀୟ ଜନତା ପାର୍ଟି ସଦା ରାଷ୍ଟ୍ର ପ୍ରଥମ ନୀତିକୁ ଆପଣାଇ ରାଷ୍ଟ୍ରନିର୍ମାଣ ଦିଗରେ ଅବିରତ କାର୍ଯ୍ୟରତ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ 'ଅନ୍ତ୍ୟୋଦୟ' ଓ 'ଏକାତ୍ମ ମାନବବାଦ' ସିଦ୍ଧାନ୍ତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ରକୁ ପାଥେୟ କରି ରାଜ୍ୟରେ ବିଜେପି ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱରେ ଗରିବ, ଦଳିତ, ବଞ୍ଚିତ, ଶୋଷିତ ଓ ନିଷ୍ପେସିତ ଶ୍ରେଣୀଙ୍କ ଉନ୍ନତି ଓ ସମାଜର ମୁଖ୍ୟସ୍ରୋତରେ ସମାବେଶ ପାଇଁ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛି । ଏହି ଶିବିର ମାଧ୍ୟମରେ ସଂଗଠନର ମୂଲ୍ୟବୋଧ, ନୀତି ଓ କାର୍ଯ୍ୟପଦ୍ଧତି ବିଷୟରେ ବିସ୍ତୃତ ଚର୍ଚ୍ଚା ହେବା ସହିତ କାର୍ଯ୍ୟକର୍ତ୍ତାମାନଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲା ସହ ସଂଯୋଜକ ତଥା ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚ଼ନ୍ଦନ, ବାଣପୁର ନଗର ମଣ୍ଡଳ ଭାଜପା ପ୍ରଭାରୀ ରାଜକିଶୋର ପଣ୍ଡା, ବାଣପୁର ନଗର ମଣ୍ଡଳ ଭାଜପା ସଭାପତି ସଚିନ୍ କୁମାର ଷଡ଼ଙ୍ଗୀ, ସଂଗଠକ ନନ୍ଦ କିଶୋର ମିଶ୍ର, ପୂର୍ବତନ ନଗରପାଳ ସହଦେବ ନାୟକ, ବରିଷ୍ଠ କାର୍ଯ୍ୟକର୍ତା ଭଗବାନ ପ୍ରଧାନଙ୍କ ସମେତ ମଣ୍ଡଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଫୁଲନଖରା,୨୯୩/ଏନ୍‌ଏନ୍‌ଏସ୍:** ସଦର ବ୍ଲକ ଉରାଳୀ ପଞ୍ଚାୟତ ଅନ୍ତର୍ଗତ ନଛିପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୪ତମ ବାର୍ଷିକ ସାଂସ୍କୃତିକ ଓ ପୁରସ୍କାର ବିତରଣ ଉତ୍ସବ ନିକଟସ୍ଥ ବଢ଼େଇସାହିସ୍ଥିତ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଅମାନଚରଣ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସୂଚନା କମିସନ କଳ୍ପନା ପଟ୍ଟ ନାୟକ ମୁଖ୍ୟ ଅତିଥି, ଦଧିଚି କଲେଜ ଚେୟାରମ୍ୟାନ ଡଃ.ମନୋଜକୁମାର ଦାଶ ଉଦଘାଟକ, ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା ଏବଂ ସଇନ୍ଧା କ୍ଲଷ୍ଟର ସିଆରସିସି ସନ୍ତୋଷ କୁମାର ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଆଇନଜୀବୀ ଛବି ବେହେରା, ସ୍ୱାଧୀନଚେତା ମହାନ୍ତି, ପତଞ୍ଜଳି ଯୋଗ ସମିତି କଟକ ଜିଲା ସଭାପତି ଶିଶିର ଜେନା ଓ ବିଦ୍ୟା ବିକାଶ ସମିତି ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ସୁଗୁଣାବଳୀର ପରିପ୍ରକାଶରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ନିମାଇଁଚରଣ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସମସ୍ତ ସହକାରୀ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସହଯୋଗ କରିଥିଲେ । ଶେଷରେ ଶିକ୍ଷାର୍ଥୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ନାଟିକା 'ବିଦ୍ୟାଦାତ୍ରୀ ମା ସରସ୍ୱତୀ' ପରିବେଷଣ ହୋଇଥିଲା ।

## ଶ୍ରୀରାମ ନବମୀରେ ବିଶ୍ୱ ହିନ୍ଦୁ ପରିଷଦର ବିଶାଳ ରାଲି



**ଚିଲିକା,୨୯୩/ଏନ୍‌ଏନ୍‌ଏସ୍:** ଚିଲିକା ନିର୍ବାଚନ ମଣ୍ଡଳୀରେ ବିଶ୍ୱହିନ୍ଦୁ ପରିଷଦ ବାଣପୁର ପ୍ରଖଣ୍ଡ ତରଫରୁ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଜନ୍ମ ମହୋତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନାଚୁଣୀ ଅଞ୍ଚଳର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା । ପ୍ରତ୍ୟେକ ଶ୍ରୀରାମଙ୍କ ମନ୍ଦିରରେ ହୋମ, ଯଜ୍ଞ ଓ ଅଭିଷେକ ଇତ୍ୟାଦି ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ସ୍ଥାନୀୟ ଯୁବକଙ୍କୁ ନେଇ ଆୟୋଜନ କରାଯାଇଥିଲା । ଶୋଭାଯାତ୍ରାରେ ରାମଲାଲାଙ୍କ ବିଗ୍ରହ ଶୋଭିତ ଏକ ରଥ ପରିକ୍ରମା କରିଥିଲା । ସ୍ଥାନୀୟ ସଲପଡ଼ିହି ସ୍ଥିତ ବିଜେ ମା' ପାଣ୍ଡବାଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରୁ ୨୦୦ରୁ ଉର୍ଦ୍ଧ ମୋଟରସାଇକଲରେ ପ୍ରାୟ ୩୦୦ ରାମଭକ୍ତ ପାଣ୍ଡବଶୁଣୀ ମନ୍ଦିରରୁ ବାହାରି ସଲପଡ଼ି, ଲୋକିପୁର, ନାଚୁଣୀ , ସୁନାଖଳା, ଜୀବଦେଇପୁର, କୁଲେଇ, ଭାଟପଡା, ଗମ୍ଭାରୀମୁଣ୍ଡା ଓ ଆୟତପୁର ଦେଇ ଦେଓଗାଁସ୍ଥ ପଥରା ରାଧାକାନ୍ତଦେବ ମନ୍ଦିର ଠାରେ ଶୋଭାଯାତ୍ରାର ସମାପନ ହୋଇଥିଲ । ରଥକୁ ପ୍ରତି ଗ୍ରାମରେ ମା' ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ବନ୍ଦାପନା କରାଯାଇଥିଲା ଓ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ଉଠିଥିଲା କ୍ଷଶୋଭାଯାତ୍ରାଟି ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଙ୍କ ପ୍ରତ୍ୟକ୍ଷ ସହଯୋଗରେ ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଥିଲା । ଶୋଭାଯାତ୍ରାକୁ ବିଶ୍ୱହିନ୍ଦୁ ପରିଷଦ ଚିଲିକା- ବାଣପୁର ପ୍ରଖଣ୍ଡ ସମ୍ପାଦକ ନିଶିରଞ୍ଜନ ବଳବନ୍ତରାୟ, ବଜରଙ୍ଗ ଦଳ ବାଣପୁର ପ୍ରଖଣ୍ଡ ସହ-ସଂଯୋଜକ ସାଇ ଅମିତ ମହାପାତ୍ର, ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ସହ ସଂଯୋଜକ ଜିତେନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ହରିପୁର ମଣ୍ଡଳ ପ୍ରମୁଖ ଦୀପକ କୁମାର ରଣା, ଭାରତୀୟ ଜନତା ଯୁବ ମୋର୍ଚ୍ଚା ପ୍ରତାପେଶ୍ୱର ମଣ୍ଡଳ ସଭାପତି ଗଣେଶ ପ୍ରସାଦ ଜେନା, ସାଇ ସୋମନାଥ ଦଳାଇ, ମାନସ ସାହୁ, ବୁବୁ ବରାଳ, ଦୀପୁ ପ୍ରଧାନ, ବ୍ରହ୍ମାନନ୍ଦ ସାମନ୍ତସିଂହାର, ଆଲୋକ ପାଇକରାୟ, ସୋମନାଥ ସାମନ୍ତରାୟ, ଅମିତ ବେହେରା, ରାଜା ପ୍ରଧାନ ଓ ରାକେଶ ଛାଟୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଏସ୍‌ଏଫ୍‌ଆଇ ପକ୍ଷରୁ ସେମିନାର୍




**ବାଲେଶ୍ୱର, ୨୯।୩/ଏନ୍‌ଏନ୍‌ଏସ୍:** ଭାରତର ଛାତ୍ର ଫେଡେରେସନ୍ (ଏସ୍‌ଏଫ୍‌ଆଇ) ପକ୍ଷରୁ 'ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ' ଶୀର୍ଷକ ଏକ ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରେମୁଣା ଡିଗ୍ରୀ କଲେଜର ଛାତ୍ରୀ ରଶ୍ମିରେଖା ମାହାର୍ଣ୍ଣା ସଭାପତିତ୍ୱ କରିଥିଲେ। ଏସ୍‌ଏଫ୍‌ଆଇ ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଙ୍କଟ ଉପରେ ଚିନ୍ତା ପ୍ରକଟ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ପ୍ରଫେସର୍ ସୁରେନ୍ଦ୍ର କୁମାର ଜେନା କହିଥିଲେ ଯେ ଉଦାରବାଦ ଅର୍ଥନୀତି ଯୋଗୁ ବେକାରୀ ହାର ବଢ଼ିବା ସହ ଆୟର ଅସମାନତା ବଢ଼ିଛି। ସାମ୍ପ୍ରଦାୟିକ ରାଜନୀତିର ଯେଉଁ କରାଳ ରୂପ ଦେଖାଦେଇଛି ସେଥିରେ ଆମେ କେହି ବି ସୁରକ୍ଷିତ ନୁହନ୍ତି। ତେଣୁ ଛାତ୍ର ଓ ଯୁବ ସମାଜ ଏକଜୁଟ୍ ହୋଇ ଏହି ପୁଞ୍ଜିବାଦୀ ଶୋଷଣ ଓ ସାମ୍ପ୍ରଦାୟିକ ରାଜନୀତି ବିରୋଧରେ ସଂଗ୍ରାମକୁ ଜାରି ରଖିବାକୁଶ୍ରୀ ଜେନା ପରାମର୍ଶ ଦେଇଥିଲେ। ଏସ୍‌ଏଫ୍‌ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ଛାତ୍ରଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବୈଜ୍ଞାନିକ ଓ ପ୍ରଗତିଶୀଳ ଚିନ୍ତାଧାରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିରେ ଏସ୍‌ଏଫ୍‌ଆଇ ରାଜ୍ୟ ସଭାପତି ଚନ୍ଦନ କାମିଲା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଭ୍ୟ ଅଭିଲାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ପ୍ରମୋଥ ପ୍ରାମାଣିକ, ଅରବିନ୍ଦ ମହାପାତ୍ର, ସୌରଭ ସାହୁ, ଅରୂପ ଦାସ, ମହେଶ୍ୱର ଚାନ୍ଦ, ବିଶ୍ୱଜିତ ଗିରି, ଶିବଶଙ୍କର ମହାନ୍ତି, ଅକ୍ଷୟ ବାରିକ, ଯୁବରାଜ ମହାନ୍ତି, ରାମଚନ୍ଦ୍ର ମଣ୍ଡଳ ଓ କ୍ରିଷ୍ଣାନ୍ଦୁ ସାହୁ ସମେତ କମିଟିର ବହୁ ସଂଗ୍ରାମୀ ସାଥୀ ଏହି ଆଲୋଚନାରେ ଭାଗ ନେଇଥିଲେ।

## ମାଣତ୍ରୀରେ ରାମନବମୀ ଉତ୍ସବ

**ସୋର, ୨୯।୩/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ଅନ୍ତର୍ଗତ ମାଣତ୍ରୀ ହନୁମାନ ମନ୍ଦିରରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀରାମ ସେନା ଓ ହନୁମାନ ମନ୍ଦିର କମିଟିର ମିଳିତ ସହଯୋଗରେ ସର୍ବପ୍ରଥମେ ସ୍ୱଚ୍ଛ ଭାରତ ଅଭିଯାନ କରାଯାଇ ମନ୍ଦିର ସ୍ୱଚ୍ଛତା ଉପରେ ବାର୍ତ୍ତା ଦିଆଯାଇଥିଲା। ପରେ ରାମନାମ ଓ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀମାନେ ଆଧ୍ୟାତ୍ମିକ ଭଜନ ଓ ରାମାୟଣ ସମ୍ବନ୍ଧୀୟ କୁଇଜ୍‌ରେ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ବକ୍ତାମାନେ ହିନ୍ଦୁ ସନାତନ ଧର୍ମର ସୁରକ୍ଷା, ଭଗବାନ୍ ଶ୍ରୀରାମଙ୍କ ମହିମା ଓ ଧାର୍ମିକ ଚେତନା ବିଷୟରେ ମତ ରଖିଥିଲେ। ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ଓ ପବନପୁତ୍ର ହନୁମାନଙ୍କ ପୂଜା ଓ ଯଜ୍ଞ ଆଦି ସରିବା ପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶ୍ରୀରାମ ନବମୀ ମହୋତ୍ସବକୁ ସୁନ୍ଦର ଭାବେ ସଫଳ କରିଥିବାରୁ ମନ୍ଦିର କମିଟି ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ



**ସୋର, ୨୯।୩/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ମହାନ୍ତିପଡ଼ା ଶ୍ରୀଅରବିନ୍ଦ ସାଧନାକେନ୍ଦ୍ରରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ସଂଗଠିକା ଅତସୀ କରଙ୍କ ପରିଚାଳନାରେ ସାଧନାକେନ୍ଦ୍ରର ବରିଷ୍ଠ ସଦସ୍ୟ କାର୍ତ୍ତିକ ଭାଇ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଶ୍ରୀଅରବିନ୍ଦ ପାଠଚକ୍ର ବିଭାଗର ସଂଗଠକ କ୍ଷିରୋଦ ଚନ୍ଦ୍ର ଘୋଡ଼ା ବାଟବଣା ସମାଜ ପାଇଁ ଶ୍ରୀ ଅରବିନ୍ଦ ପାଠଚକ୍ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମହିଳା ସଂଗଠିକା ତାପସୀ ରାଣୀ ଦାସ ଶ୍ରୀଅରବିନ୍ଦ ଓ ଦିବ୍ୟ ସମାଜ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ନାମଜପ ଏବଂ ଯାହା ଶିଖୁଛନ୍ତି ତାହାକୁ ଜୀବନରେ ପ୍ରୟୋଗ କରିବା ଦ୍ୱାରା ଦିବ୍ୟ ସମାଜ ସମ୍ଭବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପାଠଚକ୍ର ଗୃହର ଉପର ମହଲାର ଉଦ୍‌ଘାଟନ କରିବା ସହ ଶ୍ରୀଅରବିନ୍ଦ ପାଠଚକ୍ର ମଣିଷ ଭିତରେ ଆଧ୍ୟାତ୍ମିକ ବିକାଶ କରିପାରିବ ବୋଲି ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଚେୟାରମ୍ୟାନ୍ ଓ ସ୍ଥାନୀୟ ସରପଞ୍ଚ ମଧ୍ୟ ସମ୍ମିଳନୀରେ ଉପସ୍ଥିତ ରହିବା ସହ ଅନୁଷ୍ଠାନର ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ୧୨ଟି ବ୍ଲକ୍‌ର ସଂଗଠକ ଭାଇଭଉଣୀମାନେ ସାଂଗଠନିକ ବିବରଣୀ ପ୍ରଦାନ କରିଥିଲେ। ପରେ ମା'ଙ୍କ ଅର୍ଗାନ୍ ମ୍ୟୁଜିକ୍ ସହିତ ନିରବ ଧ୍ୟାନ କରି ସଭା କାର୍ଯ୍ୟ ଶେଷ ହୋଇଥିଲା। ଏହି ସମ୍ମିଳନୀରେ ୧୨୦ରୁ ଅଧିକ ମାତୃପ୍ରେମୀ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଗଠକ ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରାସ୍ତା ଉପରେ ଧାନ ରଖି ଚାଷୀଙ୍କ ଆନ୍ଦୋଳନ



**ଭଣ୍ଡାରିପୋଖରୀ, ୨୯।୩/ଏନ୍‌ଏନ୍‌ଏସ୍:** ଭଣ୍ଡାରିପୋଖରୀ ବ୍ଲକ୍‌ର ମଣୀନାଥପୁର ପୂର୍ତ୍ତ ବିଭାଗ ରାସ୍ତା ଉପରେ ଚାଷୀମାନେ ବସ୍ତା ବସ୍ତା ଧାନ ରଖି ଆନ୍ଦୋଳନ କରିଛନ୍ତି। ସରକାରଙ୍କ ନିୟମାନୁଯାୟୀ ଧାନ ବିକ୍ରି କରିବା ପାଇଁ ଆଉ ମାତ୍ର ଦୁଇ ଦିନ ଥିବାବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମଣ୍ଡିଙ୍କ ପାଖରେ ଚାଷୀ ସୁରକ୍ଷିତରେ ଧାନ ରଖିବା ପାଇଁ ଜାଗାଟିଏ ନାହିଁ ଏବଂ ବର୍ଷା ହେଲେ ଚାଷୀର ଧାନ ଗଜା ହେଇଯାଉଛି। ଚାଷୀମାନେ ମଣ୍ଡି ପରିଚାଳକ ସହ ପରାମର୍ଶ କରିବାରୁ କେତେବେଳେ ମିଲର୍‌ମାନେ ଧାନ ଉଠାଇ ନାହାନ୍ତି ତ ଆଉ କେତେବେଳେ ସରକାରଙ୍କ ଟାର୍ଗେଟ୍ ନାହିଁ ବୋଲି କହୁଛନ୍ତି।

ସରସଦା ପଞ୍ଚାୟତର ଶିରିଡ଼ି ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳକ କହିଛନ୍ତି ଯେ ୩୮ ହଜାର କୁଇଣ୍ଟାଲ୍ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ କରିଥିବାବେଳେ ୩୩ ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇସାରିଛି। କିନ୍ତୁ ୫ ହଜାର କୁଇଣ୍ଟାଲ୍ ଧାନ ବିକ୍ରି ପାଇଁ ସରକାର ଟାର୍ଗେଟ୍ ଦେଉନଥିବା କହିଛନ୍ତି। ସେ ଏଥିନିମନ୍ତେ ଉପରସ୍ଥ ଅଧିକାରୀଙ୍କୁ ଜଣାଇଥିବା ମଧ୍ୟ ମତପ୍ରକାଶ କରିଛନ୍ତି। ଯେଉଁ ଚାଷୀମାନେ ଧାନ ବିକ୍ରି କରିପାରି ନାହାନ୍ତି ମାର୍ଚ୍ଚ ୩୦ ତାରିଖ ଧାନ ବିକ୍ରିର ଶେଷ ଦିନ ହୋଇଥିବାବେଳେ ଚାଷୀ ଟୋକନ୍ ବାତିଲ୍ ହୋଇଯିବା ଭୟରେ ରାସ୍ତା ଉପରେ ବସ୍ତା ବସ୍ତା ଧାନ ରଖି ଆନ୍ଦୋଳନ କରିଛନ୍ତି। ଖବରପାଇ ଭଣ୍ଡାରିପୋଖରୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ଓ ଅତିରିକ୍ତ ତହସିଲଦାର୍‌ଙ୍କ ସମେତ ବ୍ଲକ୍ ଯୋଗାଣ ଅଧିକାରୀ ପହଞ୍ଚି ଚାଷୀଙ୍କୁ ଆନ୍ଦୋଳନ ବାବଦରେ ପଚାରି ବୁଝିଥିଲେ। ଏହାସହ ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ବାର୍ତ୍ତାଳାପ କରି ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଟାର୍ଗେଟ୍ ଦେବେ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଯଦି ସରକାର ଟାର୍ଗେଟ୍ ନ ଦେଇପାରିଲେ ଚାଷୀମାନେ ପୁନର୍ବାର ଆନ୍ଦୋଳନରେ ବସିବେ ବୋଲି ଚାଷୀ ପ୍ରିତସ ରଞ୍ଜନ ନାୟକ ଓ ଗୋଲକ ପାତ୍ରଙ୍କ ସମେତ ଅନ୍ୟ ଚାଷୀମାନେ ମତପ୍ରକାଶ କରିଛନ୍ତି।

### ସ୍କୁଲ୍ ୱାର୍ଡେନ୍ ହତ୍ୟାକାଣ୍ଡ ମାମଲାର ପର୍ଦ୍ଦାଫାଶ୍

## ପ୍ରେମ ବ୍ୟାପାରକୁ ବିରୋଧ କରିବାରୁ ହତ୍ୟା




**ବୈଶିଙ୍ଗା, ୨୯।୩/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅଧୀନରେ ଚଳିତ ମାସ ୨୦ ତାରିଖରେ ଗଡ଼ଦେଉଳିଆରେ ହୋଇଥିବା ସ୍କୁଲ୍ ୱାର୍ଡେନ୍ ହତ୍ୟାକାଣ୍ଡ ମାମଲାର ବୈଶିଙ୍ଗା ପୁଲିସ୍ ପର୍ଦ୍ଦାଫାଶ କରିଛି। ନାବାଳିକା ଛାତ୍ରୀଙ୍କ ସହିତ ପ୍ରେମ ବ୍ୟାପାରକୁ ବିରୋଧ କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ରବିବାର ଗିରଫ ଅଭିଯୁକ୍ତ ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରାଯିବା ସହ ଘଟଣାରେ ଜଡ଼ିତ ଥିବା ଅନ୍ୟଜଣେ ନାବାଳିକକୁ ପୁଲିସ୍ ପଚରାଉଚୁରା ଜାରି ରଖିଛି। ଏନେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଜୟ ବାରିକ ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ପ୍ରେସ୍‌ମିଟ୍ ଅନୁଷ୍ଠିତ ହୋଇଥିଲା। ପୁଲିସ ସୂଚନା ମୁତାବକ ପ୍ରାୟ ଏକ ବର୍ଷ ହେବ ଅଭିଯୁକ୍ତ ସୁକଦେବ ଜେନା ଓରଫ ବାପୁନ (୨୧) ଓ ସନ୍ୟାସୀ ଜେନା ଓରଫ ସୋନୀ (୧୯) ସେହି ବିଦ୍ୟାଳୟର ଜନୈକା ନବମ ଶ୍ରେଣୀ ଛାତ୍ରୀ ପ୍ରେମରେ ପଡ଼ିଥିଲେ। ବିଭିନ୍ନ ସମୟରେ ତାକୁ ଚକଲେଟ୍ ଓ ପ୍ରେମପତ୍ର ଦେବାର ପ୍ରକ୍ରିୟା ମଧ୍ୟ ଜାରି ରଖିଥିଲେ। ଏସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷା ଜାଣିବା ପରେ ଉଭୟ ଅଭିଯୁକ୍ତ ଏବଂ ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଛାତ୍ରୀଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷା ଓ ସମସ୍ତ କର୍ମଚାରୀଗଣ ଅଭିଯୁକ୍ତଙ୍କୁ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିବା ପାଇଁ ମନା ମଧ୍ୟ କରିଥିଲେ। ସର୍ବସମ୍ମୁଖରେ ଗାଳିଗୁଲଜ କରିବାକୁ ନେଇ ଦୁଇ ଭାଇ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ୨୦ ତାରିଖ ଶୁକ୍ରବାର ରାତିରେ ୧୮ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟସ୍ଥ ବାଲିଚିତରୀରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନ୍ ସନ୍ୟାସୀ ଦାସ (୪୭) ବାଇକ୍ ଯୋଗେ ଅଧ୍ୟକ୍ଷା କାଦମ୍ବିନୀ ରାଉତଙ୍କୁ ସାଙ୍ଗରେ ନେଇ କଳମା ଅଭିମୁଖେ ଯାଉଥିଲେ। ସେହି ସମୟରେ ଅଭିଯୁକ୍ତ ଅଧ୍ୟକ୍ଷା ଏବଂ ୱାର୍ଡେନ୍‌ଙ୍କୁ ରାସ୍ତାରେ ଅଟକାଇବା ସହ ଧାରୁଆ ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଧ୍ୟକ୍ଷାଙ୍କୁ ଆକ୍ରମଣ କରୁଥିବାବେଳେ ୱାର୍ଡେନ୍ ସମସ୍ତ ଅଭିଯୁକ୍ତଙ୍କୁ ଗାଡ଼ି ଲାଇଟ୍ ଯୋଗେ ଚିହ୍ନି ନେଇଥିଲେ। ସନ୍ୟାସୀ ଚିହ୍ନା ପିଲା ହୋଇ କାହିଁକି ମାରୁଛ କହି ପ୍ରତିବାଦ କରିବାରୁ ଅଭିଯୁକ୍ତ ସନ୍ୟାସୀଙ୍କ ଗଳାକୁ କାଟିଦେଇ ତାଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ଅଧ୍ୟକ୍ଷା ଜଣକ ଗୁରୁତର ଅବସ୍ଥାରେ ବିଦ୍ୟାଳୟକୁ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସନ୍ୟାସୀଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ଦୁଇ ଅଭିଯୁକ୍ତଙ୍କୁ କ୍ରାଇମ ରିକ୍ରିଏସନ୍ ପରେ କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଏଥିରେ ବ୍ୟବହୃତ ୨ଟି ଛୁରୀ, ପ୍ଲାଷ୍ଟିକ୍ ପାଇପ୍ ଓ ବୁଲେଟ୍ ଗାଡ଼ି ସହ ନଗଦ ୨୮ହଜାର ୮୨୩ ଟଙ୍କା ଜବତ କରିଛି। ପରିବାର ମଧ୍ୟରେ ରୋଜଗାରକ୍ଷମ ବ୍ୟକ୍ତି ସନ୍ୟାସୀଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ସ୍ତ୍ରୀ ଓ ଦୁଇ ଛୁଆ ବେସାହାରା ହୋଇପଡ଼ିଛନ୍ତି।

## ପାରାଦୀପ କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ

### ପ୍ରଥମ ମ୍ୟାଚ୍‌ରେ ଶ୍ରୀରାମ ସ୍ପୋର୍ଟିଂ ବିଜୟୀ




**ପାରାଦୀପ, ୨୯।୩/ଏନ୍‌ଏନ୍‌ଏସ୍:** ପାରାଦୀପ କ୍ରିକେଟ୍ ଲିଗ୍ (ପିସିଏଲ୍) ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଡିକେଟି ଷ୍ଟାର୍ସ ଓ ଶ୍ରୀରାମ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ଶ୍ରୀରାମ ସ୍ପୋର୍ଟିଂ ବୋଲିଂ ନିଷ୍ପତ୍ତି ନେଇଥିଲା। ଡିକେଟି ଷ୍ଟାର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୧୧୩ ରନ୍ ସଂଗ୍ରହ କରିଥିଲା। ଦଳର ପ୍ରମୁଖ ବ୍ୟାଟ୍ସମ୍ୟାନ୍ ଶାଶ୍ୱତ ମହାନ୍ତି ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ସେ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ୍ କରିଥିଲେ। ବ୍ୟାଟିଂ କରି ୩୫ ରନ୍ କରିବା ସହ ୪ ଓଭର୍ ବୋଲିଂ କରି ୨୧ ରନ୍ ଦେବାସହ ୩ଟି ୱିକେଟ୍ ନେଇଥିଲେ। ଏହାର ଜବାବରେ ଶ୍ରୀରାମ ସ୍ପୋର୍ଟିଂ ଦଳ ବିଜୟ ଲକ୍ଷ୍ୟକୁ ପିଛା କରି ୧୯.୦୧ ଓଭର୍‌ରେ ୧୧୯ ରନ୍ କରି ବିଜୟୀ ହୋଇଥିଲା। ଶ୍ରୀରାମ ସ୍ପୋର୍ଟିଂର ଅଧିନାୟକ ଅମିତ ସାହୁ ୩୨ ବଲ୍‌ରେ ୩୫ ରନ୍ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ କୁମାର ବାରିକ ଉଭୟ ବୋଲିଂ ଓ ବ୍ୟାଟିଂରେ ଉତ୍ତମ ପ୍ରଦର୍ଶନ କରିଥିଲେ। ସେ ୧୭ ବଲ୍ ଖେଳି ୧୨ ରନ୍ କରିବା ସହ ୪ ଓଭର୍ ବୋଲିଂ କରି ୨୪ ରନ୍ ବ୍ୟୟ କରିବା ସହ ୩ଟି ୱିକେଟ୍ ନେଇଥିଲେ। ଉକ୍ତ ମ୍ୟାଚ୍‌କୁ ରବିନ୍ଦ୍ର ରାଉତ ଓ ଦେବେନ୍ଦ୍ର ନାୟକ ପରିଚାଳନା କରିଥିଲେ। ପିସିଏଲ୍ ୨୦୨୬ ଚତୁର୍ଥ ସଂସ୍କରଣ ଉଦ୍‌ଘାଟନୀ ଦିବସ ସ୍ଥାନୀୟ ଏନ୍‌ଏସି ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପାରାଦୀପ ବନ୍ଦର ପ୍ରାଧୀକରଣ ସିଏମ୍‌ଇ ସୁଶୀଲ ଚନ୍ଦ୍ର ନାହାକ, ମେରାଇନ୍ ପରାମର୍ଶଦାତା ବଲ୍ଲଭ ସିକଦର ଓ ପ୍ରସିଦ୍ଧ ଗଲ୍ଫ ଖେଳାଳି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ କ୍ରିକେଟ୍ ଲିଗ୍ ସଭାପତି ଅକ୍ଷୟ ସୂତାର, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି, ସମ୍ପାଦକ ଜୁନିତ କୁମାର ଦାସଙ୍କ ସମେତ ଅଧୀର ସାହୁ, ଭରଦ୍ୱାଜ ସାହୁ, ଉତ୍କଳ ରାଉତ, ତୁଷାର ପ୍ରଧାନ, ଶୁଭ ରଞ୍ଜନ ପ୍ରଧାନ ଓ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମେରାଇନ୍ ରୋଡ୍ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଆସିଥିଲା। ଚଳିତ ମାସ ୧୬ ତାରିଖରେ ଖେଳାଳି ନିଲାମ୍ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

## ଟାଟା ଷ୍ଟିଲ୍ ଯୋଡ଼ା କ୍ଲଷ୍ଟର୍‌ର ଲୌହ ଓ ମାଙ୍ଗାନିଜ୍ ଖଣି ପୁରସ୍କୃତ




**କେନ୍ଦୁଝର, ଯୋଡ଼ା, ୨୯।୩/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଟାଟା ଷ୍ଟିଲ୍‌ର ଥିବା ଲୌହ ଓ ମାଙ୍ଗାନିଜ ଖଣି ଗୁଡ଼ିକୁ ଭୁବନେଶ୍ୱରରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ତତ୍ତ୍ୱାବଧାନରେ ଆୟୋଜିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମ୍‌ସି) ସପ୍ତାହ ଅବସରରେ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଯୋଡ଼ା କ୍ଲଷ୍ଟର୍‌ର ଲୌହ ଓ ମାଙ୍ଗାନିଜ୍ ଖଣିକୁ ୧୪ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-ଇ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନରୁଦ୍ଧାର ପାଇଁ ପୃଥକ୍ ଭାବେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଏହି ଖଣିକୁ ବିଭାଗ-ଇ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ୍ ଖଣିକୁ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନରୁଦ୍ଧାର ପାଇଁ ପୃଥକ୍ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଅନୁରୂପଭାବେ କଓଟାମାଟି ଲୌହ ଖଣିକୁ ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ପାଇଁ ପ୍ରଥମ ଏବଂ ଖଣିଜ ସଂରକ୍ଷଣ ପାଇଁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭାଗ-ଈ ଅନ୍ତର୍ଗତ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍‌ର ନୀଳାଚଳ ଖଣିକୁ ଖଣିଜ ପୁନରୁଦ୍ଧାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଆଇବିଏମ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ମାଇନ୍ସ ପଙ୍କଜ କୁଳଶ୍ରେଷ୍ଠଙ୍କଠାରୁ ବିଭିନ୍ନ ଖଣି ଅଧିକାରୀମାନେ ପୁରସ୍କାର ଗ୍ରହଣ କରିଥିଲେ। ଅନୁରୂପଭାବେ ପଶ୍ଚିମ ଯୋଡ଼ା ଲୌହ ଖଣିକୁ ବନୀକରଣ, ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ଓ ସମୂହ ପାରଦର୍ଶିତା ପାଇଁ ପୃଥକ୍ ଭାବେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବାମେବାରି ଖଣିକୁ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନରୁଦ୍ଧାର ଓ ସ୍ଥାୟୀ ବିକାଶ ପଦ୍ଧତି ପାଇଁ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ମିଳିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ଚିଫ୍ କଣ୍ଟ୍ରୋଲର୍ ଅଫ୍ ମାଇନ୍ସ ଜି କାଲେ, କଣ୍ଟ୍ରୋଲର୍ ଅଫ୍ ମାଇନ୍ସ (ଇଷ୍ଟ ଜୋନ୍) ପୁଖରାଜ ନେନିଭଓଲ, ଟାଟା ଷ୍ଟିଲ୍ ଯୋଡ଼ା ଚିଫ୍ ରାଜେଶ କୁମାର, ଏଫ୍‌ଏଏମ୍‌ଡି ଚିଫ୍ ଶମ୍ଭୁନାଥ ଝା, ନୀଳାଚଳ ଇସ୍ପାତ୍ ଖଣି ଚିଫ୍ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ୍ ଜି ଭି ସତ୍ୟ ନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ୍, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ଶ୍ରୀରାମ ଦଶମୀ ଉତ୍ସବ**

# ୫୧ ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ସାମିଲ୍



**ତିହିଡ଼ି, ୨୯।୩/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ରେ ଶ୍ରୀରାମ ଦଶମୀ ମହୋତ୍ସବରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଶୋଭାଯାତ୍ରା ରବିବାର ସକାଳେ ଶେଷ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ୫୧ଟି ପ୍ରଜ୍ଞାପନ ମେଢ଼ ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ତିହିଡ଼ି ବଜାରରେ ପ୍ରବଳ ଜନସମାଗମ ହୋଇଥିଲା। ଡିଜେ, ଘୋଡ଼ା ନାଚ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା ତିହିଡ଼ିସ୍ଥିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ତିହିଡ଼ି ବଜାର ଗେରୁଆମୟ ହୋଇ ଉଠିଥିବାବେଳେ 'ଜୟ ଶ୍ରୀରାମ' ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ତିହିଡ଼ି ଶ୍ରୀରାମ ନବମୀ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ରାଜନେତା ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲେ। ତିହିଡ଼ି ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଓ ପାନୀୟ ବଣ୍ଟା ଯାଇଥିଲା। ଅଗ୍ରଣୀ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ପ୍ରସାଦ ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଭଦ୍ରକ ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ବିଶ୍ୱଜରଞ୍ଜନ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୋମନାଥ ପାଢ଼ୀ, ସ୍ତମ୍ଭକାର ବିଭୂତି ଭୂଷଣ ସେନାପତି, ସଭାପତି କୈଳାଶ ବେହେରା, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ନିରଞ୍ଜନ ବାରିକ ଓ ମନୋଜ ପାଣିଗ୍ରାହୀଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ରାତିସାରା ପ୍ରସାଦ ବାଣ୍ଟିଥିଲେ। ପ୍ରଦେଶ ସେବା ସଂଗଠନ ପକ୍ଷରୁ ଉପଦେଷ୍ଟା ଧ୍ରୁବଚରଣ ପାଣିଗ୍ରାହୀ, ସମ୍ପାଦିକା ସୁଭଦ୍ରା ଭାରତୀ, ଆର୍ତ୍ତବଲ୍ଲଭ ବାରିକ ଓ ତ୍ରିଲୋଚନ ଜେନା ପ୍ରମୁଖ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାର ପଣା ବାଣ୍ଟିଥିଲେ। ଗୋପବନ୍ଧୁ ସେବକ ସେନା ପକ୍ଷରୁ ସଭାପତି ରାଜୀବ କୁମାର ନାୟକ, ବୀରେନ କୁମାର ସେନାପତି, ଅଭିରାମ ଦାସ ଓ ଅଶୋକ କୁମାର ନାୟକ ପ୍ରମୁଖ ପଣା ବାଣ୍ଟିଥିଲେ। ତିହିଡ଼ି ଶ୍ରୀରାମ ନବମୀ ସମିତିର ସଭାପତି କିଶୋର କୁମାର ନାୟକ, ସମ୍ପାଦକ ଯଯାତିକେଶରୀ ଦାଶ, କୋଷାଧ୍ୟକ୍ଷ ନୀଳମଣି ସାବତ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମିତିସଭ୍ୟ ଶୁକଦେବ ମଲ୍ଲିକ, ରଘୁନାଥ ପାତ୍ର, ପି ହୃଷିକେଶ, ବିଶ୍ୱଜିତ୍ ବେହେରା, ଜୟପ୍ରକାଶ ବେହେରା ଓ ତପୁନ ପାଣି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିହିଡ଼ି ପୁଲିସ୍ ପକ୍ଷରୁ ଫୋର୍ସ ମୁତୟନ କରାଯାଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ମେଳଣ ମଣ୍ଡପରେ ଅସାମାଜିକ କାର୍ଯ୍ୟକଳାପକୁ ନେଇ ଉତ୍ତେଜନା



**ଭଦ୍ରକ, ୨୯।୩/ଏନ୍‌ଏନ୍‌ଏସ୍:** ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ମିର୍ଜାପୁର ଛକ ନିକଟରେ ଥିବା ଏକ ମେଳଣ ମଣ୍ଡପରେ କେତେକ ଅସାମାଜିକ ଯୁବକ ରବିବାର ଅସାମାଜିକ କାର୍ଯ୍ୟକଳାପ କରୁଥିଲେ। ଏହାକୁ ଦେଖି ସ୍ଥାନୀୟ ଲୋକେ ବିରୋଧ କରିବାରୁ ସେହି ଅସାମାଜିକ ଯୁବକମାନେ ଟେକା ପଥର ଫିଙ୍ଗିଥିଲେ। ତେଣୁ ଏହାକୁ ପ୍ରତିବାଦ କରି ସ୍ଥାନୀୟ ଲୋକମାନେ ମିର୍ଜାପୁର ଛକ ନିକଟରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଏନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଜିଲ୍ଲା ପୁଲିସ୍ ପକ୍ଷରୁ ସିଟି ଡିଏସ୍‌ପି ଏବଂ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ତେବେ ସେହି ମଣ୍ଡପର ସ୍ଥାୟୀ ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ ପାଇଁ ଆନ୍ଦୋଳନକାରୀମାନେ ଜିଦ୍ ଧରିଥିଲେ। ସନ୍ଧ୍ୟା ୭ଟା ୩୦ରେ ଏହାର ସ୍ଥାୟୀ ସମାଧାନ ନେଇ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା। ତେବେ ଚାପା ଉତ୍ତେଜନାକୁ ନେଇ ସେଠାରେ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି। ଅତିରିକ୍ତ ଏସ୍‌ପି ସ୍ଥିତି ସ୍ୱାବଭିକ ହେବା ନେଇ ସୂଚନା ଦେଇଛନ୍ତି।

## ସମୀର ଦେ ମେମୋରିଆଲ ଟ୍ରଷ୍ଟ ତରଫରୁ ଜଳଛତ୍ର



**କଟକ,୨୯।୩/ଏନ୍ଏନ୍ଏସ୍:** ସିଡିଏ ସେକ୍ଟର -୬ ସ୍ଥିତ ସମୀରଦେଙ୍କ ବାସଭବନ ସମ୍ମୁଖରେ ବିଗତ ବର୍ଷ ଭଳି ସମୀର ଦେ ମେମୋରିଆଲ ଟ୍ରଷ୍ଟ ତରଫରୁ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବାଟୋଇମାନଙ୍କ ପାଇଁ ଦହି ପାଣିର ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥା ଦୁଇ ମାସ ପର୍ଯ୍ୟନ୍ତ ଚାଲିବ। ଟ୍ରଷ୍ଟ ତରଫରୁ ବହୁ ସାମାଜିକ କାର୍ଯ୍ୟକ୍ରମ କରାଯାଉଛି। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ୍ ପ୍ରଦାନ କରାଯିବା ସହ ଟ୍ରଷ୍ଟ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଜଳଛତ୍ର ଉଦ୍‌ଘାଟନୀ ଉତ୍ସବରେ ସ୍ୱର୍ଗତ ଦେଙ୍କର ପତ୍ନୀ ଦୀପିକା ଦତ୍ତରାୟ, ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା, ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସ୍ମୃତି ପଟ୍ଟନାୟକ, ଜ୍ୟୋତିପ୍ରକାଶ ଘୋଷ, ଦେବାଶିଷ ରାୟ, ରଜନୀକାନ୍ତ ଦାସ, ସତ୍ୟବ୍ରତ ମହାନ୍ତି, ପ୍ରବୀଣା ମହାପାତ୍ର, ସଂଯୁକ୍ତା ମିଶ୍ର, ମନୋରଞ୍ଜନ ସାହୁ, ଅମ୍ବିକା ଦାସ ପ୍ରମୁଖ ଉପସ୍ଥିତ ରହି ଜଳ ବଣ୍ଟନ କରିଥିଲେ।

## ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନାସ୍‌ନାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ଚରିଛକ,୨୯।୩/ଏନ୍ଏନ୍ଏସ୍:** ଚରିଛକସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ଇଂରାଜୀ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ରୀନାବାଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ ଏବଂ ସ୍ଥାନୀୟ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ଯୋଗ ଦେଇଥିଲେ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଭାଇସ ଚେୟାରମ୍ୟାନ ମାନସ କୁମାର ମଲ୍ଲିକ, ନିର୍ଦ୍ଦେଶକ ଦେବୀ ପ୍ରସନ୍ନ ମହାନ୍ତି, ପ୍ରିନ୍ସିପାଲ ବିଖ୍ୟାତ ବିହାରୀ ମିଶ୍ର, ଡ. ସୁଶାନ୍ତ କୁମାର ଦାସ ଓ ସ୍ୱୟଂପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାରା ବିଶ୍ୱରେ ଇଂରାଜୀ ଭାଷାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସ୍ଥାନୀୟ ସାମ୍ବାଦିକ, ଅଭିଭାବକ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରିନ୍ସିପାଲ ବନମାଳୀ ପାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଲିପିକା ବେହେରା, ସ୍ମିତା ଦାସ, ଚିନ୍ମୟୀ ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ସମ୍ପାଦକ ଟିଟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳ ଜିଲ୍ଲା ଗସ୍ତରେ ପୁଲିସ ମହାନିର୍ଦ୍ଦେଶକ



**ଫୁଲବାଣୀ, ୨୯।୩/ଏନ୍ଏନ୍ଏସ୍:** ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ କନ୍ଧମାଳ ଜିଲ୍ଲା ଗସ୍ତ କରିଛନ୍ତି। ସାଥିରେ ଏଡିଜି ସଂଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ,ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖର,୧୩୬ ବାଟାଲିଆନ କାମାଣ୍ଡେଣ୍ଟ ମାନସ ରଞ୍ଜନ ପଣ୍ଡା, ୨୧ସି ବିଏସ ଏଫ ୧୧୬ ଅଜୟ କୁମାର, ଆଇଜିପି ଦୀପକ କୁମାର ଓ କନ୍ଧମାଳ ଏସପି ହରିଶ ବିଶି ପ୍ରମୁଖ ଉପସ୍ଥିତ ଥିଲେ । ଦିନିକିଆ କନ୍ଧମାଳ ଜିଲ୍ଲା ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ ହେଲିକେପ୍ଟରେ ଯୋଗେ ଭୁବନେଶ୍ୱର ରୁ ଆସି ଦିନ ୧୦.୧୦ଟାରେ ମାଦିକୁନ୍ଦା ଛକ ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ଅବତରଣ କରିଥିଲେ। ସେଠାରେ ତାଙ୍କୁ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, କନ୍ଧମାଳ ଏସପି ହରିଶ ବିଶି, ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଡିଜିପିଙ୍କ ସହିତ ଏଡିଜିପି ସଂଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ ପ୍ରମୁଖ ଆସିଛନ୍ତି । ସେଠାରୁ ପୋଲିସ ରିଜର୍ଭ ଠାରେ ଏକ ଇଣ୍ଡୋର ସ୍ପୋର୍ଟ୍ସ କଂପ୍ଲେକ୍ସକୁ ଉଦଘାଟିତ କରିଛନ୍ତି । ପରେ ପରେ ଏସଓଜି, ଡିଭିଏଫ, ସିଆରପିଏଫ ଯବାନ ମାନଙ୍କ ସହିତ ଏକ ଆଲୋଚନାରେ ଭାଗ ନେଇଥିଲେ। ଯବାନମାନେ ଦିନ ରାତି ଏକ କରି କମ୍ବିଙ୍ଗ ଅପରେସନରେ ସାମିଲ ହେବାସହ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ କରାଇବା ସହ ଦୁର୍ଦ୍ଦାନ୍ତ ମାଓ ନେତା ଗଣେଶ ଓ ତାଙ୍କ ସହଯୋଗୀ ମାନଙ୍କୁ ଏନକାଉଣ୍ଟର କରିଥିଲେ । କନ୍ଧମାଳ ଜିଲାରେ ଗତ ଦୁଇମାସରେ ୨୦ ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖର, ୧୩୬ ବାଟାଲିଆନ କାମାଣ୍ଡେଣ୍ଟ ମାନସ ରଞ୍ଜନ ପଣ୍ଡା, ୨୧ସି ବିଏସ ଏଫ ୧୧୬ ଅଜୟ କୁମାର, ଆଇଜିପି ଦୀପକ କୁମାର ଓ କନ୍ଧମାଳ ଏସପି ହରିଶ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ବୈଶାଖୀ ମେଳାରେ ମନ ମୋହୁଛି ଦହିବରା ହାଟ




**କଟକ,୨୯।୩/ଏନ୍ଏନ୍ଏସ୍:** ପୁରୁଣା ରାଜଧାନୀ କଟକ ସହରର ଅନ୍ୟ ଏକ ପରିଚୟ ଦହିବରା ଆଳୁଦମ୍। କଟକର ଏହି ନିଆରା ପ୍ରସିଦ୍ଧ ଖାଦ୍ୟ ଆଜି ଦେଶବିଦେଶରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବଲିଉଡ୍‌ର ସଲମାନ ଖାଁଙ୍କ ଠାରୁ ଆରମ୍ଭ କରି ସୋନୁ ସୁଦଙ୍କ ପର୍ଯ୍ୟନ୍ତ ଦହିବରା ଆଳୁଦମ୍ ଖାଇ ଏହାର ପ୍ରଶଂସା ନକରି ରହିପାରିନାହାଁନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଆମ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବାଚସ୍ପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖ୍ୟ ପସନ୍ଦ କଟକ ଦହିବରା ଆଳୁଦମ୍।ସମସ୍ତେ କଟକ ସହରର ଦହିବରା ଆଳୁଦମର ବାସ୍ନାରେ ଟାଣିହୋଇ ଚାଲିଆସନ୍ତି ଏହି ପାଟି ସୁଆଦିଆ ଖାଦ୍ୟର ମଜା ଉଠାଇବା ପାଇଁ। ଚଳିତ ବର୍ଷ କଟକର ମିନି ବାଲିଯାତ୍ରା କୁହାଯାଉଥିବା ବୈଶାଖୀ ବାଣିଜ୍ୟ ମେଳାରେ ପ୍ରଥମଥର ପାଇଁ ଦହିବରା ହାଟ ଉଦ୍‌ଘାଟିତ ହୋଇଯାଇଛି। ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହେଉଥିବା ବୈଶାଖୀ ମେଳାର ଖାଦ୍ୟ ଷ୍ଟଲ୍‌ର ଏହି ଦହିବରା ହାଟକୁ କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଥିଲେ। କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ସମାଜସେବୀ ଦ୍ୱୀପାୟନ ପଟ୍ଟନାୟକ, ସମାଜସେବୀ ମନୋଜ ପତି, ବିଜେପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ଦହିବରା ବ୍ୟବସାୟୀ ସଂଘର ଉପଦେଷ୍ଟା ସୁକାନ୍ତ ମହାନ୍ତି, ସଭାପତି ପ୍ରଦୀପ୍ତ କୁମାର ସାହୁ, ସମ୍ପାଦକ କେଦାରନାଥ ସାଶମଲ ଓ ଉପସଭାପତି ପ୍ରତାପ ଚନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସାହୁ, ସହ ସମ୍ପାଦକ ଅଜୟ ବେହେରା, ମୁଖ୍ୟ ସଦସ୍ୟ ଦିଲ୍ଲିପ କୁମାର ଭୂୟାଁ, ମୀନକେତନ ଭୂୟାଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିଚାଳନା କରିଥିଲେ।ଏହି ହାଟରେ କଟକ ସହରର ଜଣାଶୁଣା ଦହିବରା ବ୍ୟବସାୟୀମାନେ ସାମିଲ୍ ହୋଇଛନ୍ତି। ସେହିପରି ଦହିବରା ହାଟରେ ସମ୍ପୂର୍ଣ୍ଣ ଓଡ଼ିଆ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। କଟକର ଦହିବରା ଆଳୁଦମ୍ କୁ ଜିଆଇ ଟ୍ୟାଗ ମାନ୍ୟତା ପ୍ରଦାନ ଦିଗରେ ଏହି ଦହିବରା ହାଟର ପରିକଳ୍ପନା କରାଯାଇଥିବା କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି।

## ପ୍ରଭାତଙ୍କ ପ୍ରତି ଲେଖାଶ୍ରୀଙ୍କ ମନ୍ତବ୍ୟ ନେଇ ବିକ୍ଷୋଭ

**କଟକ,୨୯।୩/ଏନ୍ଏନ୍ଏସ୍:** ବିଜେଡି ରାଜ୍ୟ ଉପ-ସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସଂସ୍କୃତି ଓ କଳା ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ




ପ୍ରତି ଦେଇଥିବା ଆଶାଳୀନ ମନ୍ତବ୍ୟକୁ ନେଇ କଳାପରିଷଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାରମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇଛି। ଏହି ଅବସରରେ ଆଜି କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂସ୍କୃତି ଓ କଳା ପରିଷଦର ଜିଲ୍ଲା ସଭାପତି ଶ୍ୟାମ କୁମାର ନାୟାରଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା କରାଯାଇ ଲେଖାଶ୍ରୀଙ୍କ ନାଟକ ଆଉ ବେଶୀ ଦିନ ଚାଲିବ ନାହିଁ ବୋଲି କୁହାଯାଇଛି। ସଂକୀର୍ତ୍ତନ ମଣ୍ଡଳୀଙ୍କ ଟଙ୍କା ଯଦି ପ୍ରଭାତ ବିଶ୍ୱାଳ ଖାଇଛନ୍ତି, ତାହା ହେଲେ ତାହାର ପ୍ରମାଣ ଦିଅନ୍ତୁ ନଚେତ ସେ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହ ସାତ ଦିନ ମଧ୍ୟରେ କ୍ଷମା ପ୍ରାର୍ଥନା କରନ୍ତୁ। ନଚେତ ଲେଖାଶ୍ରୀଙ୍କ ଘର ସମ୍ମୁଖରେ ୩୦ଟି ଜିଲ୍ଲାର ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାର ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ସଭାରେ ରାଜ୍ୟ ସଂସ୍କୃତି କଳା ପରିଷଦର ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, କଳାସଂସ୍କୃତି ବିଭାଗର ଶିକ୍ଷାବିତ ସ୍ନେହାଶିଷ ସିହ୍ନା, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସଂଯୋଜକ ମିଟୁ ମିଥୁନ, ସଦସ୍ୟ ବନ୍ଦିତା ନାୟାର, ଅମ୍ରିତ କୁମାର ସାହୁ ଏବଂ ସ୍ମୃତି ପ୍ରକାଶ ସାହୁଙ୍କ ସମେତ ଶତାଧିକ କଳାକାର ଏହି ପ୍ରତିବାଦରେ ସାମିଲ ହୋଇ ଲେଖାଶ୍ରୀଙ୍କ ପ୍ରତି କଟୁ ସମାଲୋଚନା କରିଥିଲେ।

## ୧୨୦ ୟୁନିଟ୍ ରକ୍ତ ସଂଗ୍ରହ




**କଟକ,୨୯।୩/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦ ଫାଉଣ୍ଡେସନ ଆନୁକୂଲ୍ୟରେ ପ୍ରତିଷ୍ଠାତା ଦେବଦତ ଧଳଙ୍କ ସଂଯୋଜନାରେ ଏବଂ ସଭାପତି ମାଗୁଣୀ ଚରଣ ଦାସଙ୍କ ସଭାପତିତ୍ୱରେ ଏକ ରକ୍ତଦାନ ଶିବିର ଆଜି ଅନ୍ଦରପୁରସ୍ଥିତ ସାଇବୃନ୍ଦାବନ ଗାର୍ଡେନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଏମ୍‌ସି ମେୟର୍ ସୁବାସ ସିଂ, ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିର୍ଦୋଷ, ବିଧାୟକ ଇଂ. ପ୍ରକାଶ ସେଠୀ, ଡାକ୍ତର ଉମେଶ ରାୟ, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଡାକ୍ତର ଭବାନୀ ଶଙ୍କର ପଣ୍ଡା, ଏସିପି ଅମିତାଭ ମହାପାତ୍ର, ଇଂ. ଏନ୍. କେ. ମହାନ୍ତି, କର୍ପୋରେଟର୍ ସୌଭାଗିନୀ ଜେନା, ଅରବିନ୍ଦ ଜେନା, ଇଂ ସୁବ୍ରତ ଘଡ଼ାଇ, ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ଅମୀୟ ଧଳ, ବିଜେପି ନେତା ହୃଷିକେଶ ଜେନା, ମମତା ରାଉତରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରି ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିବିରରୁ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ କୁମାର ଭୋଳ, ସଂଯୋଜକ ସାମ୍ବାଦିକ ସମୀର କର, ବୀରକିଶୋର ସାହୁ, ଶିକ୍ଷକ ହରିହର ସାମଲ, ସରୋଜ ରାଉତ, ବିନୋଦ ବେହେରା, ପ୍ରଭାକର ମଲ୍ଲିକ ଓ ଚିତ୍ତରଞ୍ଜନ ନାଏକଙ୍କ ସମେତ ରେଡକ୍ରସ କର୍ମଚାରୀମାନେ ସହାୟତା କରିଥିଲେ।

## ମା’ ବାଲୁଙ୍କେଶ୍ୱରୀ ମନ୍ଦିରର ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**କଟକ,୨୯।୩/ଏନ୍ଏନ୍ଏସ୍:** କଟକସ୍ଥିତ ମା’ ବାଲୁଙ୍କେଶ୍ୱରୀ ମନ୍ଦିର ପରିସରରେ ତିନିଦିନ ଧରି ଚାଲୁଥିବା ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ଶତାଧିକ ମହିଳା ଏକ ବିଶାଳ ପଟୁଆରରେ ବାଜା, ବାଣ, ଘଣ୍ଟ ଓ ସଂକୀର୍ତ୍ତନ ସହ ମାଳିକା ପ୍ରସିଦ୍ଧ ରତ୍ନବଟରୁ କଳସରେ ଜଳ ଅଭିଷେକ କରି ଯଜ୍ଞ ମଣ୍ଡପକୁ ଆସିଥିଲେ।

ପ୍ରତିଦିନ ସମୂହ ପ୍ରସାଦ ସେବନ ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ପଟ୍ଟନାୟକଙ୍କ ସରସ୍ୱତୀ ଡାନ୍ସ ଗ୍ରୁପ୍ ଏବଂ ସ୍ମୃତିଶ୍ରଦ୍ଧା ଓ ଚିତ୍ତ ପ୍ରଧାନଙ୍କ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଭଜନ ଓ ହୁଳହୁଳି ଶବ୍ଦରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ଭାଗ୍ୟଲକ୍ଷ୍ମୀ ରାଉତ, ବିଧାୟକ ପ୍ରତିନିଧି ଚିତ୍ତରଞ୍ଜନ ସାହୁ, ସରପଞ୍ଚ ରତ୍ନାକର ରାଉତ, ସ୍ଥାନୀୟ ଥାନା ଭାରପ୍ରାପ୍ତ ଅଧିକାରୀ, ତହସିଲଦାର ଏବଂ ପିଏସ ମେମ୍ବର ସସ୍ମିତା ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଯଜ୍ଞର କର୍ତ୍ତା ସୁରେନ୍ଦ୍ର ପାତ୍ର ଓ ଶ୍ରୀମତୀ ପାତ୍ରଙ୍କ ସମେତ ଅନୁଷ୍ଠାନର ଉପଦେଷ୍ଟା ଉମେଶ ବାଡ଼ି, ସରୋଜ କୁମାର ପାତ୍ର, ବିକାଶ ରାଉତରାୟ, ଗଜେନ୍ଦ୍ର ଭୋଇ, ରବୀନ୍ଦ୍ର ଭୋଇ ଓ ବ୍ରଜକିଶୋର ଉପସ୍ଥିତ ଥିଲେ। ସେହିପରି ସଭାପତି ନୃସିଂହ ଭୋଇ, ସମ୍ପାଦକ ଶେଷଦେବ ଦାଶ, କୋଷାଧ୍ୟକ୍ଷ ଭଗବାନ ଭୋଇ, ବିଶ୍ୱଜିତ ବାଡ଼ି, ସାଗର ବେହେରା, ନିରଞ୍ଜନ ବେହେରା, କୀର୍ତ୍ତିରଞ୍ଜନ ପାତ୍ର, କେଳୁ ମାହାଳି, ଚିତ୍ତରଞ୍ଜନ ଭୋଇ, ନିଶିରଞ୍ଜନ ପାତ୍ର, ସନ୍ତୋଷ ଭୋଇ, ଚକ୍ରଧର ମୁଦୁଲି, ଶରତ ଚନ୍ଦ୍ର ଭୋଇ, ଦୀପ୍ତିରଞ୍ଜନ ପାତ୍ର, ଶୁକଦେବ ଭୋଇ, ଦିଲ୍ଲୀପ କୁମାର ଭୋଇ, ସୁଧାଂଶୁ ଖୁଣ୍ଟିଆ, ବିଜୟ କୁମାର ବେହେରା, ହରିହର ସାହୁ ଏବଂ ଜଗବନ୍ଧୁ ସାହୁଙ୍କ ସମେତ ଗ୍ରାମର ସମସ୍ତ ମୁରବୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ଶେଷରେ ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କଟକ,୨୯।୩/ଏନ୍ଏନ୍ଏସ୍:** ନୂଆବଜାର ହାଇସ୍କୁଲ ୧୯୮୪ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଲିଙ୍କରୋଡ଼ ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ, ଦେଶ ତଥା ବିଦେଶରେ ପ୍ରତିଷ୍ଠାଲାଭ କରିଥିବା ବହୁ ପୁରାତନ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ନିଜ ବ୍ୟାଚର ପରଲୋକ ଗମନ କରିଥିବା ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘମିତ୍ରା ରଥ, କଳ୍ପନା ସାହୁ, ପ୍ରତିଭା ମହାନ୍ତି, ସୁଜାତା ଦାଶ, ସଂଗତିକା ମହାନ୍ତି, ଗୀତାଞ୍ଜଳି ପତି, ଗୌରୀ ମିଶ୍ର, ମମତା ମିଶ୍ର, ସଞ୍ଜୀବ ପ୍ରଧାନ, ହରପ୍ରସାଦ ଶ୍ରୀଚନ୍ଦନ, ପ୍ରଣବ ନନ୍ଦି, ଅକ୍ଷୟ ପଣ୍ଡା, ଅତିଶ ବେହୁରା, ଚିତ୍ତ ରଞ୍ଜନ ପଣ୍ଡା, ପ୍ରବୀର ସ୍ୱାଇଁ, ମନୋଜ ନାୟକ, ଉଦୟନାଥ ତ୍ରିପାଠୀ, ସଞ୍ଜୟ ସାହୁ ଓ ଅରୁଣ ପଣ୍ଡା ପ୍ରମୁଖ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଡ୍ରାଇଭର୍ ମହାସଂଘ ପକ୍ଷରୁ ରକ୍ତଦାନ ଶିବିର

**କଟକ,୨୯।୩/ଏନ୍ଏନ୍ଏସ୍:** ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ ରକ୍ତଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ନିଖିଳ ଉତ୍କଳ ଅଟୋ ଚାଳକ ମହାସଂଘ ସଭାପତି ତଥା କଟକ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ଶିବିରରେ ସଂଗ୍ରହ କରାଯାଇଥିବା ରକ୍ତକୁ ଥାଲାସେମିଆରେ ପୀଡ଼ିତ ଛୋଟ ଛୋଟ ଶିଶୁଙ୍କୁ ସମର୍ପିତ କରିଯିବ। ଏଥି ସହିତ ଖରାଦିନରେ ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।ଶିବିରରୁ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ଅଟୋ ମହାସଂଘ ସାଧାରଣ ସମ୍ପାଦକ ଶୈଳେନ ଧଳ, ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାରର ସଭାପତି ସୁମନ ଅଲଟିଆଙ୍କ ସମେତ ଶତାଧିକ ଅଟୋଚାଳକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମାସେ ହେଲା ହାଇମାଷ୍ଟ ଲାଇଟ୍ ଅଚଳ



**ସାକ୍ଷୀଗୋପାଳ,୨୯।୩/ଏନ୍ଏନ୍ଏସ୍:** ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଏବେ ଅନ୍ଧାରରେ ବୁଡ଼ି ରହିଛି। ଏଠାରେ ଥିବା ହାଇମାଷ୍ଟ ଲାଇଟ୍ ଦୀର୍ଘ ପ୍ରାୟ ଏକ ମାସ ହେବ ଅଚଳ ହୋଇପଡ଼ିଥିଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସୂଚନାଯୋଗ୍ୟ ଯେ, ଏହି ଛକଟି ବସଷ୍ଟାଣ୍ଡ ସମେତ ସାକ୍ଷୀଗୋପାଳ ମନ୍ଦିର, ଚିକିତ୍ସାଳୟ ଓ ଡାକଘରକୁ ଯିବା ପାଇଁ ମୁଖ୍ୟ ପ୍ରବେଶ ପଥ। ସନ୍ଧ୍ୟା ହେଲେ ଏଠାରେ ଶତାଧିକ ଯାତ୍ରୀ ବସ୍ ଓ ଅଟୋକୁ ଅପେକ୍ଷା କରିଥାନ୍ତି। ମାତ୍ର ଆଲୋକ ଅଭାବରୁ ସମଗ୍ର ବସଷ୍ଟାଣ୍ଡ ଓ ଓଭରବ୍ରିଜ୍ ଅଞ୍ଚଳ ଅନ୍ଧାର ହୋଇଯାଉଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ସନ୍ଧ୍ୟା ପରେ ଏହି ସ୍ଥାନରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ରାସ୍ତା ଦେଇ ଦୈନିକ ଅନେକ ପ୍ରଶାସନିକ ଅଧିକାରୀ ଯିବା ଆସିବା କରୁଥିଲେ ମଧ୍ୟ କାହାରି ନଜର ଏହି ସମସ୍ୟା ପ୍ରତି ନପଡ଼ିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ପୁରୀ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ହାଇମାଷ୍ଟ ଲାଇଟ୍ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବ୍ୟବସାୟୀ ଉନା ସେଠୀ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ‘ଜାନକୀ ବଲ୍ଲଭ ମହାନ୍ତିଙ୍କ ସାରସ୍ୱତ ଅବଦାନ ଅତୁଳନୀୟ’



**କଟକ,୨୯।୩/ଏନ୍ଏନ୍ଏସ୍:** ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ସାରସ୍ୱତ ଅବଦାନ ଅତୁଳନୀୟ। ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ସମ୍ପାଦନା କ୍ଷେତ୍ରରେ ତାଙ୍କର ମୌଳିକ ଦୃଷ୍ଟିକୋଣ ପ୍ରଣିଧାନଯୋଗ୍ୟ। ଏଥିସହିତ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ଜଣେ ପ୍ରଖ୍ୟାତ ସ୍ରଷ୍ଟା ଭାବରେ ସେ ଅମର ରହିବେ। ଆଜି ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ତାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି।

ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହକୁ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଓ ସାରସ୍ୱତ ସ୍ରଷ୍ଟା ନିତ୍ୟାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡକ୍ଟର ପ୍ରମୋଦ କୁମାର ପରିଡ଼ା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ ଗବେଷକ ଡକ୍ଟର ଚନ୍ଦ୍ରଶେଖର ହୋତା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭରଦ୍ୱାଜଙ୍କ ‘ସାରସ୍ୱତ ସାଧନାର ଦିଗ୍‌ବଳୟ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶୈଳବାଳା ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡକ୍ଟର ସଂଜିତା ମିଶ୍ର ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଶିଶିର ବେହେରା ଆଲୋଚକ ଭାବରେ ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଅଧିବେଶନରେ ମୁରଲିଧର ସାମଲ, ନରହରି ମିଶ୍ର, ସୁରେଶ କୁମାର ନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ପ୍ରେମଚାନ୍ଦ ମହାନ୍ତି, ଗୋପା ଦାସ, ଦୁଲାଲକୃଷ୍ଣ ପତି, ଛବିରାଣୀ ପତି, ମୀରା ବେଉରା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଏକୋଇଶି ଜଣ ନିମନ୍ତ୍ରିତ କବି ଭରଦ୍ୱାଜଙ୍କ କବିତା ଆବୃତ୍ତି କରିଥିଲେ।

## ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେଲା ବାସନ୍ତୀ ଦୁର୍ଗାଙ୍କ ଭସାଣ ଉତ୍ସବ



**କଟକ,୨୯।୩/ଏନ୍ଏନ୍ଏସ୍:** ଶାନ୍ତି ଶୃଙ୍ଖଳାର ସହ ଗତକାଲିଠାରୁ ଆରମ୍ଭ ହୋଇଥିବା କଟକର ବାସନ୍ତୀ ଦୁର୍ଗାଙ୍କ ଭସାଣ ଉତ୍ସବ ଆଜି ଶେଷ ହୋଇଛି। ଚଳିତ ମାସ ୨୪ ତାରିଖ ଠାରୁ କଟକ ସହରର ୨୧ଟି ମଣ୍ଡପରେ ଚୈତ୍ର ମାସର ମା’ ଦୁର୍ଗାଙ୍କର ପ୍ରତିମା ପୂଜା ପାଇଥିଲେ। କମିଶନରେଟ୍ ପୁଲିସ ଏବଂ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ୨ଟି ପର୍ଯ୍ୟାୟରେ ଭସାଣି ଉତ୍ସବ ଅନୁଷ୍ଠିତ ହେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ଅନୁଯାୟୀ ପ୍ରଥମ ଦିବସରେ ବଙ୍ଗାଳୀ ସାହି, ମର୍କତନଗର, ମାଛୁଆବଜାର, ବୈଷ୍ଣବ ପରିବାର ସମେତ ୮ଟି ମଣ୍ଡପରେ ପୂଜା ପାଉଥିବା ପ୍ରତିମାଗୁଡ଼ିକ ଦେବୀଗଡ଼ାଠାରେ ନିର୍ମିତ ହୋଇଥିବା ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜିତ ହୋଇଥିଲେ। ଅବଶିଷ୍ଟ ପ୍ରତିମାଗୁଡ଼ିକ ଆଜି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଭସାଣି ଉତ୍ସବରେ ବିସର୍ଜିତ ହୋଇଛି। ରାତି ୧୦ଟା ସୁଦ୍ଧା ସମସ୍ତ ପ୍ରତିମାଗୁଡ଼ିକ କାଠଯୋଡ଼ି ନଦୀକୂଳ ସ୍ଥିତ ଦେବୀଗଡ଼ାଠାରେ ନିର୍ମିତ ହୋଇଥିବା କୃତ୍ରିମ ଜଳାଶୟରେ ବିସର୍ଜିତ କରାଯାଇଛି। ଆଜି ଅପରାହ୍ଣରେ ବିଭିନ୍ନ ସାହିର ପ୍ରତିମାଗୁଡ଼ିକ ବିରାଟ ଶୋଭାଯାତ୍ରାରେ ବାହାରିବା ପରେ ସାହି ପରିକ୍ରମା କରି ବିସର୍ଜନ ପାଇଁ କାଠଯୋଡ଼ି ଅଭିମୁଖେ ଯାତ୍ରା କରିଥିଲେ। ଭସାଣି ଦେଖିବା ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାଛଡ଼ା ମେଢ଼ ଯାଉଥିବା ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

### ଦେଶବାସୀଙ୍କୁ ଏକଜୁଟ୍ ...

ଯେପରି ନଦେଖାଯାଏ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଘରୋଇ ଏଲପିଜି ଯେପରି ଉପଭୋକ୍ତାଙ୍କୁ ମିଳିବ ଏହା ସରକାରଙ୍କ ପ୍ରଥମ ପ୍ରାଥମିକତା ରହିଛି। ଦେଶରେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ୫.୩ ମିଲିୟନ ଟନରୁ ଅଧିକ ରହିଛି। ଏହାକୁ ଆହୁରି ବୃଦ୍ଧି କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ 'ମନ୍ କି ବାତ୍‌ରେ ଅନେକ ରାଜ୍ୟର ସଫଳ କୃଷକଙ୍କ ସମ୍ପର୍କରେ ମଧ କହିଛନ୍ତି। ଏଥିସହ ଖେଳ କଥା କହି ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଜଳସଂରକ୍ଷଣ କରିବାକୁ ମଧ ଦେଶବାସୀଙ୍କୁ ନିବେଦନ କରିଛନ୍ତି ପ୍ରଧାନମନ୍ତ୍ରୀ।

### ଦୁଇ ଓଡ଼ିଆଙ୍କୁ ପ୍ରଶଂସା ...

କାର୍ଯ୍ୟକ୍ରମରେ ବଖାଣିଛନ୍ତି। କେନ୍ଦ୍ର ସରକାରଙ୍କ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୨ ଲକ୍ଷ ଯୁବପିଢ଼ିଙ୍କ ମଧ୍ୟରୁ 'ଓମେନ୍ ଲେଡ୍ ଡେଭଲପମେଣ୍ଟ' ବା ମହିଳାଙ୍କ ନେତୃତ୍ୱରେ ବିକାଶ ସମ୍ପର୍କିତ ପ୍ରବନ୍ଧରେ ଓମ୍ ପ୍ରକାଶ ରଥଙ୍କର ଚିନ୍ତାଧାରା ଓ ବିଶ୍ଳେଷଣ ପ୍ରଧାନମନ୍ତ୍ରୀଙ୍କୁ ଅଭିଭୂତ କରିଛି। ଯାହାକୁ ନେଇ ପିଏମ୍ ମୋଦୀ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମ୍‌ଙ୍କ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଜେଲ୍‌ରେ କଏଦୀ ମୃତ ...

ବ୍ଲକ ପଛପଟରେ ଥିବା ପାଇଖାନା କମ୍ପ୍ଲେକ୍ସକୁ ଯାଇଥିଲେ। ମାତ୍ର ବହୁତ ସମୟ ପରେ ପାଇଖାନା ଗୃହ ନ ଖୋଲିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ତୁରନ୍ତ ଜେଲରଙ୍କୁ ଜଣାଇଥିଲେ ଜେଲର କବାଟ ଖୋଲିବାକୁ ଡାକିବାରୁ କୌଣସି ଉତ୍ତର ନମିଳିବାରୁ ବାଧ ହୋଇ ପାଇଖାନା କବାଟ ଭାଙ୍ଗି ଦୀପ୍ତିରଞ୍ଜନ ନିଜ ଗାମୁଛାରେ ନିଜ ବେକରେ ଜୋରରେ ବାନ୍ଧି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ପୁରୀ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିବା ଜେଲର ବିକାଶ କୁମାର ସାହୁ ସୂଚନା ଦେଇଛନ୍ତି। ରାମଚଣ୍ଡୀ ପୁଲିସ ଶବ ଜବତ କରି କେସ୍ ନଂ ୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ବିଚିତ୍ରା ନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି। ତେବେ ସେ ଆତ୍ମହତ୍ୟା କରିନାହାନ୍ତି ବରଂ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଦିପ୍ତୀରଂଜନଙ୍କ ମା' କହିଛନ୍ତି ଯେ ତାଙ୍କ ପୁଅକୁ ପିଟି ପିଟି ମାରି ଦିଆଯାଇଛି। ତା' ଦେହ ସାରା ଚିହ୍ନ ଅଛି। ତାକୁ ପାଇପ୍‌ରେ ପିଟି ମାରି ଦିଆଯାଇଛି। ଜେଲ୍ କର୍ମଚାରୀ କହୁଛନ୍ତି ସେ ବାଥ୍ ରୁମ୍‌ରେ ଗାମୁଛାରେ ଝୁଲି ପଡ଼ିଥିଲା। ବାଥ୍ ରୁମ୍ ଭିତରେ ତ ଫ୍ୟାନ୍ ନାହିଁ। ସେ ଗାମୁଛାକୁ ବାନ୍ଧିଲା କେଉଁଠି, ସେଥିରେ ଝୁଲିଲା କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ନେଇ ଜେଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ୫ ଦିନ ଯାଏ ବଜ୍ରପାତ ...

ସେପଟେ ଖରାରେ ସିଝୁଛି ପଶ୍ଚିମ ଓଡ଼ିଶା। ୩ ସହରରେ ୩୯ ଡିଗ୍ରୀ ତାପମାତ୍ରା ସହ ଟିଟିଲାଗଡରେ ତାପମାତ୍ରା ୪୦ ଡିଗ୍ରୀ ଟପିଛି। ବର୍ଦ୍ଧିତ ତାପମାତ୍ରାକୁ ନେଇ ୨ ଦିନ ମଧ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

### ମାଓମୁକ୍ତ ଓଡ଼ିଶା ରାସ୍ତାରେ ...

ବିଏସଏଫର ମିଳିତ ବାହିନୀ କନ୍ଧମାଳରେ ଏବେ ଅପରେସନକୁ ଜୋରଦାର କରିଛନ୍ତି।

ଅନ୍ୟପକ୍ଷରେ ଗତ ବର୍ଷକ ମଧ୍ୟରେ ୭୭ ମାଓବାଦୀ ଓଡ଼ିଶା ପୁଲିସ ନିକଟରେ ଆତ୍ମ ସମର୍ପଣ କରିସାରିଲେଣି। ସେହିଭଳି ୨୩ ଜଣ ମାଓବାଦୀ ଓଡ଼ିଶାରୁ ଯାଇ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏହାରି ଭିତରେ ମାଓ ମୁକ୍ତ ଓଡିଶା ଅଭିଯାନରେ ପୁଲିସ ଗୁଳିରେ ୨୭ ମାଓବାଦୀ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥଳେ ମାଓବାଦୀଙ୍କ ଉପସ୍ଥିତି ଏବେ କେବଳ କନ୍ଧମାଳ ଜିଲ୍ଲାରେ ସୀମିତ ରହିଛି। ୨୦୨୫ ଜାନୁଆରୀ ୨୫ ତାରିଖରେ ନୂଆପଡା-ଗରିଆବନ୍ଧ ଅପରେସନ ଥିଲା ଓଡ଼ିଶା ପୁଲିସ ପାଇଁ ଏକ ବଡ ଅପରେସନ। ଯେଉଁଠି ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ ନେତା ହିଡମା ସମେତ ୧୭ ଜଣ ଟଳି ପଡ଼ିଥିଲେ। ପରେ ପରେ କନ୍ଧମାଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ ନେତା ଗଣେଶ ସଫା ହେବା ପରେ ପୂରା ସଂଗଠନ ଦୁର୍ବଳ ହୋଇପଡ଼ିଥିଲା। ଶେଷ ରାଜ୍ୟ ସ୍ତରୀୟ ନେତା ଭାବେ ସୁକା ସୋଡି ଓରଫ ଶୁକ୍ରୁ ସରେଣ୍ଡର ପରେ ଏବେ ମାଓ ସଂଗଠନ ପୂରା ଦିଶାହୀନ।

### ପେଟ୍ରୋଲ୍ ପମ୍ପ୍‌ରେ ...

କରିବା ଏବଂ ଅଭାବୀ ପରିବାରଙ୍କୁ ସମୟାନୁସାରେ ତେଲ ପହଞ୍ଚାଇବା ସୁନିଶ୍ଚିତ କରିବା ପାଇଁ ସରକାର ୬୦ ଦିନ ପର୍ଯ୍ୟନ୍ତ ନିୟମରେ କୋହଳ କରିଛନ୍ତି। ଆମେରିକା-ଇସ୍ରାଏଲ୍-ଇରାନ୍ ବିବାଦ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତରେ ଗ୍ୟାସ୍, ପେଟ୍ରୋଲ୍ ଏବଂ ଡିଜେଲର ଅଭାବ ରହିଛି। କେନ୍ଦ୍ର ସରକାର ବର୍ତ୍ତମାନର ପରିସ୍ଥିତି ଉପରେ ନିରନ୍ତର ଚିନ୍ତା ପ୍ରକାଶ କରିଆସୁଛନ୍ତି।

### ଓଏଏସ୍‌ସ୍ତରରେ ଅଦଳବଦଳ ...

ଦୟାସିନ୍ଧୁ ପରିଡ଼ାଙ୍କୁ ମୟୂରଭଞ୍ଜ କରଞ୍ଜିଆର ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ସେ ବାରିପଦା, ମୟୂରଭଞ୍ଜ ଉପଜିଲ୍ଲାପାଳ ଭାବେ କାର୍ଯ୍ୟକରୁଥିଲେ। ଯଦୁମଣି ନାୟକଙ୍କୁ ଜୟପୁରର ସବ୍‌କଲେକ୍ଟର ଭାବରେ ବଦଳି କରାଯାଇଛି। ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେରର ଉପଜିଲ୍ଲାପାଳ, ଅଜୟ ପ୍ରକାଶ ତିର୍କିଙ୍କୁ ରାଇରଙ୍ଗପୁରର ବାମନଘାଟିରେ ଉପଜିଲ୍ଲାପାଳ, ମନୋସ୍ୱିନୀ ଦାସଙ୍କୁ କଟକ ବାଙ୍କିର ଉପଜିଲ୍ଲାପାଳ ଓ ଭୁବନେଶ୍ୱର ଇଡ୍‌କୋର ଭୂମି ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ଭଦ୍ରକର ଅତିରିକ୍ତ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି।

### ନାରୀ ସଦନରୁ ସେଜଲ୍ ...

ରହିବାକୁ ଚାହଁନ୍ତି। ତେଣେ ସେଜଲଙ୍କ ଏଭଳି କାରନାମା ଜାଣିବା ପରେ ତାଙ୍କୁ ୧୮ବର୍ଷ ହୋଇନଥିବାରୁ ତାଙ୍କୁ ବାଲେଶ୍ୱର ନାରୀ ଶକ୍ତି ସଦନରେ ରଖାଯାଇଥିଲା। ତାନାଘନା ବେଳେ ସେଜଲଙ୍କ ମିଛ ନାଟକ ପଛରେ ତାଙ୍କ ପୁରୁଷ ବନ୍ଧୁ ଅମରର ହାତ ଥିବା ବି ଜଣା ପଡ଼ିଥିଲା। ସେବେଠୁ ସେଜଲ ନାରୀ ଶକ୍ତି ସଦନରେ ରହୁଥିଲେ। ତେବେ ହଠାତ୍ ସେଠୁ ଛାଡ଼ି ପଳାଇବା ପରଠୁ ତାଙ୍କର ଖୋଜଖବର ମିଳୁନଥିବାବେଳେ ତାଙ୍କ ପୁରୁଷବନ୍ଧୁଙ୍କ ଫୋନ୍ ବି ସ୍ୱିଚ୍ ଅଫ୍ ରହିଛି। ଏପଟେ ସେଜଲଙ୍କ ନିଖୋଜ ଘଟଣାକୁ ସହଜରେ ଗ୍ରହଣ କରିନାହାନ୍ତି ସିଡବ୍ଲ୍ୟୁସିର ପୂର୍ବତନ ଚେୟାରମ୍ୟାନ୍। କହିଛନ୍ତି- ସେଜଲ ଏବେ ବି ଆମେରିକା ନାଗରିକ। ଭାରତୀୟ ସିଟିଜେନ୍ ଭାବେ ତାଙ୍କ ପାଖେ କୌଣସି ପ୍ରମାଣପତ୍ର ନାହିଁ। ତାଙ୍କୁ ଏମିତି ଖାମଖିଆଲି ଭାବେ ଛାଡ଼ି ଦିଆଯିବା ଓ ଘଟଣାକୁ ହାଲୁକା ଭାବେ ନେବା ଉଚିତ୍ ନୁହେଁ। ଗୋଟିଏ ପଟେ ସେଜଲ ୧୮ ବର୍ଷ ପାର୍ କରିଥିବାବେଳେ ଅନ୍ୟପଟେ ତାଙ୍କ ପ୍ରେମିକ ଅମରଙ୍କୁ ବି ୨୧ ବର୍ଷ ପୂରଣ ହୋଇଛି। ତେଣୁ ନିଜ ପ୍ରେମକୁ ସଫଳ କରିବା ପାଇଁ ଉଭୟେ କୌଣସି ଏକ ଅଜଣା ସ୍ଥାନରେ ଲୁଚିଥିବା କୁହାଯାଉଛି।

### ଇରାନ୍ ମିସାଇଲ୍ ...

ଆମେରିକା ଯୁଦ୍ଧ ଆରମ୍ଭ କରିଥିବା ବେଳେ ସେବେଠାରୁ ସାଦି ଆରବର ପ୍ରିନ୍ସ ସୁଲ୍‌ତାନ ଏୟାର୍‌ବେସ୍‌କୁ ଇରାନ୍ ଲଗାତାର ଟାର୍ଗେଟ୍ କରିଆସୁଛି। ସେହିପରି ରବିବାରର ଜବାବୀ ଆକ୍ରମଣରେ ଇରାନ୍ ଏକ ଆମେରିକୀୟ ଏମ୍‌କ୍ୟୁ-୯ ରିପର୍ ଡ୍ରୋନ୍ ଖସାଇ ଦେଇଥିବା ବେଳେ ଏକ ଏଫ୍-୧୬ ଯୁଦ୍ଧ ବିମାନକୁ କ୍ଷତି ପହଞ୍ଚାଇଥିବା ଦାବି କରିଛି। ଏହା ସହିତ ଆମେରିକା ଏବଂ ଇସ୍ରାଏଲ୍‌ର ବିଭିନ୍ନ ଠିକଣା ଉପରେ ଏପରି ଆକ୍ରମଣ ଜାରି ରଖିବ ବୋଲି ଇରାନ୍ ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଏହି ଯୁଦ୍ଧ ଆଉ ତିନିଟି ଦେଶ ମଧ୍ୟରେ ସୀମିତ ହୋଇ ରହିନାହିଁ। ଇତିମଧ୍ୟରେ ୟେମେନ୍‌ର ହୁତି ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଏହି ଯୁଦ୍ଧରେ ଏଣ୍ଟ୍ରି କରିବା ସହିତ ଇସ୍ରାଏଲ୍ ଉପରେ ମିସାଇଲ୍ ମାଡ଼ କରିଛି।

### ଇସ୍ରାଏଲ୍ କେମିକାଲ୍ ପ୍ଲାଣ୍ଟ୍ ...

ଇସ୍ରାଏଲ୍‌ର ବିୟରଶେଭା ସହରଠାରୁ ପ୍ରାୟ ୯ କିଲୋମିଟର ଦୂରରେ ଥିବା ନିଯୋତ ହୋଭାଭ୍ ଇଣ୍ଡଷ୍ଟ୍ରିଆଲ୍ ଜୋନ୍‌ରେ ଏହି ଆକ୍ରମଣ ହୋଇଛି। ପ୍ଲାଣ୍ଟ୍‌ରେ ବିପଜ୍ଜନକ ରସାୟନ ଥିବାରୁ ଆକ୍ରମଣ ପରେ ସ୍ଥାନୀୟ ପ୍ରଶାସନ ନିକଟସ୍ଥ ଲୋକମାନଙ୍କ କବାଟ-ଝରକା ବନ୍ଦକରି ଘର ଭିତରେ ରହିବାକୁ ପରାମର୍ଶ ଦେଇଛି।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିରେ ବିଳମ୍ବକୁ ନେଇ ଅସନ୍ତୋଷ

## ହାଇକୋର୍ଟଙ୍କ ରାୟକୁ ଜିଲ୍ଲା ପ୍ରଶାସନର ଅବମାନନା

**ବଲାଙ୍ଗୀର, ୨୯/୩/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଦୀର୍ଘ ବର୍ଷ ଧରି କାମ କରିବା ସତ୍ତ୍ୱେ ସେମାନଙ୍କ ପଦୋନ୍ନତିରେ ବିଳମ୍ବ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି କିଛି ସ୍ୱାସ୍ଥ୍ୟକର୍ମୀ ଅବସର ନେବାର ସମୟ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କ ପଦୋନ୍ନତି ହୋଇପାରି ନାହିଁ। ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗର୍ଭବତୀ ମାଆ ଓ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଏହି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ବିଭିନ୍ନ ଅନ୍‌ଲାଇନ୍ କାମ ମଧ ନ୍ୟସ୍ତ କରାଯାଉଛି। ସେମାନଙ୍କୁ ଅଭିଜ୍ଞତା ଭିତ୍ତିରେ ପଦୋନ୍ନତି ଦେବା ପାଇଁ ହାଇକୋର୍ଟରୁ ନିର୍ଦ୍ଦେଶ ଆସିଥିଲେ ମଧ ବଲାଙ୍ଗୀର ଜିଲ୍ଲାପାଳ ଏବଂ ସିଡିଏମ୍‌ଓ ଜାଣିଶୁଣି ପଦୋନ୍ନତି ପ୍ରକ୍ରିୟାକୁ ବିଳମ୍ବ କରୁଛନ୍ତି ବୋଲି ବଲାଙ୍ଗୀର ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ପ୍ରକାଶ କରିଛନ୍ତି।

ବଲାଙ୍ଗୀର ସିଡିଏମ୍‌ଓଙ୍କୁ ଆକ୍ଷେପ କରି ସିଡିଏମ୍‌ଓ ଜଣେ ହେଡ୍‌କ୍ଲର୍କ ଦ୍ୱାରା ପରିଚାଳିତ ହୋଇ ନିଜର ମନମୁଖୀ କାରବାର ଚଳାଇ ଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟର କେତୋଟି ଜିଲ୍ଲାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦନ୍ନୋତି ହୋଇସାରିଥିବାବେଳେ କୋର୍ଟଙ୍କ ରାୟକୁ ଅବମାନନା କରି ବଲାଙ୍ଗୀର ଜିଲ୍ଲାରେ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଜିଲ୍ଲା ପ୍ରଶାସନର ଏପରି ମନମୁଖୀ କାର୍ଯ୍ୟ



ବିରୋଧରେ ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନେକ ଦିନରୁ ଅଭିଯୋଗ ଜଣାଇଥିଲେ ମଧ ଏଯାଏଁ ସେମାନଙ୍କ ଦାବିପୂରଣ ହୋଇପାରି ନାହିଁ। ଏପରିକି ଏଠାରେ ଡିପିସି (ଡିପାର୍ଟମେଣ୍ଟାଲ୍ ପ୍ରମୋସନ୍ କମିଟି) ମଧ ଏପର୍ଯ୍ୟନ୍ତ ବସିନାହିଁ ବୋଲି ମହିଳା ସ୍ୱାସ୍ଥ୍ୟକର୍ମୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଡିପିସି ଡକାଯାଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରାଯାଇଛି। ଡିପିସ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସଭାପତି ରୀନା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥ୍ୟକର୍ମୀ ସୁଶୀଳା ପାତ୍ରୀ, ସସ୍ମିତା ଶତପଥୀ, ସୌଦାମିନି ସାହୁ, ସୁନିତା ଷଡ଼ଙ୍ଗୀ, ପୁଷ୍ପପିତା ମିଶ୍ର, ସବିତା ପଣ୍ଡା, ଜେମିନି ମେହେର, ଶାନ୍ତିଲତା ସାହୁ, ଜୋସ୍ନା ଭୋଇ, ସଂଯୁକ୍ତା କୁମ୍ଭାର, ଜୟନ୍ତୀ ସାହୁ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେବାନନ୍ଦ ପାତ୍ର, ବିନୋଦ ସାହୁ, ବଂଶୀଧର ମେହେର ଓ ଡୋଳାମଣୀ ମେହେର ପ୍ରମୁଖ ସମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

## ସରିଲା ରାୟଗଡ଼ା ବାର୍ ଆସୋସିଏସନ୍ ନିର୍ବାଚନ

**ରାୟଗଡ଼ା, ୨୯/୩/ଏନ୍‌ଏନ୍‌ଏସ୍:** ରାୟଗଡ଼ା ବାର୍ ଆସୋସିଏସନ୍ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ଏଥିରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ ୧୦୬ ଖଣ୍ଡ ଭୋଟ୍ ପାଇଥିବାବେଳେ ବିରଜା ପ୍ରସାଦ ପାତ୍ର ୮୫ ଖଣ୍ଡ ଭୋଟ୍ ପାଇଛନ୍ତି। ଫଳରେ ବ୍ରଜ ସଭାପତି ଭାବେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଉମାକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ସକାଳ ୭ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। ପରେ ଭୋଟ୍ ଗଣତି ହୋଇଥିଲା। ସର୍ବମୋଟ୍ ୨୦୧ ଜଣ ଆଇନଜୀବୀଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ଥିଲେ। ଗଣତି ବେଳେ ୪ଟି ଭୋଟ୍ ଅବୈଧ ହୋଇଥିବା ନିର୍ବାଚନ ଅଧିକାରୀ ଉମାକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଚଳିତଥର ବାର୍ ଆସୋସିଏସନ୍ କମିଟି ପାଇଁ କେବଳ ସଭାପତି ପଦ ପାଇଁ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ କରିଥିବାବେଳେ ସମ୍ପାଦକ ପଦ ପାଇଁ ରମେଶ ପାଢ଼ୀ(ବୁନୁ), ସୁଶାନ୍ତ କୁମାର ଖୋସଲା ଉପସଭାପତି, ଶୁଭ୍ରକାନ୍ତି ବେହେରା ଯୁଗ୍ମ ସମ୍ପାଦକ ଓ ବିସ୍ମୟ ପଟନାୟକ



କୋଷାଧ୍ୟକ୍ଷ ଭାବେ ଜଣେ ଲେଖାଏଁ ନାମାଙ୍କନ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କମିଟିକୁ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକ, ମଙ୍ଗଳମୂର୍ତ୍ତିର୍ ବେଉରିଆ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ବିନାୟକ କର, ପଦ୍ମନାଭ ଦାଶ, ଗଙ୍ଗା ପ୍ରଧାନୀ, କୃଷ୍ଣ ପାଢ଼ୀ, ଭବାନୀ ମିଶ୍ର, ଲିଳାଧର ବିଶୋଇ, ସୁଶାନ୍ତ ପଣ୍ଡା, ବାବୁ ରାଜଗୁରୁ, ଉମାଶଙ୍କର ପାଢ଼ୀ, ବିଜୟ ଉଲାକା, ନାଗରାଜୁ ଓ ସମସ୍ତ ଆଇନଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଉମାକାନ୍ତ ମିଶ୍ରଙ୍କ ସମେତ ଆଇନଜୀବୀ ୱାଇ ଶ୍ରୀହରି, ରଜତ ରଞ୍ଜନ ଖଟୁଆ ଓ ସୋନୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଫଳାଫଳ ପ୍ରକାଶ

**ରାୟଗଡ଼ା, ୨୯/୩/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବର୍ଷ ୨୦୨୫-୨୬ର ବାର୍ଷିକ ଫଳାଫଳ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାୟଗଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିରୂପେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁ ନନ୍ଦନ ନନ୍ଦ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ, ଗାୟତ୍ରୀ ବେହେରା ଓ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଶିଶୁମନ୍ଦିରର ଶିକ୍ଷାଶୈଳୀର ମହତ୍ତ୍ୱ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ପରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ପୁରସ୍କୃତ କରିବା ସହିତ ଚତୁର୍ଥରୁ ଅଷ୍ଟମ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଫାଶୀ ଦିବସ

**ମାଲକାନଗିରି, ୨୯/୩/ଏନ୍‌ଏନ୍‌ଏସ୍:** ମାଲକାନଗିରି ମହାବିଦ୍ୟାଳୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଫାଶୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ମହାବିଦ୍ୟାଳୟରେ ଥିବା ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଆମକୁ ନିଜ ଅଞ୍ଚଳର ଇତିହାସ ବିଷୟରେ ଜାଣିବାର ଆବଶ୍ୟକତା ରହିଛି। ପଛୁଆ ମନୋଭାବ ତ୍ୟାଗ କରି ଶହୀଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଶହୀଦ



ଲକ୍ଷ୍ମଣ ନାୟକଙ୍କ ବଳିଦାନ କେବଳ ଇତିହାସର ଏକ ପୃଷ୍ଠା ନୁହେଁ ବରଂ ଛାତ୍ର ସମାଜ ପାଇଁ ଦେଶପ୍ରେମ ଓ ସାହସିକତାର ଏକ ଜ୍ୱଳନ୍ତ ଉଦାହରଣ। ତାଙ୍କ ଜିବନୀରୁ ଶିକ୍ଷାଲାଭ କରି ଛାତ୍ରମାନେ ନିଜ ସମାଜ ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ଉଚିତ। ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଚିତ୍ତରଞ୍ଜନ ବାରିକ୍ କହିଥିଲେ ଯେ ମାଲକାନଗିରି ମାଟିର ଏହି ମହାନ ସନ୍ତାନଙ୍କୁ ସ୍ମରଣ କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଶିକ୍ଷା ସହିତ ମାନବିକତା ଏବଂ ନିଜ ମାଟି ପାଇଁ କିଛି କରିବାର ସଙ୍କଳ୍ପ ନେବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ। ଏହାବ୍ୟତୀତ ମହାବିଦ୍ୟାଳୟ ଅଧାପକ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଫାଙ୍କା ଗୁଳିଚାଳନା ମାମଲା

# ଗିରଫ ଦାବିକଲା ବିଜେଡି

## ପିଏସ୍‌ଓ ନିଲମ୍ବିତ

**ଟିଟିଲାଗଡ଼, ୨୯/୩/ଏନ୍‌ଏନ୍‌ଏସ୍:** ରାମ ନବମୀ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଫାଙ୍କା ଗୁଳିଚାଳନା କରି ସ୍ଥାନୀୟ ବିଧାୟକ ନବୀନ ଜୈନ ହରଡ଼ଘଣାରେ ପଡ଼ିଛନ୍ତି। ଏହି ମାମଲାରେ ବିଧାୟକ ଓ ତାଙ୍କ ପିଏସ୍‌ଓଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ପିଏସ୍‌ଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବିତ କରାଯାଇଛି। ଏହିକ୍ରମେ ରବିବାର ସ୍ଥାନୀୟ ବିଜେଡି ପକ୍ଷରୁ ବିଧାୟକ ଶ୍ରୀ ଜୈନଙ୍କ ଗିରଫ ଦାବି ଓ କାର୍ଯ୍ୟାନୁଷ୍ଠାନ ନେଇ ଥାନାରେ ଏକ ଲିଖିତ ଏତଲା ଦାୟର କରାଯାଇଛି। ଘଟଣାରୁ ପ୍ରକାଶ, ରାମନବମୀ ଅବସରରେ ଆୟୋଜିତ ଶୋଭାଯାତ୍ରାରେ ବିଧାୟକ ସାମିଲ୍ ହୋଇ ପିସ୍ତଲ୍ ପ୍ରଦର୍ଶନ କରି ଫାଙ୍କା ଗୁଳିଚାଳନା କରିଥିଲେ। ଗୁଳିର ପ୍ରଚଣ୍ଡ ଶବ୍ଦରେ ଉପସ୍ଥିତ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ସର୍ବସାଧାରଣ ଓ ପୁଲିସ୍ ବାହିନୀ ଉପସ୍ଥିତିରେ ବାରମ୍ବାର ଗୁଳି ଚାଳନା କରୁଥିଲେ ମଧ ପୁଲିସ୍ ମୂକ ସାଜିଥିଲା। ଏ ସମ୍ପର୍କିତ ଏକ ଭିଡିଓ ସୋସିଆଲ୍ ମିଡିଆରେ ଘୁରି ବୁଲିବା ପରେ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଅନ୍ୟପଟେ ଜନସାଧାରଣଙ୍କୁ ଉତ୍ସାହିତ କରିବା ପାଇଁ ଖେଳନା ବନ୍ଧୁକରେ ଫାଙ୍କା ଗୁଳି ଚାଳନା କରିଛି ବୋଲି ବିଧାୟକ ଶ୍ରୀ ଜୈନ କହିବା ତାଙ୍କ ଧୃଷ୍ଟତାକୁ ଦର୍ଶାଉଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ପହଞ୍ଚି ଖୋଳତାଡ଼ କରିଛନ୍ତି। ଅତିରିକ୍ତ ଏସ୍‌ପି ତଦନ୍ତ ଦାୟିତ୍ୱରେ ରହିଛନ୍ତି।



ଏନେଇ ସ୍ଥାନୀୟ ବିଜେଡି ନଗର ସଭାପତି ଶ୍ୟାମା ପ୍ରସାଦ ଗରିଆଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବାଇକ୍ ଶୋଭାଯାତ୍ରା କରି ଥାନାରେ ପହଞ୍ଚି ବିଧାୟକଙ୍କୁ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାଧିକାରୀ ମନୋଜ ମୁଣ୍ଡାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ବିଜେଡି ପକ୍ଷରୁ ଦର୍ଶାଯାଇଛି ଯେ ରାମ ନବମୀ ସନ୍ଧ୍ୟାରେ ଅନୁଷ୍ଠିତ ଶୋଭାଯାତ୍ରାରେ ବିଧାୟକ ଶାସ୍ତ୍ରୀ ଛକ ଓ ବ୍ୟାଙ୍କ ଛକରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରିଛନ୍ତି। ତାଙ୍କ ସୁରକ୍ଷା କର୍ମୀ ମଧ ତାଙ୍କୁ ସାହାଯ୍ୟ କରିଛନ୍ତି। ଏହା ଗଣତନ୍ତ୍ର ପାଇଁ ଏକ ଲଜ୍ଜାଜନକ ଘଟଣା ହୋଇଥିବାବେଳେ ଆମେ ନିନ୍ଦା କରୁଛୁ। ବିଦ୍ୟୁତ୍ ତାର ଉପରେ ଯାଇଥିବାବେଳେ ଯଦି ବିଧାୟକଙ୍କ ଗୁଳିରେ ସେହି ତାର ଛିଣ୍ଡି ଯାଇଥାନ୍ତା ଆନେକଙ୍କ ପ୍ରାଣହାନୀ ହେବା ସୁନିଶ୍ଚିତ। ତେଣୁ ବିଧାୟକଙ୍କୁ ଯଥାଶୀଘ୍ର ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଛୁ ବୋଲି ଶ୍ରୀ ଗରିଆ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ୍ ସଭାପତି କ୍ଷୀରସିନ୍ଧୁ ମାଝୀ, ରାଜେଶ ପ୍ରଦାନ, ଲାଲା ବର୍ମା, ପୁଶୁ ଜୈନ, ଜ୍ଞାନରଞ୍ଜନ ସରାଫ, ଜଗଦୀଶ ମହାଲିଙ୍ଗ, ପ୍ରେମ ଜୈନ, ଅରୁଣ ବାଗ ଓ ଦୀପକ ବେହେରା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଦେବଗଡ଼, ୨୯/୩/ଏନ୍‌ଏନ୍‌ଏସ୍:** ସାମ୍ବାଦିକ ତରୁଣ କୁମାର ସାହୁଙ୍କ ପିତା ରାମଚନ୍ଦ୍ର ସାହୁଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ତଳେ ମସ୍ତିଷ୍କରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସେ ଅମିନ ଭାବେ କାର୍ଯ୍ୟ କରି ଅବସର ନେବାପରେ ସୁବର୍ଣ୍ଣରେଖା ନଦୀବନ୍ଧ ଯୋଜନାରେ ଭୂ-ଅର୍ଜନ ପୁନଃବସତି କାର୍ଯ୍ୟାଳୟରେ ସୁଚାରୁରୂପେ କାର୍ଯ୍ୟ କରି ଦେବଗଡ଼ ପୌରାଞ୍ଚଳର ପୁରୁଣାଗଡ଼ରେ ସ୍ଥାୟୀ ଭାବେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବାପରେ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଘରକୁ ଆସି ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠପୁତ୍ର ତରୁଣ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ବୋହୂ ଜସ୍ମିନ, କନିଷ୍ଠ ପୁତ୍ର ହଞ୍ଚ କିଶୋର ସାହୁ, ବୋହୂ ରେବତୀ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିଶମ ମକ୍‌ଡ୍ରିଲ୍

**ମାଲକାନଗିରି, ୨୯/୩/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଗ୍ନିଶମ ନିରାପତ୍ତା ସଚେତନତା ଓ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିକାଣ୍ଡ ଭଳି ଜରୁରିକାଳୀନ ପରିସ୍ଥିତିର ସଫଳ ମୁକାବିଲା କରିବା ଏବଂ ରୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଡିଏମ୍‌ଓ ଇନଚାର୍ଜ ଡାକ୍ତର ସପନ କୁମାର ଦିଣ୍ଡା, ନର୍ସିଂ ସୁପରିଟେଣ୍ଡେଣ୍ଟ ସଞ୍ଜୁଲତା ସେଠୀ ଓ ହସ୍ପିଟାଲ୍ ମ୍ୟାନେଜର୍ ବିଶ୍ୱଜିତ୍ ପୃଷ୍ଟି ଉପସ୍ଥିତ ରହି କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଫାୟାର୍ ସୁପରଭାଇଜର୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଯନ୍ତ୍ରପାତିର ସଠିକ୍ ବ୍ୟବହାର ଏବଂ ସଙ୍କଟ ସମୟରେ ରୋଗୀଙ୍କୁ କିଭଳି ନିରାପଦରେ ସ୍ଥାନାନ୍ତର କରାଯିବ ସେନେଇ ପ୍ରାୟୋଗିକ



ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ନର୍ସିଂ ଅଫିସର ଇନଚାର୍ଜ, ଆଇସିୟୁ କର୍ମଚାରୀ, ଅକ୍ସିଜେନ୍ ପ୍ଲାଣ୍ଟ ଅପରେଟର୍, ସୁରକ୍ଷା କର୍ମୀ, ସଫେଇ କର୍ମଚାରୀ ଓ ରୋଷେଇଶାଳ କର୍ମଚାରୀ ପ୍ରମୁଖ ସାମିଲ୍ ହୋଇଥିଲେ। ହସ୍ପିଟାଲ୍ ପରି ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ କର୍ମଚାରୀଙ୍କୁ ଦକ୍ଷ କରିବା ଦିଗରେ ଏହି ମକ୍‌ଡ୍ରିଲ୍ ବେଶ୍ ସହାୟକ ହେବ ବୋଲି ଡାକ୍ତର ଦିଣ୍ଡା ମତପ୍ରକାଶ କରିଛନ୍ତି।

## ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପ୍ରସ୍ତୁତି

**ପାଟଣାଗଡ଼, ୨୯/୩/ଏନ୍‌ଏନ୍‌ଏସ୍:** ଦେବୋତ୍ତର ବିଭାଗ ପକ୍ଷରୁ ଆଗାମୀ ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ମେଳା ପରିଚାଳନା ଉପରେ ଆଲୋଚନା କରିବା ସହିତ ଗତ ବର୍ଷର ବ୍ୟୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା କିପରି ଠିକ୍ ଭାବେ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ମେଳାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଆଗାମୀ ମେଳା ପରିଚାଳନା ପାଇଁ ଦେବୋତ୍ତର କମିଟି ସଦସ୍ୟ, ସରକାରୀ ଅଧିକାରୀ ଓ ସବ୍‌କମିଟି ସଦସ୍ୟଙ୍କୁ ନେଇ ଗତ ବର୍ଷ ଗଠିତ ହୋଇଥିବା କମିଟିକୁ ପୁନଃକାର୍ଯ୍ୟକ୍ଷମ ସହିତ ଇଚ୍ଛୁକ ନୂତନ ସଦସ୍ୟ ମଧ ସାମିଲ୍ ପାଇଁ ଉପଜିଲ୍ଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ପାଟଣାଗଡ଼ ବିଡିଓ ସୁମନ ମିଞ୍ଜ, ବେଲପଡ଼ା ବିଡିଓ ରାଜେଶ କୁମାର ମେହେର, ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ପୀତବାସ ସାହା, ଥାନା ଅଧିକାରୀ ନରେନ୍ଦ୍ର ଛତର, ଡ଼ାକ୍ତର ଓମ୍‌ପ୍ରକାଶ ଯୋଶୀ, ସଦାଶିବ ସରାଫ, ଲକ୍ଷ୍ମୀକାନ୍ତ ମିଶ୍ର, ବିସମ୍ବର୍ ପାଣିଗ୍ରାହୀ, ପଦ୍ମ କୁମାର ସିଂ ବରିହା, ସନ୍ତୋଷ କୁମାର ଭଇସାଲ, ସବ୍‌କମିଟି ସଦସ୍ୟ ବିପ୍ର ବିଶି, ସୁଶୀଲ ଗୁରୁ, ଟିକେଶ୍ୱର ଧରୁଆ, ଗଜ ନାଗ, ଶତ୍ରୁଘ୍ନ ନାଏକ, ଲବ ସୁନା, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର କମିଟି ସଦସ୍ୟ, ସବ୍‌କମିଟି ସଦସ୍ୟ, ହରିଶଙ୍କର ବଣିକ ସଂଘ ସଦସ୍ୟ ଓ ଜନସାଧାରଣ ଯୋଗ ଦେଇଥିଲେ। ଦେବୋତ୍ତର କମିଟି ସଦସ୍ୟ ଡ. ଅଭୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



**ରାଜ୍ୟସ୍ତରୀୟ ମେଳା ପାଇଁ ଦାବି**

## ଆଜିର ଇତିହାସ

- ୧୯୧୯-ମହାତ୍ମା ଗାନ୍ଧୀ ରଲେକ୍ଟ ଆକ୍ଟ ବିରୁଦ୍ଧରେ ଘୋଷଣା କରିଥିଲେ।
- ୧୯୭୭-ସ୍ୱାମୀ ଅଗ୍ନିବେଶ ଭାରତୀୟ ଆର୍ଯ୍ୟସଭା ପାର୍ଟିକୁ ଜନତା ପାର୍ଟିରେ ବିଲୟ କରିଦେଇଥିଲେ।
- ୧୯୯୨-ସତ୍ୟଜିତ ରାୟଙ୍କୁ ମାନଦ ଓସ୍କାର ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା।
- ୨୦୦୨-ସଙ୍ଗୀତକାର ଆନନ୍ଦ ବକ୍ସିଙ୍କ ନିଧନ।
- ୨୦୧୭-ରିଗଲ୍ ସିନେମା ହଲ୍‌କୁ ବନ୍ଦ କରିଦିଆ ଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଶୁଭ ଫଳଦାୟୀ। ଅଟକିଥିବା କାମ ଆଜି ପୂରା ହେବ। ମନ ପ୍ରସନ୍ନ ରହିବ। ଛୋଟ ଯାତ୍ରାରୁ ବ୍ୟାପାରୀଙ୍କୁ ଲାଭ ମିଳିବ। ଚାକିରିର ନୂଆ ଅଫର୍ ମିଳିବ। ପ୍ରମୋଶନର ସମ୍ଭାବନା ରହିଛି।

**ବୃଷ** - ସାମାଜିକ କାର୍ଯ୍ୟକ୍ରମ ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଆଜି ଦିନଟି ଭଲ। ମାନ-ସମ୍ମାନ, ପଦ-ପ୍ରତିଷ୍ଠା ବୃଦ୍ଧି ହେବ। ଆଧ୍ୟାତ୍ମିକ କାମରେ ମନ ଲାଗିବ। ଛୋଟ ବେପାରୀ କମ୍ ଲାଭ ପାଇବେ।

**ମିଥୁନ** - ଦିନଟି ବ୍ୟସ୍ତତାଭରା ରହିବ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଆସିବ। ନୂଆ ଦାୟିତ୍ୱ ମିଳିପାରେ। ଲାଭର ଯୋଗ ରହିଛି। ପାରିବାରିକ ଜୀବନରେ ଅଭିଯୋଗ ଶୁଣିବେ। ମିତ୍ରଙ୍କ ଠାରୁ ସହଯୋଗ ପାଇବେ।

**କର୍କଟ** - ଦିନଟି ଆନନ୍ଦଦାୟକ ରହିବ। ଜମିଜମା ସଂକ୍ରାନ୍ତୀୟ ବିବାଦର ନିଷ୍ପତ୍ତି ଆପଣଙ୍କ ପକ୍ଷରେ ଯିବ। ଯାତ୍ରା ସମୟରେ ସାବଧାନ ରହିବେ। ପରିବାର ଲୋକଙ୍କ ସହଯୋଗ ଓ ପ୍ରୋତ୍ସାହନ ପାଇବେ।

**ସିଂହ** - ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ। ସ୍ଫୁର୍ତ୍ତି ଓ ଏକାଗ୍ରତାର ଅଭାବ କାରଣରୁ କାମ ଅଟକି ଯାଇପାରେ। ଚିକିତ୍ସକଙ୍କ ପରାମର୍ଶ ନେଇପାରନ୍ତି। ବ୍ୟାପାରରେ ଗୁପ୍ତ ଶତ୍ରୁଙ୍କ ଠାରୁ ସାବଧାନ ରହିବେ।

**କନ୍ୟା** - ଦିନଟି ସାମାନ୍ୟ ରହିବ। ପାରିବାରିକ ସମସ୍ୟାର ସମାଧାନ କରିବେ। କିଛି ଜରୁରୀ କଥା ରହିଯାଇପାରେ। କାର୍ଯ୍ୟକ୍ଷେତ୍ରରେ ନିରାଶ ହୋଇଯିବେ। ଜୀବନସାଥିଙ୍କ ସହିତ ଚର୍ଚ୍ଚା କରିବେ। ଅଚାନକ ଖର୍ଚ୍ଚ ବୃଦ୍ଧି ହେବ।

**ତୁଳା** - ଆଜି ମାନସିକ ଶାନ୍ତି ପାଇବେ। ମାତାପିତାଙ୍କ ସ୍ୱାସ୍ଥ୍ୟରେ କମ୍ ସୁଧାର ହେବ। ସମ୍ପତ୍ତି ସହିତ ବଡ଼ ମାମଲାର ସମାଧାନ ହୋଇପାରେ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା ପାଇବେ। ପିଲାମାନଙ୍କର ସହଯୋଗ ପାଇବେ।

**ବିଛା** - ପ୍ରଭାବ ଓ ପରାକ୍ରମ ବୃଦ୍ଧି ହେବ। ନୂଆ ପରିବର୍ତ୍ତନ ପାଇଁ ଶୁଭ ସମୟ। ବୁଦ୍ଧି ଓ ବିବେକ ପାଇଁ ନିର୍ଣ୍ଣୟ ଲାଭ ଦେବ। ସବୁ ପକ୍ଷ ସହିତ ବିଚାର କରିପାରନ୍ତି। ଘରେ ସୁଖ-ସୁବିଧା ବୃଦ୍ଧି ହେବ।

**ଧନୁ** - ଆଜି ଆର୍ଥିକ ସ୍ତରରେ ମୁକ୍ତି ମିଳିବ। କରଜ ଶୁଝିବାରେ ସଫଳ ହେବେ। ନିବେଶ ପାଇଁ ଯୋଜନା ପ୍ରସ୍ତୁତ କରିବ। ସମ୍ପର୍କ ମଜଭୁତ ହେବ। ସନ୍ତାନର ସଫଳତା ପାଇଁ ମନ ପ୍ରସନ୍ନ ରହିବ।

**ମକର** - ବୁଦ୍ଧି ଓ ବିବେକ ସହିତ କାମ କରିବେ। ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ଉଚିତ ସମୟ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରିବାର ବିବାଦର ସମାଧାନ କରିବେ। ଶୁଭ ପ୍ରସ୍ତାବ ଆସିପାରେ।

**କୁମ୍ଭ** - ଦିନଟି ମିଶ୍ରିତ ପରିଣାମ ଦେବ। ନିଜ କାମକୁ ପୂରା କରିବେ। କିଛି କିଣାକିଣି କରିପାରନ୍ତି। ଆତ୍ମବିଶ୍ୱାସ ବଜାୟ ରହିବ। ଆପଣଙ୍କ ପ୍ରଗତିରେ କିଛି ଲୋକ ଈର୍ଷା କରିବେ। ପଦୋନ୍ନତି ଓ ସମ୍ମାନ ପାଇବେ।

**ମୀନ** - ଦିନଟି ଉତ୍ସାହରେ ଭରିଯିବ। ପୁରୁଣା କାମରୁ ଲାଭ ପାଇବେ। ନୂଆ ସୋର୍ସରୁ ଆୟର ଅବସର ପାଇବେ। ଧନ ନିବେଶରୁ ଲାଭ ମିଳିବ। ରାଜନୀତିର ଲୋକମାନଙ୍କୁ ଜନସମର୍ଥନ ମିଳିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍।
ଅପରସ୍ପରସଂଭୂତଂ କିମନ୍ୟତ୍ କାମହୈତୁକମ୍। (୧୬/୮)

ସେହି ଅସୁରପ୍ରକୃତି ବିଶିଷ୍ଟ ଲୋକେ କହନ୍ତି ଯେ ଏ ସଂସାରରେ ବେଦପୁରାଣ ଆଦି କିଛି ସତ୍ୟ ନୁହେଁ, ସବୁକିଛି ହେଉଛି ଅସତ୍ୟ, ଧର୍ମ ଅଧର୍ମର ବ୍ୟବସ୍ଥାପକ ଈଶ୍ୱର ବୋଲି କିଛି ନାହିଁ। ଏହି ସଂସାର କେବଳ ସ୍ତ୍ରୀ ଓ ପୁରୁଷର ସଂଯୋଗରୁ ଜାତ। ସ୍ତ୍ରୀ, ପୁରୁଷଙ୍କ କାମ ହିଁ ଏହାର କାରଣ। ଅର୍ଥାତ ମଣିଷର କାମନା ଓ ବାସନା ତୃପ୍ତ କରିବା ପାଇଁ ଜଗତର ସମସ୍ତ ପଦାର୍ଥ ସୃଷ୍ଟି ହେଇଛି। କାମନା ବ୍ୟତୀତ ଏହାର ଆଉ କ'ଣ ହେତୁ ହେଇପାରେ ?

ଶ୍ରୀ ରାମକୃଷ୍ଣ କହନ୍ତି -ଜଣେ ସଂସାରରେ ବୁଡି ରହିଥିବା ସଂସାରୀ କେମିତି ଧର୍ମ ମାର୍ଗକୁ ଭଲ ପାଏନି ତା'ର ଆଚରଣ ଓ ବ୍ୟବହାରରୁ ଜାଣିହେବ। ସେ ହରିନାମ ଗାନ ଓ ଈଶ୍ୱରଙ୍କ ଗୁଣ କୀର୍ତ୍ତନର ଶ୍ରବଣ ବିରୋଧରେ ଅଭିଯୋଗ କରେ। ସେ ଈଶ୍ୱରଙ୍କ ପଥରେ ଯିବା ପାଇଁ ଅନ୍ୟମାନଙ୍କୁ ବାରଣ କରେ। ଧର୍ମ ଅନୁଷ୍ଠାନଗୁଡିକୁ ଗାଳିଦିଏ। ସେ ଖୋଲାଖୋଲି ଭାବରେ ସାଧୁ ସନ୍ଥ ଏବଂ ଶୁଦ୍ଧ ଈଶ୍ୱରୀୟ ବାଣୀକୁ ଅବମାନନା କରେ। ଏଭଳି ଲୋକେ ସଂସାର ଭିତରେ ବୁଡି ରହିଛନ୍ତି ବୋଲି ଜାଣିବ।

## ସ୍ପେସ୍ ଫାର୍ମିଂର ସଫଳତା



ବୈଜ୍ଞାନିକମାନଙ୍କର ଜିଜ୍ଞାସା ହେଉଛି ଯେ ଆଗାମୀ ଦିନରେ ଅନ୍ତରୀକ୍ଷ ଯାତ୍ରୀମାନେ ଚନ୍ଦ୍ରପୃଷ୍ଠରେ ଫସଲ ଉତ୍ପନ୍ନ କରିପାରିବେ କି ? ଚନ୍ଦ୍ରପୃଷ୍ଠରେ ଦୀର୍ଘ ଦିନ ଧରି ରହିବା ଓ କାମ କରିବା ପାଇଁ ସେଠିକାର ସଂସାଧନଗୁଡ଼ିକର ଉପଯୋଗ କରିବା ଏଥିପାଇଁ ବହୁତ ଜରୁରୀ ହୋଇଥାଏ। ଏସବୁକୁ ଧ୍ୟାନରେ ରଖି ଏକ ପ୍ରୟୋଗ କରାଯାଇଛି। ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଅଧ୍ୟୟନକାରୀମାନେ ଚନ୍ଦ୍ରର ମାଟି ପରି ନକଲି ମାଟି ପ୍ରସ୍ତୁତ କରି ସେଥିରେ ଚଣା ଉତ୍ପନ୍ନ କରାଇବା ପାଇଁ ଚେଷ୍ଟା କରି ଶେଷରେ ସଫଳତା ଲାଭ କରିଛନ୍ତି। ଏଥିପାଇଁ କାବୁଲି ଚଣାର ମାଇଲ୍ସ ପ୍ରକାରକୁ ଚୟନ କରାଯାଇଥିଲା ଯାହାର ଆକାର ଅନ୍ତରୀକ୍ଷର ବାତାବରଣରେ ଫସଲ ଉତ୍ପନ୍ନ କରିବା ପାଇଁ ଉପଯୁକ୍ତ ବୋଲି କୁହାଯାଉଛି। ଏହି ସଫଳତା ଦ୍ୱାରା ଏବେ ଆଶା କରାଯାଉଛି ଯେ ଭବିଷ୍ୟତରେ ଅନ୍ତରୀକ୍ଷ ଯାତ୍ରୀମାନେ ଚନ୍ଦ୍ରପୃଷ୍ଠରେ ଫସଲ ଉତ୍ପନ୍ନ କରିପାରିବେ ଯେଉଁଥିରୁ ତାଜା ଖାଦ୍ୟ ମିଳିପାରିବ। ଏହି ପ୍ରୋଜେକ୍ଟର ପ୍ରମୁଖ ବୈଜ୍ଞାନିକ ସାରା ସ୍ୟାଣ୍ଟୋସ୍ କହିଛନ୍ତି ଯେ ଅଧ୍ୟୟନର ଉଦ୍ଦେଶ୍ୟ ଚନ୍ଦ୍ରପୃଷ୍ଠରେ ଫସଲ ଉତ୍ପନ୍ନ କରାଇବାର ସମ୍ଭାବନା ବିଷୟରେ ଜାଣିବା। ସେମାନେ ଜାଣିବାକୁ ଚାହୁଁଥିଲେ ଯେ ଲୁନାର ରେଗୋଲିଥ୍ ଅର୍ଥାତ ଚନ୍ଦ୍ରପୃଷ୍ଠର ଧୂଳିକୁ ମାଟିରେ କିପରି ପରିବର୍ତ୍ତିତ କରାଯାଇପାରିବ ଓ କେଉଁ ପ୍ରକାରର ପ୍ରାକୃତିକ ତନ୍ତ୍ର ଏଥିରେ ସାହାଯ୍ୟ କରିପାରିବ। ପୃଥିବୀ ମାଟିରୁ ଅଲଗା ବ୍ୟାକ୍ଟେରିଆ ଓ କାର୍ବନିକ ପଦାର୍ଥ ନଥାଏ ଯେଉଁଗୁଡ଼ିକ ଉପରେ ଗଛ ନିର୍ଭର କରନ୍ତି। ତେବେ ଏଥିରେ ଜରୁରୀ ଖଣିଜ ଥାଏ କିନ୍ତୁ କିଛି ଭାରି ଧାତୁ ବି ଥାଏ ଯେଉଁଗୁଡ଼ିକ ଗଛଗୁଡ଼ିକୁ ବୃଦ୍ଧି କରାଇବାରେ ରୋକିଥାନ୍ତି। ବୈଜ୍ଞାନିକମାନେ ପ୍ରୟୋଗରେ ଯେଉଁ ମାଟିର ବ୍ୟବହାର କରିଛନ୍ତି ସେ ଆପୋଲୋ ପ୍ରୋଗ୍ରାମ ସମୟରେ ଚନ୍ଦ୍ରପୃଷ୍ଠରୁ ଅଣାଯାଇଥିବା ନମୁନା ପରି। ମାଟିକୁ ଆହୁରି ଉତ୍କୃଷ୍ଟ କରାଇବା ପାଇଁ ଏଥିରେ ପୋଷକ ତତ୍ତ୍ୱଗୁଡ଼ିକର ବ୍ୟବହାର କରାଯାଇଛି।

## ମହାଦେବ ଜଟା ଜଡ଼ିବୁଟି

ଝାଡ଼ଖଣ୍ଡର କୃଷି ବୈଜ୍ଞାନିକମାନେ ବିଶେଷ କରି ସେଠିକାର ଜଙ୍ଗଲରେ କିଛି ଜଡ଼ିବୁଟିର ଅନ୍ୱେଷଣ କରିଛନ୍ତି ଯାହା ଦେଖିବାକୁ ମହାଦେବଙ୍କ ଜଟା ପରି। ସେଥିପାଇଁ ଏହାର ନାମ ଦିଆଯାଇଛି ମହାଦେବ ଜଟା ଜଡ଼ିବୁଟି ଯେଉଁଥିରେ ଥାଏ କିଛି ଜରୁରୀ ପୋଷକ ତତ୍ତ୍ୱ ଯେଉଁଗୁଡ଼ିକ କିଡ୍‌ନୀ ବିଶେଷ କରି ମାଇଗ୍ରେନ୍ ସମସ୍ୟାକୁ ଠିକ୍ କରିଥାଏ। ବୈଜ୍ଞାନିକମାନେ ରାଞ୍ଚି ଆଖପାଖର ଜଙ୍ଗଲ ପରି ଖୁଣ୍ଟି ଜଙ୍ଗଲରେ ଏହି ଜଡ଼ିବୁଟିର ଅନ୍ୱେଷଣ କରିଥିଲେ। ଏ ପର୍ଯ୍ୟନ୍ତ ହୋଇଥିବା ରିସର୍ଚ୍ଚ ଅନୁସାରେ ଏଥିରୁ ଜଣାପଡ଼ିଛି ଯେ ଯେଉଁ ଲୋକମାନଙ୍କୁ ୟୁରିନ୍ ସମସ୍ୟା ହୋଇଥାଏ ସେମାନଙ୍କୁ କିଡ୍‌ନୀରେ ଷ୍ଟୋନ୍ ହୋଇଥାଏ କିମ୍ବା ଗଲ୍ ବ୍ଲାଡର୍ ସମସ୍ୟା ହୁଏ। ସେମାନଙ୍କ ମଧ୍ୟରେ ଏହା ରାମବାଣ ଭାବରେ କାମ କରେ। ଅନେକ ଥର ଲୋକମାନଙ୍କ ମଧ୍ୟରେ ପରିସ୍ରାରେ ଜ୍ୱଳନ ପରି ସମସ୍ୟା ଦେଖିବାକୁ ମିଳେ ବା ଗଲ୍‌ବ୍ଲାଡର୍‌ରେ ଷ୍ଟୋନ୍ ହୋଇଯାଏ। ଏହି ସମସ୍ୟାଗୁଡ଼ିକ ପାଇଁ ମହାଦେବ ଜଟା ହେଉଛି ରାମବାଣ। ତେବେ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଇନ୍‌ଫ୍ଲାମେଟୋରୀ ଗୁଣ ଏଥିରେ ପ୍ରଚୁର ମାତ୍ରାରେ ରହିଛି ଓ କିଡ୍‌ନୀ ଇନ୍‌ଫେକ୍ସନ୍‌ରେ ହେଉଥିବା ବ୍ୟାକ୍ଟେରିଆ ପାଇଁ ଏହା ଶତ୍ରୁ ଭଳି କାମ କରୁଛି।



ୟୁରିନ୍ ପରିବର୍ତ୍ତେ ଯେଉଁ ସଂକ୍ରମଣ ହୋଇଥାଏ ବା ଅନେକ ଥର ୟୁଟିଆଇ ହୁଏ ସେଥିରେ ଯେଉଁ ବ୍ୟାକ୍ଟେରିଆ ଥାଆନ୍ତି ସେଗୁଡ଼ିକ ଖୁବ୍ ଶକ୍ତିଶାଳୀ ହୋଇଥାନ୍ତି। ଏହି ରୋଗ ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ କିନ୍ତୁ ଯଦି ଏହି ଜଡ଼ିବୁଟିକୁ ପାଣିରେ ଫୁଟେଇ ଏହାର ପାଣିକୁ ପିଇବେ ତେବେ କିଛି ଦିନ ମଧ୍ୟରେ ସଂକ୍ରମଣ ଧୀରେ ଧୀରେ ଶେଷ ହୋଇଯିବ ଓ ରୋଗୀ ହାଲୁକା ଅନୁଭବ କରିବ। ସିଧା ଭାବରେ କହିବାକୁ ଗଲେ ଏହା କିଡ୍‌ନୀକୁ ପ୍ୟୁରିଫାଇ କରିବା ସହିତ ବ୍ୟାକ୍ଟେରିଆଙ୍କୁ ହଟାଇ ଦିଏ। କେଉଁଠାରେ ସ୍ୱେଲିଂ ବା ଇନ୍‌ଫ୍ଲାମେସନ୍ ଥିଲେ ତାହାକୁ କମ୍ କରାଏ। ରେଗୁଲାର ୟୁରିନ୍‌ରେ ଏହା ସହାୟକ ହୋଇଥାଏ। ଆମେ ଯେତେବେଳେ ବି ପାଣି ପିଅନ୍ତି ଏହା ସିଧା ଯାଇ କିଡ୍‌ନୀ ଉପରେ ଆଟାକ୍ କରେ କିନ୍ତୁ ସକାରାତ୍ମକ ଭାବରେ।

## ନିଜ ଉପରେ ଅକ୍ଷୟଙ୍କ ଭରସା



ଅଭିନେତା ଅକ୍ଷୟ ଖାନ୍ନାଙ୍କର ବଲିଉଡ୍ ଯାତ୍ରା ସହଜ ରହିନାହିଁ। ଫ୍ଲପ୍ ଡେବ୍ୟୁ ଓ ଲଗାତର ଅସଫଳ ଫିଲ୍ମଗୁଡ଼ିକ ସତ୍ତ୍ୱେ ସେ ପରାଜୟ ସ୍ୱୀକାର କରିନାହାନ୍ତି। ଆଜି 'ଧୁରନ୍ଧର' ପରି ଫିଲ୍ମ ଜରିଆରେ ସେ ପୁଣି ଥରେ ଲୋକମାନଙ୍କ ହୃଦୟ ଜୟ କରିଛନ୍ତି। ତାଙ୍କର କ୍ୟାରିୟର୍ ସଂଘର୍ଷ, ପ୍ରତିଭା ଓ ଫିଲ୍ମି ଜଗତକୁ ଦମ୍‌ଦାର ଷ୍ଟାଇଲ୍‌ରେ ଫେରିବା ଉଦାହରଣ ହୋଇଯାଇଛି। ତେବେ ଏହା ମଧ୍ୟ ସତ ଯେ ବଲିଉଡ୍‌ରେ ପ୍ରତି ଷ୍ଟାର୍‌ଙ୍କ ଅଭିନୟ ଯାତ୍ରା ଏକାପରି ନୁହେଁ। ଅକ୍ଷୟ ଖାନ୍ନା ହେଉଛନ୍ତି ସେହି କେତେଜଣ କଳାକାରଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନଙ୍କ କ୍ୟାରିୟର୍ ଉତ୍ଥାନ-ପତନ ଦେଇ ଗତି କରିଛି। କ୍ୟାରିୟର୍ ଆରମ୍ଭର ଅନେକ ବର୍ଷ ପରେ ଏବେ ଅଭିନେତାଙ୍କୁ ଲୋକମାନଙ୍କ ମଧ୍ୟରେ ନୂଆ ପରିଚୟ ମିଳିଛି ଯାହାର ଯୋଗ୍ୟ ଥିଲେ ଅକ୍ଷୟ ଖାନ୍ନା। ୧୯୯୭ର ଫିଲ୍ମ 'ହିମାଳୟ ପୁତ୍ର' ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଫିଲ୍ମଟିକୁ ପ୍ରଡ୍ୟୁସ୍ କରିଥିଲେ ତାଙ୍କର ସ୍ୱର୍ଗୀୟ ପିତା ବିନୋଦ ଖାନ୍ନା। ବଡ଼ ବ୍ୟାନର୍ ଓ ମଜଭୁତ ବଜେଟ୍ ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହୋଇପାରି ନଥିଲା। କିନ୍ତୁ କ୍ୟାରିୟରର ଆରମ୍ଭ ଦୁର୍ବଳ ଥିଲେ ମଧ୍ୟ ଅକ୍ଷୟ ଖାନ୍ନା ପରାଜୟ ସ୍ୱୀକାର କରିନଥିଲେ। ଡେବ୍ୟୁ ଫିଲ୍ମ ପରେ ଦର୍ଶକମାନେ ତାଙ୍କୁ ଦେଖିଥିଲେ ଫିଲ୍ମ 'ବର୍ଡର'ରେ ଯେଉଁଥିରେ ଦର୍ଶକମାନେ ତାଙ୍କୁ ଖୁବ୍ ପସନ୍ଦ କରିଥିଲେ ମଧ୍ୟ ଲଗାତର ଫିଲ୍ମଗୁଡ଼ିକ ଫ୍ଲପ୍ ହୋଇଥିଲା ଯେଉଁଥିରେ ରହିଥିଲା ମୋହବତ, ଡ଼ୋଲୀ ସଜାକେ ରଖନା, ଆ ଅବ୍ ଲୌଟ୍ ଚଲେଁ, ଲାୱାରିସ୍ ପରି ଫିଲ୍ମ। ଏହାପରେ ଭିନ୍ନ ପ୍ରକାରର ଭୂମିକାର ସେ ଚୟନ କଲେ ଓ ୧୯୯୯ରେ ଫିଲ୍ମ 'ତାଲ୍' ତାଙ୍କ କ୍ୟାରିୟର୍‌କୁ ଦେଇଥିଲା ନୂଆ ଦିଶା। ଫିଲ୍ମଟି ସେମି-ହିଟ୍ ପ୍ରମାଣିତ ହେବା ପରେ ଦିଲ୍ ଚାହାତା ହେ, ହମ୍ ରାଜ, ଦିୱାନଗୀ, ହଙ୍ଗାମା, ହଲଚଲ୍ ଓ ରେସ୍ ପରି ଫିଲ୍ମଗୁଡ଼ିକରେ ତାଙ୍କର ପ୍ରତିଭା ଦେଖିବାକୁ ମିଳିଥିଲା। ୧୮ଟି ଫ୍ଲପ୍ ଫିଲ୍ମ ପରେ ସେ ଅଭିନୟରୁ ଦୂରରେ ରହିଲେ ଓ ଇତ୍ତେଫାକ୍, ସେକ୍ସନ୍ ୩୭୫ ଓ ଦୃଶ୍ୟମ୍-୨ ପରି ଫିଲ୍ମଗୁଡ଼ିକରେ ନିଜକୁ ପ୍ରମାଣିତ କରିଛନ୍ତି। ଗତ ବର୍ଷର ଫିଲ୍ମ 'ଛାବା'ରେ ଔରଙ୍ଗଜେବଙ୍କ ଭୂମିକା ଓ ଫିଲ୍ମ 'ଧୁରନ୍ଧର'ରେ ଭିଲେନ୍ ଭୂମିକା ତାଙ୍କର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରେଇ ଦେଇଥିଲା। ଏବେ 'ଧୁରନ୍ଧର-୨' ମଧ୍ୟ ବକ୍ସ ଅଫିସ୍‌ରେ କମାଲ୍ କରୁଛି।

## ଫିଲ୍ମରେ ନାହିଁ ମଧ୍ୟାନ୍ତର



କାନାଡାର ମୁଭି ଥିଏଟର୍‌ଗୁଡ଼ିକରେ ରହିଛି ଏକ ପୁରୁଣା ନିୟମ। ସେଠାରେ ଫିଲ୍ମ ଚାଲିବା ସମୟରେ କୌଣସି ବ୍ରେକ୍ ବା ମଧ୍ୟାନ୍ତର ହୁଏ ନାହିଁ ତେବେ ଫିଲ୍ମ ଦୁଇ ଘଣ୍ଟାର ହୋଇଥାଉ କି ଚାରି ଘଣ୍ଟାର। ଫିଲ୍ମଗୁଡ଼ିକ ଲଗାତର ଚାଲିଥାଏ। ଦର୍ଶକମାନଙ୍କୁ ମିଳେନାହିଁ ବ୍ରେକ୍। କିନ୍ତୁ ରଣବୀର ସିଂହ, ଅର୍ଜୁନ ରାମପାଲ୍ ଓ ସଞ୍ଜୟ ଦତ୍ତ ଅଭିନୀତ ଫିଲ୍ମ 'ଧୁରନ୍ଧର-୨'ରେ ମଧ୍ୟାନ୍ତର ବା ଫିଲ୍ମ ମଝିରେ ଥିବା ବ୍ରେକ୍ ନିୟମକୁ ଭାଙ୍ଗିଦିଆଯାଇଛି। ଆଦିତ୍ୟ ଧରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଆକ୍ସନ୍ ଥ୍ରୀଲରର ସମୟ ହେଉଛି ୩-୪୦ ମିନିଟ୍‌ରୁ ୪ ଘଣ୍ଟା ୫ ମିନିଟ୍ ପର୍ଯ୍ୟନ୍ତ। କାନାଡ଼ାର ସିନେପ୍ଲେକ୍ସ ଥିଏଟର୍‌ଗୁଡ଼ିକରେ ଏହାର ଯେତେବେଳେ ସ୍କ୍ରିନିଂ ହୋଇଥିଲା ପ୍ରଥମ ଥର ପାଇଁ ୧୫ ମିନିଟ୍‌ର ମଧ୍ୟାନ୍ତର ଦିଆଯାଇଥିଲା। ଏହି ଘଟଣା ଭାଇରାଲ୍ ହୋଇଥିଲା ସୋସିଆଲ୍ ମିଡିଆରେ। ତେବେ କାନାଡ଼ା ଥିଏଟର୍ସରେ ବ୍ରେକ୍ ନ ରହିବାର ପରମ୍ପରା କାହିଁକି ରହିଛି ତାହା ଜାଣିଛନ୍ତି କି ? ଏହାର କାରଣ ବ୍ରେକ୍ ନ ରହିଲେ ଗୋଟିଏ ଦିନରେ ଅଧିକ ସ୍କ୍ରିନିଂ ହୋଇପାରେ ସେଥିପାଇଁ ଟିକେଟ ବିକ୍ରି ମଧ୍ୟ ବୃଦ୍ଧି ପାଏ। ଆମେରିକା ଓ କାନାଡ଼ାରେ ୧୯୮୦-୯୦ ଦଶକ ପର୍ଯ୍ୟନ୍ତ ଲମ୍ବା ଫିଲ୍ମଗୁଡ଼ିକରେ ମଧ୍ୟାନ୍ତର ରହୁଥିଲା କିନ୍ତୁ ପରେ ଏହି ନିୟମକୁ ହଟେଇ ଦିଆଯାଇଥିଲା। ଏବେ ଅଧିକାଂଶ ଫିଲ୍ମ ବ୍ରେକ୍ ବିନା ଚାଲୁଛି। ଏପରିକି ତିନି ଘଣ୍ଟାରୁ ଅଧିକ ସମୟର ଫିଲ୍ମ 'ଅବତାର-ଦ ୱେ ଅଫ୍ ୱାଟର୍' ବା 'କିଲର୍ସ ଅଫ୍ ଦ ଫ୍ଲାୱାର ମୁନ୍' ମଧ୍ୟ ମଧ୍ୟାନ୍ତର ବିନା ଚାଲିଥିଲା। କିନ୍ତୁ 'ଧୁରନ୍ଧର-୨' ପାଇଁ ସିନେପ୍ଲେକ୍ସ ଫିଲ୍ମର ଲମ୍ବା ରନ୍ ଟାଇମ୍‌କୁ ଦେଖିବା ପରେ ଦର୍ଶକମାନଙ୍କ ପାଇଁ ବିଶେଷ ବ୍ରେକ୍‌ର ବ୍ୟବସ୍ଥା କରାଯାଇଥିଲା।

## ରାଜାମାନଙ୍କର ଭୂମି: ରାଜସ୍ଥାନ



କ୍ଷେତ୍ରଫଳ ହିସାବରେ ଦେଶର ସବୁଠାରୁ ବଡ଼ ରାଜ୍ୟ-ରାଜ୍ୟସ୍ଥାନ। ଆଜି ଏହି ରାଜ୍ୟର ସ୍ଥାପନା ଦିବସ। ୧୯୪୯ର ଆଜିର ଦିନରେ ଯୋଧପୁର, ଜୟପୁର, ବିକାନେର ଓ ଜୈସଲମେର ନାମକ ଚାରୋଟି ସଂଯୁକ୍ତ ରାଜ୍ୟ ରାଜସ୍ଥାନରେ ସାମିଲ ହୋଇଥିଲେ ଓ ଏହି କ୍ଷେତ୍ରଟି ବୃହତ୍ତର ରାଜ୍ୟ ରାଜସ୍ଥାନରେ ନାମିତ ହୋଇଥିଲା। ଦେଶର ଉତ୍ତର-ପଶ୍ଚିମ କ୍ଷେତ୍ରରେ ସ୍ଥିତ ଏହା ଏକ ସାଂସ୍କୃତିକ ବିବିଧତାର କେନ୍ଦ୍ରସ୍ଥଳୀ। ରାଜ୍ୟଗୁଡ଼ିକରେ ଥିବା ବିଶେଷତାଗୁଡ଼ିକ ମଧ୍ୟରେ ସିନ୍ଧୁ ଘାଟି ସଭ୍ୟତାର ଅବଶେଷ, ମନ୍ଦିର, କିଲ୍ଲା ଓ ପାଖାପାଖି ପ୍ରତି ସହରରେ ରହିଥିବା ଗଡ଼ ସାମିଲ ଅଛି। ନଅଟି କ୍ଷେତ୍ରରେ ଏହାକୁ ବିଭାଜିତ କରାଯାଇଛି ଯଥା-ଆଜମେର ରାଜ୍ୟ, ହାଡ଼ୌତି, ଧୁନ୍ଧାର, ଗୋରୱାଡ଼, ଶେଖାୱାଟୀ, ମେବାଡ଼, ମାରୱାଡ଼, ୱାଗଡ଼ ଓ ମୋୱାତ। ଏହି କ୍ଷେତ୍ରଗୁଡ଼ିକ ନିଜର ଐତିହ୍ୟ ଓ କଳାତ୍ମକ ଯୋଗଦାନ ପାଇଁ ସମାନ ଭାବରେ ସମୃଦ୍ଧ।



**ଇତିହାସ**-ରାଜସ୍ଥାନର ପାଖାପାଖି ୫୦୦୦ ବର୍ଷର ପୁରୁଣା ଇତିହାସ ରହିଛି। ଏହାକୁ ତିନୋଟି ଭାଗରେ ବର୍ଗୀକୃତ କରାଯାଇପାରେ-ପ୍ରାଚୀନ, ମଧ୍ୟକାଳୀନ ଓ ଆଧୁନିକ।

**କାହିଁକି ପାଳନ କରାଯାଏ**-୩୦ ମାର୍ଚ୍ଚ ୧୯୪୯ରେ ରାଜପୁତନାର ବଡ଼ ରାଜ୍ୟଗୁଡ଼ିକୁ ଏକୀକରଣ କରି ଆଧୁନିକ ରାଜସ୍ଥାନର ମୂଳଦୁଆ ପକାଯାଇଥିଲା। ବ୍ରିଟିଶ ରାଜଶାହୀ ଦ୍ୱାରା ଆପଣା ଯାଇଥିବା ରାଜପୁତନା ନାମକୁ ଦେଶର ଡୋମିନିୟନ୍‌ରେ ବିଲୟ କରିଦିଆଯିବା ପରେ ରାଜ୍ୟର ଗଠନ ହୋଇଥିଲା। ଜୟପୁର ସବୁଠାରୁ ବଡ଼ ସହର ଥିବାରୁ ତାକୁ ରାଜଧାନୀ ଘୋଷଣା କରାଯାଇଥିଲା। ୧୯୪୯ରେ ଏହି ଦିନ ଯୋଧପୁର, ଜୟପୁର, ବିକାନେର ଓ ଜୈସଲମେର ଚାରିଟି ସଂଯୁକ୍ତ ରାଜ୍ୟ ରାଜସ୍ଥାନରେ ବିଲୟ ହୋଇଗଲେ ଓ ଏହି କ୍ଷେତ୍ରଟି ବୃହତ୍ତର ରାଜସ୍ଥାନ ନାମରେ ପରିଚୟ ପାଇଲା। ରାଜସ୍ଥାନ ନିଜ ସୀମାଗୁଡ଼ିକ ଭିତରେ ବୀରତା, ପ୍ରକୃତି ଓ ପୂର୍ବଜମାନଙ୍କ କାହାଣୀଗୁଡ଼ିକୁ ସଂଯୋଗ କରି ରଖିଛି।

## ବିଶ୍ୱ ବାଇପୋଲାର୍ ଦିବସ

ବାଇପୋଲାର ଡିସ୍‌ଅର୍ଡର ବା ମନୋଦଶା ବିକାର ସମ୍ପର୍କରେ ସଚେତନତା ବୃଦ୍ଧି କରିବା, ଏହା ପ୍ରତି ରହିଥିବା ସାମାଜିକ କଳଙ୍କକୁ କମ୍ କରିବା ଓ ଲୋକମାନଙ୍କୁ ଏ ବିକାର ପ୍ରତି ଶିକ୍ଷିତ କରାଇବା ପାଇଁ ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ବାଇପୋଲାର ଦିବସ। ପ୍ରସିଦ୍ଧ ଚିତ୍ରକାର ଭିନ୍‌ସେଣ୍ଟ ଭ୍ୟାନ୍ ଗଗ୍‌ଙ୍କ ଜୟନ୍ତୀ ସହିତ ଏହି ଦିବସ ପାଳନ କରାଯାଏ ଯାହାଙ୍କ ମୃତ୍ୟୁ ପରେ ବାଇପୋଲାର୍ ବିକାର ଦ୍ୱାରା ସେ ଗ୍ରସ୍ତ ହୋଇଥିବା କଥା ଜଣାପଡ଼ିଥିଲା। ଏହା ଏକ ମାନସିକ ବେମାରୀ ଯାହା ମୁଡ୍, ଉର୍ଜା ଓ ଦୈନିକ କାର୍ଯ୍ୟଗୁଡ଼ିକୁ କରିବାର କ୍ଷମତାରେ ଅସାମାନ୍ୟ ପରିବର୍ତ୍ତନ ଆଣିଥାଏ ଯେଉଁଥିରେ ଉନ୍ମାଦ ଓ ଅବସାଦ ମଧ୍ୟରେ ଗତି କରିବାକୁ ପଡ଼େ। ଏଥିରେ ମନୋଦଶାରେ ଦ୍ରୁତ ପରିବର୍ତ୍ତନ ଦେଖାଯାଏ। ଏହା ମଧ୍ୟରେ ଭାବନାତ୍ମକ ଉଚ୍ଚ ଅବସ୍ଥା (ଉନ୍ମାଦ) ଓ ନିମ୍ନ ଅବସ୍ଥା (ଅବସାଦ) ସାମିଲ ଅଛି। ଉନ୍ମାଦ ସମୟରେ ରୋଗୀ ଅତ୍ୟଧିକ ଉର୍ଜାବାନ, ଆବେଗଶୀଳ ବା ବହୁତ ଚିଡ଼ଚିଡ଼ା ଅନୁଭବ କରିଥାଏ। ଅବସାଦ ଅବସ୍ଥାରେ ସେ ସାଧାରଣତଃ ନିରାଶା, ଉଦାସ ଅନୁଭବ କରିଥାଏ ଓ ଦୈନିକ ଗତିବିଧିଗୁଡ଼ିକରୁ ନିଜର ରୁଚି ହରାଇଦିଏ। ତେବେ ବାଇପୋଲାର ବିକାରର ଚିକିତ୍ସା ସମ୍ଭବ। ଅଧିକାଂଶ ଲୋକ ଔଷଧ ଓ ଥେରାପି ମାଧ୍ୟମରେ ଲକ୍ଷଣଗୁଡ଼ିକୁ ନିୟନ୍ତ୍ରଣ କରିଥାନ୍ତି। ଏଥିରେ ସାଧାରଣତଃ ହାଲୁକା ହାଇପୋମେନିଆରୁ ଆରମ୍ଭ କରି ଗମ୍ଭୀର କ୍ଲିନିକାଲ୍ ଡିପ୍ରେସନ୍ ପର୍ଯ୍ୟନ୍ତ ଚରଣ ଥାଏ। ଉପଚାର ବିନା ଏହା ଅଧିକ ଗମ୍ଭୀର ହୋଇପାରେ ଓ ରୋଗୀ ବେକାବୁ ଅନୁଭବ କରିପାରେ। କିନ୍ତୁ ପେସାଗତ ଯତ୍ନ ସହିତ ରୋଗୀମାନଙ୍କୁ ସ୍ଥିର ଓ ସନ୍ତୁଷ୍ଟିପୂର୍ଣ୍ଣ ଜୀବନ ଜିଇଁବାରେ ସାହାଯ୍ୟ ମିଳିଯାଏ।





ଆଜିର ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଗୁଆହାଟୀ

ନିତିଦିନ NITIDIN

# ସାବାଲେଙ୍କାଙ୍କୁ ମିଆମୀ ଓପନ୍ ଟାଇଟଲ୍



**ମିଆମୀ,୨୯ା୩/ଏଜେନ୍ସି:** ଆରିନା ସାବାଲେଙ୍କା ମିଆମୀ ଓପନ୍ ଟାଇଟଲ୍ ନିଜ ନାମରେ କରିଛନ୍ତି । ଫାଇନାଲ୍‌ରେ ସେ ବିଶ୍ୱ ଚତୁର୍ଥ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ୬-୨, ୪-୬. ୬-୩ ସେଟ୍‌ରେ ହରାଇବା ସହିତ ଇଗା ସ୍ୱିଆତେକ୍‌ଙ୍କ ପରେ 'ସନ୍‌ସାଇନ୍ ଡବଲ୍' ପୂରା କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି । ଏହା ତାଙ୍କର ଦ୍ୱିତୀୟ ମିଆମୀ ଓପନ୍ ଟାଇଟଲ୍ । ଏହା ପୂର୍ବରୁ ଆସ୍‌ଲେ ବାର୍ଟି (୨୦୧୯ ଓ ୨୦୨୧) ଏବଂ ସେରେନା ୱିଲିୟମ୍ସ (୨୦୧୩ ଓ ୨୦୧୫)ରେ ଲଗାତାର ଏହି ଟୁର୍ଣ୍ଣାମେଣ୍ଟ ଜିତିଥିଲେ । ଫଳରେ ସାବାଲେଙ୍କା ମହାନ୍ ଖେଳାଳିଙ୍କ ସୂଚୀରେ ସ୍ଥାନ ହାସଲ କରିଛନ୍ତି । ସେହିପରି ଗୋଟିଏ ସିଜନ୍‌ରେ ଇଣ୍ଡିଆନ୍ ୱେଲ୍ସ ଏବଂ ମିଆମୀ ଓପନ୍ ଜିତିବାରେ ସାବାଲେଙ୍କା ପଞ୍ଚମ ମହିଳା ଖେଳାଳି ହୋଇଛନ୍ତି । ତାଙ୍କ ପୂର୍ବରୁ ଷ୍ଟେଫି ଗ୍ରାଫ୍, କିମ୍ କ୍ଲିଷ୍ଟର୍ସ, ଭିକ୍ଟୋରିଆ ଆଜାରେଙ୍କା ଏବଂ ଇଗା ସ୍ୱିଆତେକ ଏହି କାରନାମା କରିସାରିଛନ୍ତି । ୨୦୦୦ ପରେ ବର୍ଷର ପ୍ରଥମ ଚାରି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିବାରେ ସାବାଲେଙ୍କା (ମାର୍ଟିନା ହିଙ୍ଗିସ୍ ୨୦୦୧, ସେରେନା ୱିଲିୟମ୍ସ ୨୦୦୩ ଓ ଭିକ୍ଟୋରିଆ ଆଜାରେଙ୍କା ୨୦୨୧)ଙ୍କ ପରେ ଚତୁର୍ଥ ଖେଳାଳି ହୋଇଛନ୍ତି । ଏ ସମସ୍ତ ଟୁର୍ଣ୍ଣାମେଣ୍ଟ ହାର୍ଡକୋର୍ଟରେ ହୋଇଥିବା ବେଳେ ସେ ଏହା ମଧ୍ୟରୁ ତିନିଟି ଜିତିଛନ୍ତି । ଏହା ମଧ୍ୟରେ ବ୍ରିସ୍‌ବେନ୍ ଏବଂ ସନ୍‌ସାଇନ୍ ଡବଲ୍ ସାମିଲ ।

ଏହି ବିଜୟ ସାବାଲେଙ୍କାଙ୍କ କ୍ୟାରିୟର୍‌ର ୨୪ତମ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଏବଂ ମୋଟ ଉପରେ ୩୦ତମ ଟାଇଟଲ୍ । ଏହା ମଧ୍ୟରେ ୪ ଗ୍ରାଣ୍ଡସ୍ଲାମ୍ ସିଙ୍ଗଲ୍ସ, ୨ ଡବଲ୍ସ, ୧୧ ଡବ୍ଲ୍ୟୁଟିଏ ୧୦୦୦ ସିଙ୍ଗଲ୍ସ ଟାଇଟଲ୍ ଏବଂ ଦୁଇ ଡବଲ୍ସ ଟାଇଟଲ୍ ସାମିଲ । ସାବାଲେଙ୍କା ଦୀର୍ଘ ସମୟ ଧରି ବିଶ୍ୱର ଏକ ନମ୍ବର ଖେଳାଳି ଅଛନ୍ତି ଏବଂ ଏବେ ତାଙ୍କର ଏହି ସ୍ଥିତି ଆହୁରି ମଜଭୁତ ହୋଇଛି । ସେ ବିଶ୍ୱର ନମ୍ବର ଏକ ଖେଳାଳି ଭାବେ ମୋଟ ୮୩ ସପ୍ତାହ ବିତାଇ ସାରିଲେଣି ।

## ରୋହିତ, ରିକେଲ୍ଟନ୍‌ଙ୍କ ଅର୍ଦ୍ଧଶତକ; ଶାର୍ଦ୍ଦୁଳଙ୍କୁ ୩ ୱିକେଟ୍

# ମୁମ୍ବାଇ ଇଣ୍ଡିଆନ୍ସର ବିଜୟୀ ଅଭିଯାନ

**ମୁମ୍ବାଇ,୨୯ା୩/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଟିମ୍ ନିଜର ସବୁଠୁ ବଡ଼ ରନ୍ ଚେଜ୍ କରିବା ସହିତ ୧୪ ବର୍ଷ ପରେ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଜିତିଛି । ରବିବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚଳିତ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ୬ ୱିକେଟ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସକୁ ହରାଇଛି । କୋଲ୍‌କାତା ପ୍ରଥମେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ବିନିମୟ ୨୨୦ ରନ୍ କରିଥିବା ବେଳେ ମୁମ୍ବାଇ ୧୯.୧ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଛି ।

୨୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇକୁ ର୍ୟାନ୍ ରିକେଲ୍ଟନ୍ ଏବଂ ରୋହିତ ଶର୍ମା ଜୋର୍‌ଦାର ଆରମ୍ଭ ଦେଇଥିଲେ । ଉଭୟ ୭୧ ବଲ୍‌ରେ ୧୪୮ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ । ୧୨ଶ ଓଭର୍‌ରେ ରୋହିତଙ୍କୁ କ୍ୟାଚ୍ ଆଉଟ୍ କରି ବୈଭବ ଆରୋରା ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ । ରୋହିତ ୩୮ ବଲ୍‌ରେ ୬ଟି ଲେଖାଏଁ ଛକା ଓ ଚୌକା ବଳରେ ୭୮ ରନ୍‌ର ଇନିଂସ୍ ଖେଳିଥିଲେ । ରିକେଲ୍ଟନ୍ ୪୩ ବଲ୍‌ରେ ୪ ଚୌକା ଏବଂ ୮ ଛକା ସହାୟତାରେ ସର୍ବାଧିକ ୮୧ ରନ୍ କରି ରନ୍‌ଆଉଟ୍ ହୋଇଥିଲେ । ଏହା ବ୍ୟତୀତ ସୂର୍ଯ୍ୟକୁମାର ଯାଦବ ୧୬, ତିଳକ ବର୍ମା ୨୦ ରନ୍ କରି ଆଉଟ୍ ହୋଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୧୮ ଏବଂ ନମନ ଧର ୫ ରନ୍‌ରେ ଅପରାଜିତ ଫେରିଥିଲେ । କୋଲ୍‌କାତା ପକ୍ଷରୁ ବୈଭବ ଆରୋରା, କାର୍ତ୍ତିକ ତ୍ୟାଗୀ ଏବଂ ସୁନିଲ୍ ନରେନ୍ ୧-୧ ୱିକେଟ୍ ପାଇଥିଲେ ।

**କେକେଆର୍ ୬ ୱିକେଟ୍‌ରେ ପରାଜିତ**

**୧୪ ବର୍ଷ ପରେ ପ୍ରଥମ ମ୍ୟାଚ୍ ଜିତିଲା ମୁମ୍ବାଇ**



ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା କୋଲ୍‌କାତା ପକ୍ଷରୁ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ଏବଂ ଫିନ୍ ଆଲେନ୍ ପ୍ରଥମ ୱିକେଟ୍ ପାଇଁ ୬୯ ରନ୍ ଯୋଡ଼ି ଭଲ ଆରମ୍ଭ କରିଥିଲେ । ମାତ୍ର ଫିନ୍ ଆଲେନ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ଶାର୍ଦ୍ଦୁଳ ଠାକୁର ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ । ଆଲେନ୍ ୧୭ ବଲ୍‌ରେ ୬ ଚୌକା ଓ ୨ ଛକା ସହାୟତାରେ ଦ୍ରୁତ ୩୭ ରନ୍ କରିଥିଲେ । ଏହାପରେ କାମେରନ୍ ଗ୍ରୀନ୍ (୧୮)ଙ୍କୁ ଆଉଟ୍ କରି ଶାର୍ଦ୍ଦୁଳ କୋଲ୍‌କାତାକୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ । ରାହାଣେ ୪୦ ବଲ୍‌ରେ ୩ ଚୌକା ଓ ୪ ଛକା ସହାୟତାରେ ୬୭ ରନ୍‌ର ଇନିଂସ୍ ଖେଳି ଶାର୍ଦ୍ଦୁଳଙ୍କ ତୃତୀୟ ଶିକାର ହୋଇଥିଲେ । ଏହାପରେ ଅଙ୍ଗକ୍ରିଶ ରଘୁବଂଶୀ ଓ ରିଙ୍କୁ ସିଂହ ୬୦ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୨୦୦ ରନ୍ ପାର୍ କରାଇଥିଲେ । ରଘୁବଂଶୀ ୨୯ ବଲ୍‌ରେ ୬ ଚୌକା ଓ ଦୁଇ ଛକା ସହାୟତାରେ ୫୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ବିଦାୟ ନେଇଥିବା ବେଳେ ରିଙ୍କୁ ୨୧ ବଲ୍‌ରେ ୩୩ ରନ୍ କରି ଅପରାଜିତ ରହିଥିଲେ । ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩ଟି ୱିକେଟ୍ ନେଇଥିବା ବେଳେ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ମିଳିଥିଲା ।

## ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ୍ କ୍ରିକେଟ୍

# କ୍ୱାର୍ଟର୍ ଫାଇନାଲ୍‌ରେ ଗ୍ରୀନ୍ସ ଓ ଟାଉନ୍ କ୍ଲବ୍



**ଭୁବନେଶ୍ୱର,୨୯ା୩/ଏନ୍‌ଏନ୍‌ଏସ୍:** ଗ୍ରୀନ୍ସ କ୍ରିକେଟ୍ ଆସୋସିଏସନ୍ ଓ ଟାଉନ୍ କ୍ଲବ୍ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ପାଣ୍ଡରାସ୍ଥିତ ହାଇଟେକ୍ କଲେଜ୍ ପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ୍ ୧୭ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ଖେଳାଯାଇଥିବା ତୃତୀୟ ଏବଂ ଚତୁର୍ଥ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ମ୍ୟାଚ୍‌ରେ ଯଥାକ୍ରମେ ଗ୍ରୀନ୍ସ ଏକାଡେମୀ ୭ ରନ୍‌ରେ ପ୍ରଗତି ସ୍ପୋର୍ଟିଂକୁ ଏବଂ ଟାଉନ୍ କ୍ଲବ୍ ୭୨ ରନ୍‌ରେ ହାଇଟେକ୍ କ୍ରିକେଟ୍ ଏକାଡେମୀକୁ ହରାଇଛନ୍ତି ।

୩ୟ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଗ୍ରୀନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୦୨ ରନ୍ କରିଥିଲା । ଟିମ୍ ପକ୍ଷରୁ ଦୀପ୍ତାଂଶୁ ଦାସ ସର୍ବାଧିକ ୩୯ ରନ୍ କରିଥିବା ବେଳେ ସ୍ୱସ୍ତିକ ଦେହୁରୀ ୫ଟି ୱିକେଟ୍ ନେଇଥିଲେ । ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପ୍ରଗତି ସ୍ପୋର୍ଟିଂ ୯ ୱିକେଟ୍ ବିନିମୟରେ ୯୫ ରନ୍ କରିଥିଲା । ଅସୀମ ବାରାଦ ସର୍ବାଧିକ ୫୫ ରନ୍ କରିଥିଲେ । ଗ୍ରୀନ୍ସ ପକ୍ଷରୁ ଆର୍ଯ୍ୟନ୍ ମହାନ୍ତି ୩ଟି, ଶୁଭମ ମହାନ୍ତି, ଅଭିଷେକ ସେନାପତି ଏବଂ ଜଗନ୍ନାଥ ବେହେରା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଆର୍ଯ୍ୟନ୍ ମହାନ୍ତିଙ୍କୁ ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ଜେନା ମ୍ୟାନ୍ ଅଫ୍ ଦ ମ୍ୟାଚ୍‌ରେ ପୁରସ୍କୃତ କରିଥିଲେ ।

ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଟାଉନ୍ କ୍ଲବ୍ ୬ ୱିକେଟ୍ ବିନିମୟରେ ୧୩୮ ରନ୍ କରିଥିଲା । ଈଶାନ୍ ମହାପାତ୍ର ସର୍ବାଧିକ ୬୩ ରନ୍ କରିଥିଲେ । ଭବୋତୋଷ ବିଶ୍ୱାଳଙ୍କୁ ୪ ୱିକେଟ୍ ମିଳିଥିଲା । ଜବାବରେ ହାଇଟେକ୍ ଏକାଡେମୀ ୧୪.୨ ଓଭର୍‌ରେ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଈଶାନ୍ ମହାପାତ୍ରଙ୍କୁ ହାଇଟେକ୍ ମେଡିକାଲ୍ କଲେଜ ପିଇଟି ସୁରେଶ ନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍‌ରେ ପୁରସ୍କୃତ କରିଥିଲେ ।

## ଇତିହାସ ରଚିଲା ମୁମ୍ବାଇ ଇଣ୍ଡିଆନ୍ସ

# ୩୦୦ ଫ୍ରାଞ୍ଚାଇଜି ଟି-୨୦ ମ୍ୟାଚ୍ ଖେଳିବାରେ ବିଶ୍ୱର ପ୍ରଥମ ଟିମ୍



**ମୁମ୍ବାଇ,୨୯ା୩/ଏଜେନ୍ସି:** ଟି-୨୦ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବଡ଼ କୀର୍ତ୍ତିମାନ ନିଜ ନାମରେ କରିଛି । ରବିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ଚଳିତ ଆଇପିଏଲ୍ ୨୦୨୬ ସିଜନ୍‌ର ଦ୍ୱିତୀୟ ମ୍ୟାଚ୍ ପାଇଁ ପଡ଼ିଆକୁ ଓହ୍ଲାଇବା ମାତ୍ରେ ହିଁ ଟିମ୍ ଏପରି ଏକ ଉପଲବ୍ଧି ହାସଲ କରିଛି, ଯାହା ବିଶ୍ୱ କ୍ରିକେଟ୍‌ରେ ଏ ପର୍ଯ୍ୟନ୍ତ କୌଣସି ଫ୍ରାଞ୍ଚାଇଜି ଟିମ୍ କରିବାରେ ସଫଳ ହୋଇ ନାହାନ୍ତି । ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ୩୦୦ ମ୍ୟାଚ୍ ଖେଳିବାରେ ବିଶ୍ୱର ପ୍ରଥମ ଟିମ୍ ହୋଇଛି । ତେବେ ଟି-୨୦ କ୍ରିକେଟ୍ ଖେଳିବା ମାମଲାରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ପାକିସ୍ତାନ ଏବଂ ସମରସେଟ୍ ପରେ ତୃତୀୟ ଟିମ୍ ହୋଇଛି । ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୨୭୮ ମ୍ୟାଚ୍ ଖେଳିଥିବା ବେଳେ ଚାମ୍ପିଅନ୍‌ସ ଲିଗ୍‌ରେ ଟି-୨୦ରେ ୨୨ ମ୍ୟାଚ୍ ଖେଳିଛି ।

# ଆମେରିକାରେ କ୍ରିକେଟ୍ ଖେଳିବେ ଅଶ୍ୱିନ୍

**ନୂଆଦିଲ୍ଲୀ,୨୯ା୩/ଏଜେନ୍ସି:** ପୂର୍ବତନ ଭାରତୀୟ ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍ ଆମେରିକାରେ ଟି-୨୦ ଲିଗ୍ ଖେଳିବେ । ସେ ଆଗାମୀ ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି) ସିଜନ୍ ପାଇଁ ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ନ୍ସ ସହ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି । ଏହା ସହିତ ସେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାରେ ପ୍ରଥମ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ହୋଇଛନ୍ତି । ଅଶ୍ୱିନ୍ ୨୦୨୪ ଶେଷରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହିଥିଲେ । ଏହାପରେ ସେ ୨୦୨୫ ଆଇପିଏଲ୍‌ରେ ଚେନ୍ନାଇ ସୁପର୍‌କିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଖେଳିଥିଲେ । ମାତ୍ର ଏହି ସିଜନ୍ ତାଙ୍କ ପାଇଁ ଖାସ୍ ନଥିଲା । ଆଇପିଏଲ୍ ଶେଷ ହେବାପରେ ହିଁ ସେ ଏହି ଲିଗ୍‌ରୁ ମଧ୍ୟ ସନ୍ନ୍ୟାସ ଘୋଷଣା କରିଥିଲେ । ଏବେ ସନ୍ନ୍ୟାସ ପରେ ସେ ଗ୍ଲୋବାଲ୍ ଲିଗ୍ ଆଡ଼କୁ ମୁହାଁଇଛନ୍ତି । ଅଶ୍ୱିନ ନିଜର ଲମ୍ବା ଏବଂ ସଫଳ କ୍ୟାରିୟର୍‌ରେ ଭାରତ ବାହାରେ କୌଣସି ବି ଟି-୨୦ ଲିଗ୍‌ରେ ଭାଗ ନେଇନାହାନ୍ତି । ଆଇପିଏଲ୍ ବ୍ୟତୀତ କୌଣସି ଗ୍ଲୋବାଲ୍ ଫ୍ରାଞ୍ଚାଇଜି ଲିଗ୍‌ରେ ସେ ଖେଳିବା ଏହା ପ୍ରଥମ ଅବସର ହେବ । ଏହା ପୂର୍ବରୁ ସେ ଅଷ୍ଟ୍ରେଲିଆର ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ଥଣ୍ଡର୍ ସହିତ ଚୁକ୍ତି କରିଥିଲେ । କିନ୍ତୁ ଆଣ୍ଠୁ ସର୍ଜରୀ କାରଣରୁ ସେ ଖେଳିପାରି ନଥିଲେ ।

## ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍

# ଆରିଶ ନନ୍ଦ ଗୋସ୍ୱାମୀ ଚାମ୍ପିଅନ୍



**ଭୁବନେଶ୍ୱର,୨୯ା୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏବଂ କେଶୁରା ରୟାଲ୍ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ତୃତୀୟ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି । ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ପାଞ୍ଚ ରାଉଣ୍ଡର ଟୁର୍ଣ୍ଣାମେଣ୍ଟରେ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ (୪.୫ ପଏଣ୍ଟ) ଚାମ୍ପିଅନ୍ ଏବଂ କେଭି-୧ର ଆୟୁଷ୍ମାନ ବେହେରା (୪.୦) ରନର୍ସଅପ୍ ହୋଇଛନ୍ତି । ବାଳିକା ବିଭାଗରେ ଇନ୍ଦି ପଟ୍ଟନାୟକ ଏବଂ ସାନ୍‌ଭି ପ୍ରୋୟଂଶୀ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ବୟସ ବର୍ଗରେ ଆରିଶ ନନ୍ଦ ଗୋସ୍ୱାମୀ, ସାଇ କ୍ରିଷ୍ଣା ସାମଲ, ଶିବେଶ ଅବତାର ଏବଂ ସାଇ ଅୟଙ୍କ ସାହୁ ପ୍ରଥମ ହୋଇଛନ୍ତି ।

ଚାମ୍ପିଅନ୍‌ଶିପ୍‌ର ରାଜଗାଙ୍ଗପୁର ଡାଲ୍‌ମିଆ ସିମେଣ୍ଟର ପ୍ରଡକ୍ସନ୍ ମ୍ୟାନେଜର ଆଦିତ୍ୟ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ବୋହୂ ନିବେଦିତା ପଟ୍ଟନାୟକ ଏବଂ ନାତୁଣୀ ସୌମ୍ୟା ମହାନ୍ତି ଅତିଥି ଭାବେ ଉପସ୍ଥିତ ଥିଲେ ।

# ବିରାଟଙ୍କ ରେକର୍ଡ ବର୍ଷା

**ବେଙ୍ଗାଲୁରୁ,୨୯ା୩/ଏଜେନ୍ସି:** ଭାରତୀୟ ମହାନ୍ ବ୍ୟାଟର୍ ବିରାଟ କୋହଲି ଆଇପିଏଲ୍ ୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବିପକ୍ଷରେ ୬୯ ରନ୍‌ର ଇନିଂସ୍ ଖେଳି ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି । ଆଇପିଏଲ୍ ଇତିହାସରେ ଲକ୍ଷ୍ୟର ପିଛା କରି ୪୦୦୦ ରନ୍ କରିବାରେ ସେ ପ୍ରଥମ ଖେଳାଳି ହୋଇଛନ୍ତି । ଆଇପିଏଲ୍‌ରେ ଲକ୍ଷ୍ୟର ପିଛା କରି ସର୍ବାଧିକ ରନ୍ ସଂଗ୍ରହ ମାମଲାରେ ଡେଭିଡ୍ ୱାର୍ଣ୍ଣର୍ (୩୨୮୫) ଦ୍ୱିତୀୟ ଏବଂ ରୋହିତ ଶର୍ମା (୩୨୩୮ ରନ୍) ତୃତୀୟ ସ୍ଥାନରେ ରହିଛନ୍ତି । ଏହା ସହିତ କୋହଲି ଆଇପିଏଲ୍‌ରେ ସଫଳ ରନ୍ ଚେଜ୍‌ରେ ସର୍ବାଧିକ ୫୦+ ସ୍କୋର୍ କରିଥିବା ଖେଳାଳି ହୋଇଛନ୍ତି । ଏହି ମାମଲାରେ ମଧ୍ୟ ସେ ଡେଭିଡ୍ ୱାର୍ଣ୍ଣର୍‌ଙ୍କୁ ପଛରେ ପକାଇଛନ୍ତି । ବିରାଟ ଏହି କାରନାମା ୨୧ ଥର କରିଥିବା ବେଳେ ୱାର୍ଣ୍ଣର୍ ଓ ଶିଖର ଧୱନ୍ ୨୦-୨୦ ଥର ଏହି କାମ କରିଛନ୍ତି । ଏହା ବ୍ୟତୀତ ବର୍ତ୍ତମାନର ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର ୧୮ ଥର ଏବଂ ରୋହିତ ଶର୍ମା ୧୬ ଥର ସଫଳ ରନ୍ ଚେଜ୍‌ରେ ୫୦+ ସ୍କୋର୍ କରିଛନ୍ତି । ସେହିପରି ୬୯ ରନ୍‌ର ଇନିଂସ୍ ସହିତ ବିରାଟ କୋହଲି ଏସ୍‌ଆର୍‌ଏଚ୍ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି ।

# ସିଏସ୍‌କେର ୨/୩ ମ୍ୟାଚ୍‌ରୁ ବ୍ରେଭିସ୍ ବାଦ୍



**ଚେନ୍ନାଇ,୨୯ା୩/ଏଜେନ୍ସି:** ଆଇପିଏଲ୍ ୨୦୨୬ ସିଜନ୍ ଆରମ୍ଭରୁ ହିଁ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)କୁ ଦୁଇ ଦୁଇଟି ଧକ୍କା ଲାଗିଛି । ପ୍ରଥମେ ପୂର୍ବତନ କ୍ୟାପ୍‌ଟେନ୍ ଏମ୍‌ଏସ୍ ଧୋନି ଦୁଇ ସପ୍ତାହ ପାଇଁ ଟିମ୍‌ରୁ ବାଦ୍ ପଡ଼ିଥିବା ବେଳେ ଏବେ ସାଉଥ୍ ଆଫ୍ରିକାର ଯୁବ ବ୍ୟାଟର୍ ଡେୱାଲ୍ଡ ବ୍ରେଭିସ୍ ପ୍ରାରମ୍ଭିକ ଦୁଇ ତିନିଟି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ନ୍ୟୁଜ୍ ରିପୋର୍ଟ ଅନୁସାରେ ବ୍ରେଭିସ୍ ସାଇଡ୍ ଷ୍ଟ୍ରେନ୍ ସହ ସଂଘର୍ଷ କରୁଛନ୍ତି । ବ୍ରେଭିସ୍‌ଙ୍କ ସ୍ଥାନରେ ମାଥ୍ୟୁ ଶର୍ଟ କିମ୍ବା ସରଫରାଜ୍ ଖାନ୍‌ଙ୍କୁ ସୁଯୋଗ ମିଳିପାରେ । ସିଏସ୍‌କେ ନିଜର ପ୍ରଥମ ମ୍ୟାଚ୍ ଆସନ୍ତାକାଲି (ସୋମବାର) ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ । ଏହା ପରେ ଟିମ୍ ପଞ୍ଜାବ କିଙ୍ଗ୍‌ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ମୁକାବିଲା କରିବ । ସିଜନ୍ ଆରମ୍ଭ ଦିନ ହିଁ ଧୋନି ମାଂସପେଶୀରେ ଯନ୍ତ୍ରଣା କାରଣରୁ ପୂରା ଦୁଇ ସପ୍ତାହ ପାଇଁ ଖେଳିପାରିବେ ନାହିଁ ବୋଲି ଟିମ୍ ପକ୍ଷରୁ ଘୋଷଣା କରାଯାଇଥିଲା । ଏହା ପୂର୍ବରୁ ଟିମ୍‌ର ଫାଷ୍ଟ ବୋଲର୍ ନାଥନ୍ ଏଲିସ୍ ମଧ୍ୟ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରୀ କାରଣରୁ ପୂରା ସିଜନ୍‌ରୁ ବାଦ୍ ପଡ଼ିଥିଲେ । ତାଙ୍କ ସ୍ଥାନରେ ସ୍ପେନ୍‌ସର୍ ଜନ୍‌ସନ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଥିଲା ।

## ଦେଶ ବିଦେଶ

## ଆମେରିକାରେ ୮୦ ଲକ୍ଷ ଲୋକଙ୍କ ଟ୍ରମ୍ପ୍ ବିରୋଧୀ ମାର୍ଚ୍ଚ

# ୩,୩୦୦ ସ୍ଥାନରେ ବିରୋଧ ପ୍ରଦର୍ଶନ




**ୱାଶିଂଟନ୍ ଡିସି,୨୯ା୩/ଏଜେନ୍ସି:** ଆମେରିକାରେ ଶନିବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ଆୟୋଜିତ 'ନୋ କିଙ୍ଗ୍‌ସ ର୍ୟାଲି'ରେ ୮୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି । ମିଡିଆ ରିପୋର୍ଟ ଅନୁସାରେ ପୂରା ଆମେରିକାର ସମସ୍ତ ୫୦ ରାଜ୍ୟରେ ୩,୩୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ବିରୋଧ ପ୍ରଦର୍ଶନ ଆୟୋଜିତ କରାଯାଇଛି । ଆୟୋଜକ କହିଛନ୍ତି, ଅକ୍ଟୋବର ହୋଇଥିବା ଗତ ନୋ କିଙ୍ଗ୍‌ସ ପ୍ରଦର୍ଶନ ତୁଳନାରେ ଚଳିତ ଥର ପ୍ରାୟ ୧୦ ଲକ୍ଷ ଅଧିକ ଲୋକ ସାମିଲ ହୋଇଛନ୍ତି ଏବଂ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଆନ୍ଦୋଳନକାରୀ କହିଛନ୍ତି ସେମାନେ ଟ୍ରମ୍ପ୍ ସରକାରଙ୍କ କେତେକ ନୀତିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି । ସେମାନଙ୍କର ରୋଷ ବିଶେଷକରି ଇରାନ୍ ସହିତ ବୃଦ୍ଧି ପାଉଥିବା ଉତ୍ତେଜନା, କଠୋର ଇମିଗ୍ରେସନ୍ କାର୍ଯ୍ୟାନୁଷ୍ଠାନ ଏବଂ ବୃଦ୍ଧି ପାଉଥିବା ମହଙ୍ଗା ସହ ସମ୍ପୃକ୍ତ । ଏହି ଅବସରରେ କେତେକ ସ୍ଥାନରେ ଲୋକେ ଟ୍ରମ୍ପ୍ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ବିରୋଧରେ ପୋଷ୍ଟର୍ ପ୍ରଦର୍ଶନ କରିବା ସହିତ ସେମାନଙ୍କୁ ପଦରୁ ହଟାଇବା ପାଇଁ ଦାବି କରିଥିଲେ । ଅନେକ ନେତା ଓ ସେଲିବ୍ରିଟି ମଧ୍ୟ ଟ୍ରମ୍ପ୍‌ଙ୍କ ବିରୋଧରେ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ମଧ୍ୟରେ ମିନେସୋଟା ରାଜ୍ୟର ଡେମୋକ୍ରାଟ୍ ନେତା ବର୍ନୀ ସାଣ୍ଡର୍ସ, ସାଂସଦ ଇଲ୍‌ହାନ୍ ଉମର୍, ସେଣ୍ଟ ପଲ୍‌ରେ ସିଙ୍ଗର ମ୍ୟାଗୀ ରୋଜର୍ସ, ଜୋନ୍ ବେଜ୍ ଏବଂ ବ୍ରୁସ୍ ସ୍ପ୍ରିଙ୍ଗ୍‌ସଟିନ୍ ସାମିଲ ଥିଲେ ।

ଏହା ସହିତ ବିଦେଶରେ ମଧ୍ୟ ନୋ କିଙ୍ଗ୍‌ସ ଆନ୍ଦୋଳନର ସମର୍ଥନ ଦେଖିବାକୁ ମିଳିଥିଲା । ଗ୍ରୀସ୍ ରାଜଧାନୀ ଏଥେନ୍ସରେ ଆମେରିକା ଦୂତାବାସ ବାହାରେ ଲୋକମାନେ ଯୁଦ୍ଧ ବିରୋଧରେ ପ୍ରଦର୍ଶନ କରିଥିଲେ । ଇଟାଲୀ ରାଜଧାନୀ ରୋମ୍‌ରେ ପ୍ରଦର୍ଶନକାରୀ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତନ୍ୟାହୁ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଏବଂ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପୋଷ୍ଟର୍ ଧରି ବିରୋଧ ପ୍ରଦର୍ଶନ କରିଥିଲେ । ପ୍ୟାରିସ୍‌ରେ ଜଣେ ମହିଳା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ବେଶରେ ପ୍ରଦର୍ଶନରେ ସାମିଲ ହୋଇଥିଲେ ।

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିରୋଧରେ ଏବେ ସୁଦ୍ଧା ଜାତୀୟ ସ୍ତରରେ ତିନିଥର ନୋ କିଙ୍ଗ୍‌ସ ପ୍ରଦର୍ଶନ ହୋଇସାରିଛି । ପ୍ରଥମ ବଡ଼ ପ୍ରଦର୍ଶନ ୨୦୨୫ ଜୁନ୍‌ରେ ଆୟୋଜିତ ହୋଇଥିଲା । ଏହାପରେ ୨୦୨୫ ଅକ୍ଟୋବରରେ ଏବଂ ତୃତୀୟ ଥର ଶନିବାର ଏହି ବିରୋଧ ପ୍ରଦର୍ଶନ କରାଯାଇଛି ।

# ନେପାଳରେ ଛାତ୍ର ରାଜନୀତି ଉପରେ ରୋକ୍



**କାଠମାଣ୍ଡୁ,୨୦ା୩/ଏଜେନ୍ସି:** ନେପାଳରେ ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସରକାର ଛାତ୍ର ରାଜନୀତିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପାରମ୍ପରିକ ପରୀକ୍ଷାକୁ ବାତିଲ କରାଯାଇଛି, ଏବଂ ସ୍କୁଲ ଏବଂ କଲେଜଗୁଡ଼ିକୁ ସେମାନଙ୍କର ବିଦେଶୀ ନାମକୁ ନେପାଳୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଶନିବାର ରାତିରେ ଜାରି ହୋଇଥିବା ଏକ ଆଦେଶରେ ସରକାର କହିଛନ୍ତି ଯେ ଏହି ନିଷ୍ପତ୍ତିଗୁଡ଼ିକ ଏହାର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ଅଂଶ ଭାବରେ ନିଆଯାଇଛି । ଶିକ୍ଷାକୁ ରାଜନୀତିରୁ ମୁକ୍ତ ଏବଂ ଉନ୍ନତ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ । ମିଡିଆ ରିପୋର୍ଟ ଅନୁସାରେ ଏବେ ସ୍କୁଲ ଏବଂ କଲେଜରେ କୌଣସି ରାଜନୈତିକ କାର୍ଯ୍ୟକଳାପ ହେବ ନାହିଁ । ସମସ୍ତ ରାଜନୈତିକ ଦଳ ସହିତ ଜଡ଼ିତ ଛାତ୍ର ସଂଗଠନଗୁଡ଼ିକୁ ୬୦ ଦିନ ମଧ୍ୟରେ କଲେଜ୍ କ୍ୟାମ୍ପସ୍‌ରୁ ସେମାନଙ୍କର କାର୍ଯ୍ୟାଳୟ ହଟାଇବାକୁ ପଡିବ ।

ସେଗୁଡ଼ିକ ସ୍ଥାନରେ ସରକାର ୯୦ ଦିନ ମଧ୍ୟରେ ଛାତ୍ର ପରିଷଦ କିମ୍ବା ଛାତ୍ରଙ୍କ ଭଏସ୍ ଭଳି ନୂତନ ପ୍ଲାଟ୍‌ଫର୍ମ ଆରମ୍ଭ କରିବେ, ଯାହା ସମ୍ପୂର୍ଣ୍ଣ ଅଣ-ରାଜନୈତିକ ହେବ ଏବଂ କେବଳ ଛାତ୍ର ସମସ୍ୟା ଉପରେ ଧ୍ୟାନ ଦେବ । ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ସ୍କୁଲ ଏବଂ କଲେଜଗୁଡ଼ିକ ଆଉ ରାଜନୀତିର କେନ୍ଦ୍ର ହେବ ନାହିଁ, ବରଂ କେବଳ ଶିକ୍ଷା ପାଇଁ କାମ କରିବ । ଶିକ୍ଷାନୁଷ୍ଠାନରେ ଦୀର୍ଘକାଳୀନ ରାଜନୈତିକ ହସ୍ତକ୍ଷେପକୁ ସମାପ୍ତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ।

ଛାତ୍ରମାନଙ୍କ ପାଇଁ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମଧ୍ୟ କରାଯାଇଛି । ଏବେ ସ୍ନାତକ ପର୍ଯ୍ୟନ୍ତ ପଢ଼ିବା ପାଇଁ ନେପାଳୀ ନାଗରିକତାର ଆବଶ୍ୟକତା ପଡ଼ିବ ନାହିଁ । ସେହିପରି ଅକ୍ସଫୋର୍ଡ, ପେଣ୍ଟାଗନ କିମ୍ବା ସେଣ୍ଟ ଜାଭିୟର୍ସ ଭଳି ବିଦେଶୀ ନାମ ଥିବା ସ୍କୁଲ ଏବଂ କଲେଜଗୁଡ଼ିକୁ ଏହି ବର୍ଷ ମଧ୍ୟରେ ସେମାନଙ୍କ ନାମ ପରିବର୍ତ୍ତନ କରିବାକୁ ପଡିବ । ଏହା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା ଫଳାଫଳ ପ୍ରକାଶ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

**ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ମଧ୍ୟ ବାତିଲ**

**ସ୍କୁଲ୍-କଲେଜଗୁଡ଼ିକୁ ବିଦେଶୀ ନାମ ବଦଳାଇବାକୁ ହେବ**

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର

Editor: Manoj Kumar Mahapatra